ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI


- Vol.- 46, Issue No. 222
- Saturday, 14 November 2026
- ଶନିବାର, ୧୪ ନଭେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

‘ଅର୍ଣ୍ଣବ’ କ୍ଷତ ଲିଭିନାହିଁ, ଆସୁଛି ‘ଅକ୍ୱାନ’ !

- ୧୬ ସନ୍ଧ୍ୟାରେ ସମ୍ଭାବ୍ୟ ବାତ୍ୟା
- ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇପାରେ ଆଜି
- ୧୫ ତାରିଖ ସକାଳ ସୁଦ୍ଧା ‘ଅବପାତ’ !
- ଅଧିକ ଶକ୍ତିଶାଳୀ ହୋଇପାରେ ସମ୍ଭାବ୍ୟ ବାତ୍ୟା: ଆମେରିକୀୟ ପାଣିପାଗ ବିଶେଷଜ୍ଞ



ଭୁବନେଶ୍ୱର, ୧୩।୧୧: ଏବେ ବି ବାତ୍ୟା ଅର୍ଣ୍ଣବର କ୍ଷତ ଲିଭିନାହିଁ। ଆଣ୍ଡାମାନ ସାଗର ଏବଂ ଏହାର ସଂଲଗ୍ନ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଉପରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ନଭେମ୍ବର ୧୩ ତାରିଖ ସକାଳ ୫ଟା ୩୦ ମିନିଟ୍ ସମୟରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏବଂ ସକାଳ ୮ଟା ୩୦ ସୁଦ୍ଧା ଏହା ସେହି ଅଞ୍ଚଳରେ ରହିଛି । ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟଟି ସମୁଦ୍ର ପତନ ଠାରୁ ୫.୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ବିସ୍ତାରିତ ହୋଇ ରହିଛି । ନଭେମ୍ବର ୧୪ ତାରିଖରେ ଏହା ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି ଏବଂ ନଭେମ୍ବର ୧୫ ତାରିଖ ସକାଳ ସମୟ ବେଳକୁ ସେହି ଅଞ୍ଚଳରେ ଅଧିକ ଘନୀଭୂତ ହୋଇ ଏକ ‘ଅବପାତ’ର ରୂପ ନେବାର ସମ୍ଭାବନା ରହିଛି । ପରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରିବ ଏବଂ ନଭେମ୍ବର ୧୬ ତାରିଖ ସନ୍ଧ୍ୟା ସୁଦ୍ଧା ମଧ୍ୟ ବଙ୍ଗୋପସାଗର ଉପରେ ଅଧିକ ଘନୀଭୂତ ହୋଇ ଏକ ‘ବାତ୍ୟା’ରେ ପରିଣତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି । ଏକ ସୂତ୍ରରୁ ପ୍ରକାଶ ଯେ ଅବପାତ ସମ୍ଭାବ୍ୟ ବାତ୍ୟାରେ ପରିଣତ ହେଲେ ଏହାର ନାମ ରହିବ ‘ଅକ୍ୱାନ’। ଦକ୍ଷିଣ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେଉଥିବା ସମ୍ଭାବ୍ୟ ବାତ୍ୟା ଆଗାମୀ ଦିନରେ ଅଧିକ ଶକ୍ତିଶାଳୀ ହୋଇପାରେ। ଆମେରିକୀୟ ବିଶିଷ୍ଟ ପାଣିପାଗ ବିଶେଷଜ୍ଞ ଜାସନ୍ ନିକୋଲ୍ସ ସାମାଜିକ ଗଣମାଧ୍ୟମ ଏକ୍ସରେ ଏଭଳି ପୂର୍ବାନୁମାନ ଦେଇଛନ୍ତି । ଆନ୍ଧ୍ରପ୍ରଦେଶରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ସମ୍ଭାବ୍ୟ ପ୍ରଭାବ ଅଞ୍ଚଳ ମଧ୍ୟରେ ଓଡ଼ିଶା ଉପକୂଳ ମଧ୍ୟ ରହିଛି । ତେଣୁ ଏହି ପାଣିପାଗ ବ୍ୟବସ୍ଥାର ଗତିପଥ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ । ତେବେ ଓଡ଼ିଶାରେ ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବ କିମ୍ବା ରାଜ୍ୟରେ ବଡ଼ ଧରଣର ପ୍ରଭାବ ପଡ଼ିବ ବୋଲି ଏବେଠାରୁ ନିଶ୍ଚିତ କୁହାଯାଇପାରିବ ନାହିଁ । ଲଘୁଚାପ ଅବପାତରେ ପରିଣତ ହେବା ପରେ ଏହାର କେନ୍ଦ୍ର, ଗତିର ଦିଗ ଓ ତୀବ୍ରତା ସମ୍ପର୍କରେ ଅଧିକ ସ୍ପଷ୍ଟ ସୂଚନା ମିଳିପାରେ । ବିଶେଷକରି ଆସନ୍ତା ୪୮ରୁ ୭୨ ଘଣ୍ଟା ମଧ୍ୟରେ ପାଣିପାଗ ବ୍ୟବସ୍ଥାର ଗତିବିଧି ଉପରେ ନଜର ରହିବ । ବାତ୍ୟା ଅର୍ଣ୍ଣବ ପରେ ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା ଅକ୍ୱାନ୍‌କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ମାର୍ଚ୍ଚ ୧୨ରୁ ମାଟ୍ରିକ ପରୀକ୍ଷା



କଟକ, ୧୩।୧୧ (ନିପ୍ର): ରାଜ୍ୟରେ ମାଟ୍ରିକ ବା ଦଶମ ଶ୍ରେଣୀ ପରୀକ୍ଷା ପାଇଁ ପ୍ରକାଶ ପାଇଛି କାର୍ଯ୍ୟସୂଚୀ । ଆସନ୍ତା ମାର୍ଚ୍ଚ ୧୨ ତାରିଖରୁ ୨୭ ତାରିଖ ଯାଏଁ ଏହି ପରୀକ୍ଷା ଚାଲିବ । ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପରୀକ୍ଷା ସୂଚୀ ଜାରି କରାଯାଇଛି । ପ୍ରତିଦିନ ସକାଳ ୯ଟାରୁ ୧୧ଟା ୩୦ ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହେବ । କାର୍ଯ୍ୟସୂଚୀ ଅନୁସାରେ, ମାର୍ଚ୍ଚ ୧୨ ତାରିଖରେ ପ୍ରଥମ ଭାଷା ସାହିତ୍ୟ ପରୀକ୍ଷାରୁ ଆରମ୍ଭ ହେବ ଦଶମ ପରୀକ୍ଷା । ମାର୍ଚ୍ଚ ୧୫ରେ ବିଜ୍ଞାନ ଏବଂ ୧୭ ତାରିଖରେ ଗଣିତ ପରୀକ୍ଷା ହେବ। ସେହିପରି ମାର୍ଚ୍ଚ ୧୮ରେ ଭିଜୁଆଲ ଆର୍ଟ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେବ । ମାର୍ଚ୍ଚ ୧୯ ତାରିଖରେ ସାମାଜିକ ବିଜ୍ଞାନ ପରୀକ୍ଷା ରହିଥିବା ବେଳେ ୨୪ ତାରିଖରେ ଦ୍ୱିତୀୟ ଭାଷା ପରୀକ୍ଷା ହେବ। ଏହାପରେ ମାର୍ଚ୍ଚ ୨୫ରେ ହିନ୍ଦୀ ଏବଂ ୨୭ ତାରିଖରେ ସଂସ୍କୃତ ପରୀକ୍ଷା ସହ ଶେଷ ହେବ ଦଶମ ଶ୍ରେଣୀ ପରୀକ୍ଷା।

ଡିସେମ୍ବର ପହିଲାରୁ ଧାନ ଉଠାଇବେ ନାହିଁ ମିଲର୍ସ !

ଭୁବନେଶ୍ୱର, ୧୩।୧୧: ଓଡ଼ିଶା ରାଇସ୍ ମିଲର୍ସ ଆସୋସିଏସନ୍ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଥିବା ଏକସୂତ୍ରରୁ ପ୍ରକାଶ । ଲକ୍ଷ ଲକ୍ଷ ଟନ୍ ଧାନ ମିଲ୍‌ଗୁଡିକରେ ପଡିରହିଥିବା ବେଳେ ସରକାର ସେଗୁଡ଼ିକୁ ଉଠାଉନାହାନ୍ତି । ଫଳରେ ଅନେକ ସମସ୍ୟା ହେଉଛି । ବାରମ୍ବାର ସରକାରଙ୍କୁ ଅବଗତି କରାଯିବା ସତ୍ତ୍ୱେ ସରକାର ଶୁଣୁନଥିବାରୁ ୧୦ ଦିନର ମହଲତ ଦେଇଛି ମିଲର୍ସ ସଂଘ । ଏ ନେଇ ସଂଘ ପକ୍ଷରୁ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ଯେଉଁଥିରେ ସରକାରଙ୍କୁ ୧୦ ଦିନର ମହଲତ ଦେଇଛି ଆସୋସିଏସନ୍ । ଆଉ ଯଦି ସରକାର ନଶୁଣନ୍ତି ତେବେ ଡିସେମ୍ବର ୧ ତାରିଖରୁ ଆଉ ଧାନ ଉଠାଇବେ ନାହିଁ ମିଲର୍ସ । ଏପରି ମର୍ମରେ ୧୨ ଦଫା ଦାବି ନେଇ ରାଜ୍ୟ ସରକାରଙ୍କୁ ଦାବି ପତ୍ର ପ୍ରଦାନ କରିଛି ଓଡ଼ିଶା ରାଇସ ମିଲର୍ସ ଆସୋସିଏସନ୍।

ଆସାମ କାଜିରଙ୍ଗାରେ ଭୟଙ୍କର ଦୁର୍ଘଟଣା

କଣ୍ଟେନର-ମିନିବସ୍ ଧକ୍କା, ୨୪ ଜୀବନ ଗଲା



ଗୁଆହାଟୀ, ୧୩।୧୧: ଆସାମର କାଜିରଙ୍ଗା ନିକଟସ୍ଥ ରଙ୍ଗାଜାନ ଠାରେ ଶୁକ୍ରବାର ଅପରାହ୍ଣରେ ଛାତିଥରା ସଡ଼କ ଦୁର୍ଘଟଣା ଘଟିଛି। ଏକ କଣ୍ଟେନର ଟ୍ରକ୍ ଓ ମିନିବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ୨୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ବୋକାଖଟରୁ ନଗାଁଓ ଅଭିମୁଖେ ଯାଉଥିବା ଏହି ମିନିବସ୍‌କୁ ଏକ କଣ୍ଟେନର ଟ୍ରକ୍ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଛି। ଆହତ ଯାତ୍ରୀମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି। ଧକ୍କା ଏତେ ଜୋରଦାର ଥିଲା ଯେ ମିନିବସ୍‌ଟି ଭାଙ୍ଗିରୁଜି ଚୂରମାର ହୋଇଯାଇଛି। ଖବର ପାଇ ପୁଲିସ କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଆରମ୍ଭ କରିଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ଯାତ୍ରୀମାନଙ୍କୁ ଚିକିତ୍ସା ପାଇଁ କୋହୋରା ମଡେଲଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ ଜାତୀୟ ଉଦ୍ୟାନ ନିକଟରେ ଲାଗୁ ହୋଇଥିବା ଗତି କଟକଣାକୁ ଉଲ୍ଲଂଘନ କରି ମିନିବସ୍‌ଟି ଅତ୍ୟଧିକ ବେଗରେ ଗତି କରୁଥିଲା। ମିନିବସ୍ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ଫଳରେ ଏହା କଣ୍ଟେନର ଟ୍ରକ୍ ସହ ପିଟି ହୋଇ ଦୁର୍ଘଟଣା ଘଟିଥିବା ପ୍ରାଥମିକ ଭାବେ ଅନୁମାନ କରାଯାଇଛି।

କର୍ତ୍ତବ୍ୟ ତୁଲାଇବା ବେଳେ ୨ ପୋଲିସ ମୃତ



ଭଦ୍ରକ/ପୁରୀ, ୧୩।୧୧ (ନିପ୍ର): ଭଦ୍ରକ ଜିଲ୍ଲାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଲୁହା ବୋଝେଇ ଟ୍ରେଲର ସହ ପୋଲିସ ଭ୍ୟାନର ମୁହାଁମୁହିଁ ଧକ୍କା ହେବା ଫଳରେ ପୁରୀ ଜିଲ୍ଲାର ଦୁଇଜଣ ପୋଲିସ କନଷ୍ଟେବଳ ପ୍ରାଣ ହରାଇଛନ୍ତି। ଏହି ଦୁର୍ଘଟଣାରେ ଜଣେ ସହକାରୀ ଉପ-ନିରୀକ୍ଷକ, ଜଣେ ହୋମ୍ ଗାର୍ଡ ଏବଂ ଭ୍ୟାନ ଚାଳକଙ୍କ ସମେତ ଅନ୍ୟ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ପୋଲିସ କର୍ମଚାରୀମାନେ ହେଲେ କନଷ୍ଟେବଳ ପ୍ରଶାନ୍ତ ବାଗ (୩୮) ଏବଂ ହିମାଂଶୁ ରାୟ (୩୫)। ଆହତ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଅଛନ୍ତି ଏଏସ୍ଆଇ ଦିବ୍ୟ ରଞ୍ଜନ ସାହୁ (୩୨), ହୋମ୍ ଗାର୍ଡ ପ୍ରଶାନ୍ତ ଜେନା ଏବଂ ଭ୍ୟାନ ଚାଳକ। ଏହି ପାଞ୍ଚଜଣଯାକ ପୁରୀ ଜିଲ୍ଲାର ଅସ୍ତରଙ୍ଗ ଥାନା ଅଞ୍ଚଳର ବାସିନ୍ଦା ଅଟନ୍ତି।ସୂଚନା ଅନୁଯାୟୀ, ମୋବାଇଲ୍ ଫୋନ୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ କରିବା ପାଇଁ ଚାଲିଥିବା ଏକ ଅଭିଯାନ କ୍ରମରେ, ପୋଲିସର ଏହି ପାଞ୍ଚ ଜଣିଆ ଦଳ ଗତକାଲି ବିଳମ୍ବିତ ରାତିରେ ଅସ୍ତରଙ୍ଗରୁ ଭଦ୍ରକ ଜିଲ୍ଲାର ଧାମରା ଅଭିମୁଖେ ଯାଇଥିଲେ। ବାସୁଦେବପୁର ଅଞ୍ଚଳର ବିରାସ୍ ନିକଟରେ ଭଦ୍ରକ-ଧାମରା ରାସ୍ତାରେ ଯାଉଥିବା ବେଳେ, ସେମାନଙ୍କ ଭ୍ୟାନ ସହ ସାମ୍ନା ପଟୁ ଆସୁଥିବା ଏକ ଲୁହା ବୋଝେଇ ଟ୍ରେଲରର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁଇ ମୃତକଙ୍କୁ ଶୁକ୍ରବାର ଗାର୍ଡ ଅଫ ଅନର ଦିଆଯାଇଛି। ମୃତ ହିମାଂଶୁଙ୍କ ଚକ୍ଷୁଦାନ ତାଙ୍କ ପରିବାର ଲୋକେ କରିଥିବା ସୂଚନା ମିଳିଛି।

୧୬ରୁ ଦାୟିତ୍ୱ ନେବେ ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି



କଟକ, ୧୩।୧୧ (ନିପ୍ର): ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ ନିଯୁକ୍ତ ହୋଇଛନ୍ତି। ଏନେଇ ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସମ୍ବିଧାନର ଧାରା ୨୨୩ ଅନୁଯାୟୀ ରାଷ୍ଟ୍ରପତି ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିଛନ୍ତି। ସେ ନଭେମ୍ବର ୧୬ ତାରିଖରୁ ଏହି ନୂତନ ଦାୟିତ୍ୱ ଗ୍ରହଣ କରିବେ। ବର୍ତ୍ତମାନର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ନଭେମ୍ବର ୧୫ ତାରିଖରେ ଅବସର ଗ୍ରହଣ କରିବା ପରେ ଜଷ୍ଟିସ୍ ରାଉତରାୟ ତାଙ୍କ ସ୍ଥାନରେ ଦାୟିତ୍ୱ ତୁଲାଇବେ। ଉଲ୍ଲେଖଯୋଗ୍ୟ ଯେ, ଜଷ୍ଟିସ୍ ରାଉତରାୟ ଜଣେ ଦକ୍ଷ ଆଇନଜୀବୀ ତଥା ବିଚାରପତି ଭାବେ ବେଶ୍ ପରିଚିତ। ପୂର୍ବରୁ ସେ ଓଡ଼ିଶା ହାଇକୋର୍ଟରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ଏହି ନୂତନ ନିଯୁକ୍ତିକୁ ନେଇ ରାଜ୍ୟ ଆଇନଜୀବୀ ମହଲ ତଥା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ସ୍ୱାଗତ କରାଯିବା ସହ ଶୁଭେଚ୍ଛା ଜଣାଯାଇଛି।

ଗଞ୍ଜାମ ଜିଲ୍ଲାରେ ଶନିବାର, ରବିବାର ଛୁଟି ବାତିଲ୍

ଗଂଜାମ, ୧୩।୧୧: ନଭେମ୍ବର ୧୪ ଓ ୧୫ ତାରିଖ ସରକାରୀ କର୍ମଚାରୀଙ୍କ ଛୁଟିକୁ ଗଞ୍ଜାମ ଜିଲ୍ଲାପାଳ ବାତିଲ କରିଛନ୍ତି। ଏହି ଦୁଇଦିନ ଜିଲ୍ଲାର ଖୋଲା ରହିବ ସମସ୍ତ ସରକାରୀ ଅଫିସ। ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଫିସ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ‘ଅର୍ଣ୍ଣବ’ ପରବର୍ତ୍ତୀ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟ ପାଇଁ ଏହି ନିଷ୍ପତ୍ତି ଜିଲ୍ଲାପାଳ ନେଇଥିବା ପ୍ରକାଶ।



ହୋଟେଲରେ ବିସ୍ଫୋରଣ, ୪ ଆହତ

ପୁରୀ, ୧୩।୧୧ (ନିପ୍ର): ପୁରୀ ବଡ଼ଦାଣ୍ଡରେ ଥିବା ଟିପି ହୋଟେଲରେ ଶୁକ୍ରବାର ବିସ୍ଫୋରଣ ଘଟିଛି। ଏହା ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରୁ ହୋଇଥିବା ସନ୍ଦେହ କରାଯାଇଛି। ଏଥିରେ ୪ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଆହତଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ ପୁରୀ ଏସପି ପ୍ରତୀକ ସିଂ ପହଞ୍ଚି ତଦନ୍ତ କରୁଛନ୍ତି । ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଦମକଳବାହିନୀ ନିୟୋଜିତ ଅଛନ୍ତି । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ କଳା ଧୂଆଁରେ ହୋଟେଲ ସାମ୍ନା ପୂରା ଅନ୍ଧକାର ମୟ ହୋଇଯାଇଥିଲା। ବିସ୍ଫୋରଣରେ ଆହତମାନଙ୍କୁ ପୁରୀ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଟିପି ହୋଟେଲର ତଳ ମହଲାରେ ଥିବା ରେଷ୍ଟୁରାଣ୍ଟ ୨ ମାସ ହେବ ବନ୍ଦ ରହିଥିଲା । ପାଣି ନିଷ୍କାସନ ସୁବିଧା ନଥିବାରୁ ବନ୍ଦ୍ ରହିଥିଲା ରେଷ୍ଟୁରାଣ୍ଟ । ୩ ଦିନ ପରେ ରେଷ୍ଟୁରାଣ୍ଟ ଖୋଲିଥାନ୍ତା । ଶୁକ୍ରବାର ଗ୍ୟାସ୍ ଏଜେନ୍ସିରୁ ଗ୍ୟାସ୍ ସଂଯୋଗ ପାଇଁ ଏଜେଣ୍ଟ ଆସିଥିଲେ । ଗ୍ୟାସ୍ କନେକ୍ସନ ଦେବା ସମୟରେ ବିସ୍ଫୋରଣ ହୋଇଥିଲା ବୋଲି କୁହାଯାଇଛି।

ଜୋନାଲ ପରିଷଦ ବୈଠକରେ ଯୋଗ ଦେବେ ଗୃହମନ୍ତ୍ରୀ ଶାହ



ନୂଆଦିଲ୍ଲୀ, ୧୩।୧୧: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ନଭେମ୍ବର ୨୯ ତାରିଖରେ ଓଡ଼ିଶାରେ ପୂର୍ବ ଜୋନାଲ କାଉନସିଲର ୨୮ତମ ବୈଠକରେ ଅଧ୍ୟକ୍ଷତା କରିବାର ସମ୍ଭାବନା ରହିଛି। ମହିଳା ଏବଂ ଶିଶୁଙ୍କ ବିରୋଧରେ ବଳାତ୍କାର ମାମଲାର ଶୀଘ୍ର ବିଚାର ଏବଂ ଶୀଘ୍ର ସମାଧାନ ପାଇଁ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ କାର୍ଯ୍ୟକାରୀ କରିବା ଭଳି ଜାତୀୟ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ।ପ୍ରତ୍ୟେକ ଗ୍ରାମର ନିର୍ଦ୍ଦିଷ୍ଟ ପରିଧି ମଧ୍ୟରେ ବ୍ୟାଙ୍କିଂ ସୁବିଧା, ଜରୁରୀକାଳୀନ ପ୍ରତିକ୍ରିୟା ସହାୟତା ପ୍ରଣାଳୀ କାର୍ଯ୍ୟକାରୀ କରିବା ଏବଂ ଆଞ୍ଚଳିକ ସ୍ତରରେ ସାଧାରଣ ସ୍ୱାର୍ଥର ବିଭିନ୍ନ ପ୍ରସଙ୍ଗ, ଯେପରିକି ପୁଷ୍ଟିସାର, ଶିକ୍ଷା, ସ୍ୱାସ୍ଥ୍ୟ, ଶକ୍ତି, ସହରାଞ୍ଚଳ ଯୋଜନା ଏବଂ ସମବାୟ ବ୍ୟବସ୍ଥାର ସୁଦୃଢ଼ୀକରଣ, ଏହି ଦିନିକିଆ ବୈଠକରେ ଆଲୋଚନା ହେବ ବୋଲି ଜଣାପଡିଛି।

‘ବନ୍ଦନା’ ଗୌରବମୟ ସାଂସ୍କୃତିକ ପରିଚୟ

ବଡସାହି, ୧୩।୧୧ (ନିପ୍ର): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଆଗୁଆଡ଼ ଗ୍ରାମରେ ପରମ୍ପରା ମାଧ୍ୟମରେ ପ୍ରକୃତି ଓ ଜୀବଜନ୍ତୁଙ୍କ ପ୍ରତି କୃତଜ୍ଞତା ପ୍ରକାଶ ପାଇଥାଏ। ଛଉ ନୃତ୍ୟ, ଝୁମର ଗୀତ ଓ ନୃତ୍ୟ ଏହି ସମାଜର କଳା ଓ ସଂସ୍କୃତିକୁ ସେ କହିଥିଲେ। ବିଧାନସଭାରେ କୁଡ଼ମୀ ସମାଜର ଅଗ୍ରଗତି ଓ ନ୍ୟାଯ୍ୟ ଦାବି ସମ୍ପର୍କରେ ସେ ସ୍ୱର ଉତ୍ତୋଳନ କରିଆସୁଥିବା ଉଲ୍ଲେଖ

- ଜାତୀୟ ବନ୍ଦନା ପର୍ବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ
- ମାତୃଭାଷାରେ ଶିକ୍ଷାଦାନ ଉପରେ ଦେଲେ ଗୁରୁତ୍ୱ
- ୬ ରାଜ୍ୟରୁ ୫୦ ହଜାରରୁ ଊର୍ଦ୍ଧ୍ୱ କୁଡ଼ମୀ ସମାଜର ଲୋକଙ୍କ ସମାଗମ
- କୁର୍ମାଳୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି

ଆୟୋଜିତ ଜାତୀୟ ବନ୍ଦନା ପର୍ବ-୨୦୨୬ର ଉଦ୍‌ଯାପନୀ ଉତ୍ସବରେ ଶୁକ୍ରବାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ସମାରୋହରେ ଓଡ଼ିଶା ସମେତ ୬ଟି ରାଜ୍ୟରୁ ୫୦ ହଜାରରୁ ଊର୍ଦ୍ଧ୍ୱ କୁଡ଼ମୀ ସମାଜର ଭାଇଭଉଣୀ ଏକତ୍ର ହୋଇ ସାଂସ୍କୃତିକ ଏକତା ଓ ପରମ୍ପରାର ଅପୂର୍ବ ନିଦର୍ଶନ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ବନ୍ଦନା ପର୍ବକୁ କୁଡ଼ମୀ ସମାଜର ଏକ ଗୌରବମୟ ସାଂସ୍କୃତିକ ପରିଚୟ ବୋଲି ଅଭିହିତ କରିଥିଲେ। ଏହା ପ୍ରକୃତି, ମାଟି, ଗୋ-ଧନ ଓ ମାନବୀୟ ସମ୍ପର୍କର ଜୀବନ୍ତ ପ୍ରତୀକ। ଗୋ-ବନ୍ଦନା, ଗୋ-ପୂଜା ଓ ଗୋ-ଗ୍ରାସ ଭଳି ଜୀବନ୍ତ ରଖିଥିବା ସେ କହିଥିଲେ। ସମାଜର ଏକତା, ଶିକ୍ଷା ଓ ସାମାଜିକ ବିକାଶ ସହିତ ମାତୃଭାଷାର ସୁରକ୍ଷା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ। କୁର୍ମାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ଦାବି ଏବଂ ମାତୃଭାଷାରେ ଶିକ୍ଷାଦାନର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ସାହି ଗସ୍ତକୁ ଐତିହାସିକ ବୋଲି କହିବା ସହ ହୃଦୟରୁ କୃତଜ୍ଞତା ଜଣାଇଥିଲେ। ବନ୍ଦନା ପର୍ବ ଜାତିଭେଦର ଊର୍ଦ୍ଧ୍ୱରେ ରହି ହିନ୍ଦୁ ରୀତିନୀତି, ଓଡ଼ିଆ ସଂସ୍କୃତି ଓ ପରମ୍ପରାର ମହାନତା ପ୍ରତିପାଦନ କରୁଥିବା କରିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କୁଡ଼ମୀ ସମାଜର ଗୌରବମୟ ଇତିହାସ, କୃଷି ଓ ଦେଶ ନିର୍ମାଣରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ସଂସ୍କୃତି ସମାଜକୁ ଏକତ୍ର କରେ ବୋଲି ମତ ରଖିବା ସହ କୁର୍ମାଳୀ ଭାଷାକୁ ଅଷ୍ଟମ ଅନୁସୂଚୀରେ ସ୍ଥାନ ଦେବା ଦାବିକୁ ଦୋହରାଇଥିଲେ। ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଗଣେଶରାମ ଖୁଣ୍ଟିଆ ମଧ୍ୟ ବନ୍ଦନା ପର୍ବର ସାଂସ୍କୃତିକ ମହତ୍ତ୍ୱ ଓ ସମାଜର ବିକାଶରେ କୁଡ଼ମୀ ସମ୍ପ୍ରଦାୟର ଅବଦାନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ମହାନ୍ତ ସମାଜର ପାରମ୍ପରିକ ଖାଦ୍ୟ ଷ୍ଟଲ



ଖୋଲାଯାଇଥିବାବେଳେ ଛଉ ନୃତ୍ୟ, ଝୁମର ଗୀତ ଓ ବିଭିନ୍ନ ସାଂସ୍କୃତିକ ପରିବେଷଣ ଉତ୍ସବର ଆକର୍ଷଣ ବଢ଼ାଇଥିଲା। ଆଗନ୍ତୁକଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମୟରେ ସାକ୍ଷାତ କରି ଆଲୋଚନା କରିଥିବା ଜଣାପଡ଼ିଛି। ଉତ୍ସବରେ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଗଣେଶରାମ ଖୁଣ୍ଟିଆ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ବାଙ୍ଗିରିପୋଷି ବିଧାୟକ ସଞ୍ଜଳୀ ମୁର୍ମୁ, ରାଇରଙ୍ଗପୁର ବିଧାୟକ ଜୋଲେନ ନାୟକ ସମେତ ବହୁ ଜନପ୍ରତିନିଧି, ସମାଜର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

କେବଳ କଳ୍ପନାରେ ବଦଳେ ନାହିଁ

ଜୀବନ



ଆପଣ କେବେ ଦିଆସିଲି କାଠିକୁ ଧ୍ୟାନର ସହ ଦେଖିଛନ୍ତି ? ତାହା କେତେ ଛୋଟ ଅଟେ। ତାକୁ ଦେଖି ବୋଧହୁଏ ହିଁ କେହି କହିବ ଯେ ଏହା ଭିତରେ ଏତେ ଶକ୍ତି ଅଛି ଯେ ଏହା ଅନ୍ଧାରକୁ ଆଲୋକିତ କରିପାରିବ ଏବଂ ଶୀତରେ ଥରୁଥିବା କୌଣସି ବ୍ୟକ୍ତିଙ୍କୁ ଉଷ୍ମତା ଦେଇପାରିବ। ଏହି ସବୁ ସେହି ଛୋଟ କାଠି ଦ୍ୱାରା ସମ୍ଭବ ଅଟେ। କିନ୍ତୁ, ଏଠାରେ ବୁଝିବା କଥା ଏହା ଯେ କାଠିଟି ନିଜେ ନିଜେ ଜଳିନଥାଏ। ତାର ଭିତରେ ନିଆଁ ସୃଷ୍ଟି କରିବାର କ୍ଷମତା ତ ଅଛି, କିନ୍ତୁ ନିଆଁ ସୃଷ୍ଟି କରିବା ପାଇଁ ତାକୁ ଘଷିବାକୁ ପଡ଼ିଥାଏ। ମଣିଷର ଜୀବନ ମଧ୍ୟ କିଛି ଏମିତି ହିଁ ଅଟେ। ଆପଣଙ୍କ ଭିତରେ ଯେତେ ବି ସମ୍ଭାବନା ଥାଉ ନା କାହିଁକି, କିନ୍ତୁ ସେଗୁଡ଼ିକୁ ବାସ୍ତବତାରେ ବଦଳାଇବା ପାଇଁ ଯଦି ଆପଣ କିଛି କରୁନାହାନ୍ତି, ତେବେ ସେସବୁ କେବଳ ସମ୍ଭାବନା ହୋଇ ହିଁ ରହିଯାଏ। କ୍ଷମତା ରହିବା ଏବଂ ଏହାର ବ୍ୟବହାର କରିବା ଉଭୟ ଅଲଗା ଅଲଗା କଥା। ଆପଣ କହିପାରିବେ ଯେ, ଆପଣଙ୍କ ଭିତରେ ବହୁତ ପ୍ରତିଭା ଅଛି। କିନ୍ତୁ, ଜୀବନ ଆପଣଙ୍କୁ ଏହା ପଚାରେ ନାହିଁ ଯେ ଆପଣଙ୍କ ଭିତରେ କେତେ ପ୍ରତିଭା ଲୁଚି ରହିଛି। ଜୀବନରେ ସଫଳତା (ଉପଲବ୍ଧି) ଏହି କଥାରୁ ମଧ୍ୟ ନିର୍ଦ୍ଧାରିତ ହୋଇଥାଏ କି ଆପଣ ନିଜ ପ୍ରତିଭାର କିପରି ଉପଯୋଗ କଲେ। ଏକ ବିହନ(ମଞ୍ଜି) ନିଜ ଭିତରେ ବୃକ୍ଷ ହେବାର ସମ୍ଭାବନା ରଖିଥାଏ। କିନ୍ତୁ, ଯଦି ସେ କୌଣସି ମାଟି ସଂସ୍ପର୍ଶରେ ନ ଆସେ, ତେବେ ସେ ବୃକ୍ଷ ହୋଇପାରିବ ନାହିଁ।ସେହି ମଞ୍ଜି ଭିତରେ ବୃକ୍ଷ ହେବାର ସମ୍ଭାବନା ଅଛି, କିନ୍ତୁ ମାଟି, ପବନ, ପାଣି ଓ ଖରା ବିନା ସେହା ବାସ୍ତବତାରେ କେବେ ବି ବଦଳି ପାରିବ ନାହିଁ। ଆମ ଭିତରେ ଥିବା ବୁଦ୍ଧି ମଧ୍ୟ ଠିକ୍ ସେହିଭଳି ଅଟେ। ଯଦି ଆପଣ ତାହାର ବ୍ୟବହାର ନ କରିବେ, ତେବେ ତାହା ଆପଣଙ୍କ ଜୀବନକୁ ବଦଳାଇ ପାରିବ ନାହିଁ। ଜୀବନ ଆପଣଙ୍କ ଲୁକ୍କାୟିତ କ୍ଷମତାର ଏକ ତାଲିକା ନୁହେଁ, ବରଂ ସେହି କ୍ଷମତାଗୁଡ଼ିକର ଅଭିବ୍ୟକ୍ତି ଅଟେ।


କେବଳ ଇଚ୍ଛା ହେବା କିମ୍ବା କରିବା ଦ୍ୱାରା ହିଁ କିଛି ବଦଳିଯାଏ ନାହିଁ। ବହୁତ ଲୋକ ନିଜ ଜୀବନରେ ପରିବର୍ତ୍ତନ ଚାହାନ୍ତି। କିଏ ସୁସ୍ଥ ହେବାକୁ ଚାହେଁ, କିଏ ନୂଆ କୌଶଳ ଶିଖିବାକୁ ଚାହେଁ, ତ କିଏ ସମ୍ପର୍କଗୁଡ଼ିକୁ ଭଲ କରିବାକୁ ଚାହେଁ। ଇଚ୍ଛା କରିବାରେ କୌଣସି ଖରାପ ନାହିଁ। ବାସ୍ତବରେ ଇଚ୍ଛା କୌଣସି ନୂଆ ଆରମ୍ଭର କାରଣ ହୋଇପାରେ। କିନ୍ତୁ, ଇଚ୍ଛା ଏବଂ ତାହାକୁ ହାସଲ କରିବା ମଧ୍ୟରେ ଏକ ଦୂରତା ଥାଏ। ଏହି ଦୂରତାକୁ କେବଳ କଳ୍ପନା ଦ୍ୱାରା ପାର୍ କରାଯାଇପାରିବ ନାହିଁ। ଯଦି ଆପଣ ଏକ ବହି ଲେଖିବାକୁ ଚାହାନ୍ତି, ତେବେ ସେଥିପାଇଁ ଆପଣଙ୍କୁ ପଢ଼ିବାକୁ ହେବ, ଚିନ୍ତା କରିବାକୁ ହେବ ଏବଂ ଶବ୍ଦଗୁଡ଼ିକୁ ସୁବିନ୍ୟସ୍ତ ତଥା ଆପଣା ଶୈଳୀରେ କାଗଜରେ ଲେଖିବାକୁ ହେବ। ଏଠାରେ ପ୍ରଶ୍ନ ଏହା ନୁହେଁ ଯେ ଆପଣ କେତେ ଜାଣିଛନ୍ତି, ବରଂ ପ୍ରଶ୍ନ ଏହି କଥାର ଯେ ଆପଣ ନିଜ ଜ୍ଞାନର ବ୍ୟବହାର କେମିତି କରୁଛନ୍ତି। ପ୍ରୟାସର ଅର୍ଥ କେବଳ ପରିଶ୍ରମ କରିବା ନୁହେଁ। ଆପଣ ଯେଉଁ କାମ କରୁଛନ୍ତି, ତାହାର ଆପଣଙ୍କ ଜୀବନରେ କ'ଣ ମହତ୍ତ୍ୱ ରହିଛି, ଏହା ଜାଣିବା ବହୁତ ଜରୁରୀ ଅଟେ। ତେବେ ଯାଇ ଆପଣଙ୍କ ପ୍ରୟାସ ସଠିକ୍ ଦିଗ ପାଇପାରିବ। କାହାର ଜୀବନ ପରିବାରର ଭଲ ଦେଖାଶୁଣା କରିବାରେ ସାର୍ଥକତା ପାଏ, ତ କାହାର ଜ୍ଞାନ ଆହରଣ କରିବାରେ। ଜୀବନର ମୂଲ୍ୟ କେବଳ ସଫଳତା ବା ଉପଲବ୍ଧିର ଆକାର ଦ୍ୱାରା ନିର୍ଦ୍ଧାରିତ ହୁଏ ନାହିଁ, ବରଂ ଏହି କଥାରୁ ମଧ୍ୟ ନିର୍ଦ୍ଧାରିତ ହୋଇଥାଏ କି ଆପଣ ନିଜର ଦକ୍ଷତାଗୁଡ଼ିକର ବ୍ୟବହାର କିପରି ଭାବରେ କରିଛନ୍ତି।

ଲଗାତାର ପ୍ରୟାସ କରୁଥାନ୍ତୁ।

-ସଦ୍ଗୁରୁ ରାମଦାସଜୀ ମହାରାଜ
ମୋ-୯୨୮୬୫୧୫୪୩୩

ଧର୍ମୀୟ ବିଶ୍ୱାସ ଓ ପର୍ଯ୍ୟଟନର ଅନନ୍ୟ ସଙ୍ଗମ

କାଳୀଜାଈ ପୀଠ



ଓଡ଼ିଶାର ପ୍ରାକୃତିକ ସମ୍ପଦ, ଐତିହ୍ୟ ଓ ସଂସ୍କୃତିର ଅନନ୍ୟ ପରିଚୟ ହେଉଛି ଚିଲିକା। ଏସିଆର ସର୍ବବୃହତ୍ ଲବଣାକ୍ତ ଜଳ ହ୍ରଦ ଭାବେ ପରିଚିତ ଏହି ବିଶାଳ ଜଳରାଶି କେବଳ ପ୍ରକୃତିର ଅପୂର୍ବ ଉପହାର ନୁହେଁ, ଏହା ଓଡ଼ିଆ ଜନଜୀବନ, ଐତିହ୍ୟ, ଧାର୍ମିକ ଭାବନା ଓ ଲୋକବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଂଶ। ଏହି ଚିଲିକାର ବକ୍ଷଦେଶରେ ଅବସ୍ଥିତ ପ୍ରସିଦ୍ଧ କାଳିଜାଈ ପୀଠ। ମା' କାଳିଜାଈ କେବଳ ଏକ ଦେବୀ ନୁହନ୍ତି, ସେ ଚିଲିକାବାସୀଙ୍କ ଆରାଧ୍ୟା, ମତ୍ସ୍ୟଜୀବୀଙ୍କ ଆସ୍ଥା ଓ ଅଗଣିତ ଭକ୍ତଙ୍କ ଭରସାର ପ୍ରତୀକ। ମା' କାଳିଜାଈଙ୍କ ନାମ ପଛରେ ଲୋକକଥା: ମା' କାଳିଜାଈଙ୍କ ଉତ୍ପତ୍ତିକୁ ନେଇ ଅଞ୍ଚଳରେ ଏକ ହୃଦୟସ୍ପର୍ଶୀ ଲୋକକଥା ପ୍ରଚଳିତ ରହିଛି। କିମ୍ବଦନ୍ତୀ ଅନୁଯାୟୀ, ଜାଈ ନାମକ ଜଣେ ନବବଧୂ ବିବାହ ପରେ ଶାଶୁଘରକୁ ଯିବା ସମୟରେ ନୌକାରେ ଚିଲିକା ହ୍ରଦ ପାରି ହେଉଥିଲେ। ହଠାତ୍ ଝଡ଼ତୋଫାନ ଯୋଗୁଁ ନୌକାଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହି ଦୁର୍ଘଟଣାରେ ଜାଈଙ୍କ ମୃତ୍ୟୁ ଘଟିଥିବା ଲୋକକଥାରେ ବର୍ଣ୍ଣିତ। ପରବର୍ତ୍ତୀ ସମୟରେ ଜାଈଙ୍କ ସ୍ମୃତି ଓ ତାଙ୍କ ଆତ୍ମାକୁ ଦେବୀ ରୂପେ ଆରାଧନା କରାଯିବାରୁ ସେ କାଳକ୍ରମେ ମା' କାଳିଜାଈ ଭାବେ ପୂଜିତ ହେଲେ ବୋଲି ଜନଶ୍ରୁତି ରହିଛି। ତେବେ ଏହି କାହାଣୀ ଏକ ଲୋକବିଶ୍ୱାସ ଓ ଜନଶ୍ରୁତି; ଏହାକୁ ପ୍ରମାଣିତ ଐତିହାସିକ ଘଟଣା ଭାବେ ଗ୍ରହଣ କରିବା ଉଚିତ ନୁହେଁ।

➲ ଐତିହାସିକ ପୃଷ୍ଠଭୂମି ଓ ପାରିକୁଦ ରାଜବଂଶ:

ମା' କାଳିଜାଈଙ୍କ ପୀଠର ଇତିହାସ କେବଳ ଲୋକକଥାରେ ସୀମିତ ନୁହେଁ। ଓଡ଼ିଶା ସରକାରଙ୍କ ପ୍ରକାଶିତ ଓଡ଼ିଶା ରିଭ୍ୟୁ ପତ୍ରିକାରେ ପ୍ରକାଶିତ ଐତିହାସିକ ଆଲୋଚନା ଅନୁଯାୟୀ, ଏହି ମନ୍ଦିର ପାରିକୁଦ ରାଜବଂଶ ସହ ଜଡ଼ିତ। ପାରିକୁଦ ଗଡ଼ର ରାଜପରିବାର ମା' କାଳିଜାଈଙ୍କୁ ନିଜର ଆରାଧ୍ୟା ଦେବୀ ଭାବେ ପୂଜା କରୁଥିଲେ। ଚିଲିକାର ମଧ୍ୟଭାଗରେ ଥିବା ଏହି ପାହାଡ଼ିଆ ଦ୍ୱୀପରେ ମନ୍ଦିର ନିର୍ମାଣ ହୋଇଥିବାର ଉଲ୍ଲେଖ ମଧ୍ୟ ମିଳେ। ଇତିହାସ ଗବେଷକ ଡ. ଜନ୍ମେଜୟ ଚୌଧୁରୀଙ୍କ ଲେଖାରେ ମନ୍ଦିରର ସ୍ଥାପତ୍ୟ, ପାରିକୁଦ ରାଜବଂଶର ଧାର୍ମିକ ପରମ୍ପରା ଏବଂ ମକର ମେଳାର ସାମାଜିକ ଗୁରୁତ୍ୱ ବିଷୟରେ ଆଲୋଚନା ହୋଇଛି। ମନ୍ଦିରର ଗର୍ଭଗୃହରେ ମା' କାଳିଜାଈଙ୍କ ସହ ମା' ମାଳଜାଈଙ୍କ ବିଗ୍ରହ ମଧ୍ୟ ପୂଜା ପାଉଥିବାର ଉଲ୍ଲେଖ ରହିଛି।

➲ ମତ୍ସ୍ୟଜୀବୀଙ୍କ ଆସ୍ଥାର ପ୍ରତୀକ:

ଚିଲିକାର ଜଳରାଶି ଉପରେ ନିର୍ଭର କରି ହଜାର ହଜାର ମତ୍ସ୍ୟଜୀବୀ ପରିବାର ନିଜର ଜୀବିକା ନିର୍ବାହ କରନ୍ତି। ଚିଲିକାର ଜଳପଥରେ ମାଛ ଧରିବାକୁ ଯିବା ପୂର୍ବରୁ ଅନେକ ମତ୍ସ୍ୟଜୀବୀ ଓ ନୌକାଚାଳକ ମା' କାଳିଜାଈଙ୍କୁ ମୁଣ୍ଡିଆ ମାରି ନିରାପଦ ଯାତ୍ରା ଓ ଜୀବନର ସୁରକ୍ଷା କାମନା କରନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ତଥ୍ୟରେ ମଧ୍ୟ ଏହି ପୀଠକୁ ମତ୍ସ୍ୟଜୀବୀ, ନୌକାଚାଳକ ଓ ପର୍ଯ୍ୟଟକଙ୍କ ଆସ୍ଥାର ଏକ ପ୍ରମୁଖ କେନ୍ଦ୍ର ଭାବେ ବର୍ଣ୍ଣନା କରାଯାଇଛି। ଏହା ପ୍ରମାଣ କରେ ଯେ ମା' କାଳିଜାଈଙ୍କ ମହିମା କେବଳ ଧାର୍ମିକ ବିଶ୍ୱାସରେ ସୀମିତ ନୁହେଁ, ଚିଲିକାର ଜୀବନଧାରା ସହ ମଧ୍ୟ ଗଭୀର ଭାବେ ଜଡ଼ିତ।

➲ ମକର ସଂକ୍ରାନ୍ତି ଓ ପ୍ରସିଦ୍ଧ ମକର ମେଳା:

ମା' କାଳିଜାଈଙ୍କ ପୀଠର ସବୁଠାରୁ ବଡ଼ ଆକର୍ଷଣ ହେଉଛି ମକର ସଂକ୍ରାନ୍ତି ଅବସରରେ ଆୟୋଜିତ ମକର ମେଳା। ପ୍ରତିବର୍ଷ ଜାନୁଆରୀ ମାସରେ ଏହି ମେଳା ଅବସରରେ ଚିଲିକାର ବିଭିନ୍ନ ଅଞ୍ଚଳ ସମେତ ରାଜ୍ୟର ଅନେକ ସ୍ଥାନରୁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହି ଅବସରରେ ମା'ଙ୍କର ସ୍ୱତନ୍ତ୍ର ପୂଜାନୀତି, ଭୋଗ ଓ ନୂତନ ବସ୍ତ୍ର ଅର୍ପଣ କରାଯାଏ। ଚିଲିକାର ମତ୍ସ୍ୟଜୀବୀ ସମ୍ପ୍ରଦାୟ ଏହି ପର୍ବକୁ ନିଜର ଏକ ବଡ଼ ସାମୂହିକ ଧାର୍ମିକ ଉତ୍ସବ ଭାବେ ପାଳନ କରନ୍ତି। ନୌକାରେ ଭକ୍ତମାନଙ୍କ ଆଗମନ, ଘଣ୍ଟଘଣ୍ଟା ଓ ଭଜନକୀର୍ତ୍ତନରେ ଦ୍ୱୀପର ପରିବେଶ ଭକ୍ତିମୟ ହୋଇଉଠେ।

➲ କାଳିଜାଈଙ୍କ ମନ୍ଦିରର ସ୍ଥାପତ୍ୟ ଓ ପ୍ରାକୃତିକ ପରିବେଶ:

ଚିଲିକାର ନୀଳ ଜଳରାଶି ମଧ୍ୟରେ ଏକ ପାହାଡ଼ିଆ ଦ୍ୱୀପ ଉପରେ ମା'ଙ୍କ ମନ୍ଦିର ଅବସ୍ଥିତ। ପାହାଡ଼ର ପ୍ରାକୃତିକ ଶିଳାଖଣ୍ଡ ଉପରେ ମନ୍ଦିରର ମୁଖ୍ୟ ଗର୍ଭଗୃହ ଓ ସମ୍ମୁଖ ମଣ୍ଡପ ନିର୍ମିତ। ଚାରିପଟେ ଅସୀମ ଜଳରାଶି, ଦୂର ଦିଗବଳୟରେ ନୀଳ ଆକାଶ ଓ ଦ୍ୱୀପର ସବୁଜ ପରିବେଶ ଏହି ପୀଠକୁ ଏକ ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରଦାନ କରିଛି। ଏଠାକୁ ଯିବା ପାଇଁ ନୌକା ହିଁ ମୁଖ୍ୟ ମାଧ୍ୟମ। ବରକୁଳ ଓ ବାଲୁଗାଁ ଆଦି ସ୍ଥାନରୁ ନୌକାଯୋଗେ ଭକ୍ତ ଓ ପର୍ଯ୍ୟଟକମାନେ ମା'ଙ୍କ ଦର୍ଶନ ପାଇଁ ଯାଇଥାନ୍ତି। ଗୋଦାବରୀଶ ମିଶ୍ରଙ୍କ କାଳିଜାଈ କବିତାରେ ଲୋକବିଶ୍ୱାସ:ଓଡ଼ିଆ ସାହିତ୍ୟରେ ମଧ୍ୟ ମା' କାଳିଜାଈଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରଚିତ 'କାଳିଜାଈ' କବିତା ଏହି ଲୋକଦେବୀଙ୍କୁ ଓଡ଼ିଆ ଜନମାନସରେ ଅଧିକ ପରିଚିତ କରାଇଛି। ଜାଈର ଦୁଃଖଦ କାହାଣୀ, ଚିଲିକାର ଭୟଙ୍କର ଜଳରାଶି ଓ ଲୋକମାନଙ୍କ ଧାର୍ମିକ ଭାବନାକୁ କବି ନିଜ କବିତାରେ ଜୀବନ୍ତ ରୂପ ଦେଇଛନ୍ତି। ଏହି କବିତା ଫଳରେ କାଳିଜାଈ କେବଳ ଏକ ଧାର୍ମିକ ପୀଠ ନୁହେଁ, ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଏକ ଅମୂଲ୍ୟ ସମ୍ପଦ ହୋଇପାରିଛି।

➲ ପର୍ଯ୍ୟଟନ ଓ ପରିବେଶ ସୁରକ୍ଷାର ଆବଶ୍ୟକତା:

ବର୍ତ୍ତମାନ ମା' କାଳିଜାଈଙ୍କ ପୀଠ ଓଡ଼ିଶାର ଏକ ପ୍ରମୁଖ ଧାର୍ମିକ ତଥା ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ। ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ମା'ଙ୍କ ଦର୍ଶନ କରିଥାନ୍ତି। କିନ୍ତୁ ପର୍ଯ୍ୟଟନର ବିକାଶ ସହିତ ଚିଲିକାର ପରିବେଶ ସୁରକ୍ଷା ମଧ୍ୟ ଅତ୍ୟନ୍ତ ଜରୁରୀ। ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ନିୟନ୍ତ୍ରଣ, ଜଳ ପ୍ରଦୂଷଣ ରୋକିବା, ନୌକା ଚଳାଚଳରେ ସୁରକ୍ଷା ବ୍ୟବସ୍ଥା ଓ ଦ୍ୱୀପର ପ୍ରାକୃତିକ ପରିବେଶ ସୁରକ୍ଷା ପାଇଁ ପ୍ରଶାସନ, ପର୍ଯ୍ୟଟନ ବିଭାଗ ଓ ସ୍ଥାନୀୟ ଜନସାଧାରଣଙ୍କ ସମନ୍ୱିତ ଉଦ୍ୟମ ଆବଶ୍ୟକ।


ମା' କାଳିଜାଈ ହେଉଛନ୍ତି ଚିଲିକାର ଆତ୍ମା, ମତ୍ସ୍ୟଜୀବୀଙ୍କ ବିଶ୍ୱାସ ଓ ଓଡ଼ିଆ ଜାତିର ଆଧ୍ୟାତ୍ମିକ ଚେତନାର ଏକ ଅନନ୍ୟ ପ୍ରତୀକ। ଜାଈଙ୍କ ଲୋକକଥାରୁ ଆରମ୍ଭ କରି ପାରିକୁଦ ରାଜବଂଶର ଐତିହାସିକ ପରମ୍ପରା, ଗୋଦାବରୀଶ ମିଶ୍ରଙ୍କ ସାହିତ୍ୟ ସୃଷ୍ଟି ଓ ମକର ମେଳାର ଜନସମାଗମ ପର୍ଯ୍ୟନ୍ତ ଏହି ପୀଠର ମହିମା ବ୍ୟାପ୍ତ।ଆଜିର ଆବଶ୍ୟକତା ହେଉଛି ଏହି ଐତିହାସିକ ଓ ଧାର୍ମିକ ପୀଠର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ସହିତ ଚିଲିକାର ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ରଖିବା। କାରଣ ଚିଲିକା ବଞ୍ଚିଲେ ତା'ର ମତ୍ସ୍ୟଜୀବୀ ବଞ୍ଚିବେ, ଚିଲିକାର ପରମ୍ପରା ବଞ୍ଚିଲେ ମା' କାଳିଜାଈଙ୍କ ମହିମା ଆଗାମୀ ପିଢ଼ି ପାଖରେ ପହଞ୍ଚିବ।

କୈଳାଶ ଚନ୍ଦ୍ର ପଟ୍ଟନାୟକ
ମୋ-୯୯୩୭୪୩୩୧୬୬

ନେହରୁଙ୍କ ହୃଦୟର ଅନ୍ତରଙ୍ଗ ବନ୍ଧୁ ଶିଶୁ



ପୃଥିବୀର ଅନ୍ୟତମ ଶ୍ରେଷ୍ଠ ରାଜନୀତିଜ୍ଞ ପଣ୍ଡିତ ଜବାହାରଲାଲ ନେହରୁଙ୍କର ହୃଦୟ ଥିଲା ଶିଶୁପରି ସ୍ୱଚ୍ଛ ଓ ନିର୍ମଳ। ହସକାନ୍ଦର ଏକ ନୂତନ ଦୁନିଆରେ ସେ ବି ହୋଇ ଉଠୁଥିଲେ ନୂତନ ଶିଶୁ। ଶିଶୁମାନେ ଥିଲେ ତାଙ୍କ ହୃଦୟର ଅନ୍ତରଙ୍ଗ ବନ୍ଧୁ। ଶିଶୁମାନଙ୍କ ଉଦ୍ଦେଶ୍ୟରେ ସେ ନିଜର ଜୀବନର କାହାଣୀ ଶୁଣାଇବାକୁ ଯାଇ କହିଛନ୍ତି:- "ତୁମ୍ଭମାନଙ୍କ ସହିତ ଗପ କହି ମୁଁ ଜୀବନର ସକଳ ଦୁଃଖ ଭୁଲିଯାଏ। ମୁଁ ଭୁଲିଯାଏ ମୋର ବାର୍ଦ୍ଧକ୍ୟ। ମୋର ସୁନ୍ଦର ସରସ ଶୈଶବ ପୁଣି ଫେରି ଆସେ। ମୋର ସୁନ୍ଦର ଅତୀତ ବର୍ତ୍ତମାନ ଭଳି ମୋ ଆଗରେ ଦେଖାଦିଏ। ତୁମ୍ଭମାନଙ୍କର ସାନ୍ନିଧ୍ୟ ଲାଭ ପାଇଁ ମୁଁ ମୋର ଜଞ୍ଜାଳମୟ ଅଫିସ୍ କାମରୁ ଫେରି ଆସିଥାଏ। ଏଇ ସୁନ୍ଦର ପୃଥିବୀକୁ ଯେଉଁଠାରେ ଥାଏ ପ୍ରକୃତିର ଅପରୂପ କାନ୍ତି। ସୁନ୍ଦର ଫୁଲ, ଫଳ, ବୃକ୍ଷ, ଲତା, ବନ, ପର୍ବତ ତଥା ପକ୍ଷୀମାନଙ୍କ ସୁନ୍ଦର କାକଳିର ସମାହାର। ନେହରୁ ବୁଝିଥିଲେ, ଶିଶୁମାନେ ହେଉଛନ୍ତି ସରଳ, କୋମଳ ଓ ନିଷ୍ପାପ ହୃଦୟ। ଶିଶୁମାନଙ୍କଠାରୁ ପ୍ରକୃତରେ ଶାନ୍ତ ଓ ନୈସର୍ଗିକ ଆନନ୍ଦ ମିଳିଥାଏ। ସେଥିପାଇଁ ସେ ନିଜକୁ ଶିଶୁପରି ନିଷ୍ପାପ ଓ କୋମଳ ହୃଦୟ କରି ଗଢିଥିଲେ। ପ୍ରାଣଭରି ଶିଶୁମାନଙ୍କୁ ସେ ଭଲ ପାଉଥିଲେ। ଯାହାକୁ ଲକ୍ଷ୍ୟକରି ଜାତିର ପିତା ମହାତ୍ମାଗାନ୍ଧୀ କହିଥିଲେ । 'ନେହରୁ ହେଉଛନ୍ତି ସ୍ଫଟିକ ପରି ସ୍ୱଚ୍ଛ'। ନେହରୁଙ୍କର ଶିଶୁ ବତ୍ସଳତା ସମ୍ପର୍କରେ ଅନ୍ୟ ଏକ କଥା ଶୁଣାଯାଏ ତାଙ୍କର ଯାତ୍ରା ସମୟରେ ନିଜର କାର ଧକ୍କାରେ ନିହତ ଗୋଲାପ ନାମ୍ନୀ ଶିଶୁପାଇଁ ତାଙ୍କର ହୃଦୟ ପ୍ରିୟମାଣ ହୋଇଯାଇଥିଲା। ତାର ସ୍ମୃତିର ସ୍ମାରକୀରୂପେ ସାରା ଜୀବନ ସେ ନିଜର ପୋଷାକରେ ଗୋଲାପ ଫୁଲ ଧାରଣ କରି ତାକୁ ନିଜ ହୃଦୟ କନ୍ଦରରେ ସ୍ଥାନ ଦେଇଥିଲେ। ଶିଶୁମାନଙ୍କ ଦୃଷ୍ଟିରେ ସେ ପ୍ରଧାନମନ୍ତ୍ରୀ ନ ଥିଲେ ବା ନ ଥିଲେ ଭାରତ ତଥା ପୃଥିବୀର ରାଷ୍ଟ୍ରନାୟକ। ପିଲାମାନଙ୍କ ପାଇଁ ଥିଲେ ସେ ପ୍ରାଣପ୍ରିୟ ଚାଚା ନେହରୁ। ସେହି ନେହେରୁଙ୍କର ଜନ୍ମ ୧୮୮୯ ମସିହା ନେଭମ୍ବର ୧୪ ତାରିଖରେ ଆହ୍ମଦାବାଦର ଆନନ୍ଦ ଭବନରେ ମାତା ସ୍ୱରୂପାରାଣୀ ଓ ପିତା ମୋତିଲାଲଙ୍କ କୋଳରେ ହୋଇଥିଲା। ପିତା ମୋତିଲାଲ ଥିଲେ ଜଣେ ଧନାଢ୍ୟ ବ୍ୟକ୍ତି ତଥା ମହାନ ଆଇନଜ୍ଞ ଓ ମାତା ଥିଲେ ଧର୍ମପ୍ରାଣ ମହିଳା। ୧୫ ବର୍ଷ ବୟସରେ ଉଚ୍ଚଶିକ୍ଷା ଲାଭପାଇଁ ସେ ଲଣ୍ଡନ ଯାତ୍ରା କରି ବିଖ୍ୟାତ ହାରୋସ୍କୁଲ ଓ କେମ୍ବ୍ରିଜ୍‌ର ଟ୍ରିନିଟି କଲେଜରେ ଅଧ୍ୟୟନ କରିବା ସହ ଓକିଲାତି ପାସକରି ବାରିଷ୍ଟର ମଧ୍ୟ ହୋଇଥିଲେ। ଭାରତ ପ୍ରତ୍ୟାବର୍ତ୍ତନ ପରେ ଗାନ୍ଧୀଙ୍କ ନେତୃତ୍ୱରେ ଆଫ୍ରିକାରେ ସଂଘଟିତ ଘଟଣାବଳୀ ଓ ଭାରତର ଘଟଣାମାନ ଖବରକାଗଜରୁ ପଢିବାସହ ଗାନ୍ଧୀଙ୍କ ଅହିଂସା ନୀତି ପ୍ରତି ଆକୃଷ୍ଟ ହୋଇ ସ୍ୱାଧୀନତା ସଂଗ୍ରାମରେ ସେ ସାମିଲ ହୋଇଥିଲେ।



ଅଟୋକୁ ସାମ୍ନାପଟୁ ଧକ୍କା ଦେଇ ଘୋଷାଡ଼ି ନେଲା ଆମ ବସ୍: ୮ ଛାତ୍ରଛାତ୍ରୀ ଗୁରୁତର

ଖୋର୍ଦ୍ଧା, (ନିପ୍ର): ଖୋର୍ଦ୍ଧା-ଭୁବନେଶ୍ୱର ବାଇପାସର ପିତାପଲ୍ଲୀ ଛକ ନିକଟରେ ଶୁକ୍ରବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଆମ ବସ୍ ଧକ୍କାରେ ଅଟୋରେ ଯାଉଥିବା ୮ ଜଣ ଛାତ୍ରଛାତ୍ରୀ ଗୁରୁତର ହୋଇଥିବା ବେଳେ ଅଟୋ ଓ ବସ୍ ଚାଳକ ମଧ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣାରେ ଆହତ ଛାତ୍ରଛାତ୍ରୀମାନେ ହେଲେ ସାଇ ଶୁଭମ ସେନାପତି(ଦଶମ ଶ୍ରେଣୀ), ଓମ୍ ପ୍ରସାଦ ସାହୁ (ଷଷ୍ଠ ଶ୍ରେଣୀ), ଆୟୁଷ ସ୍ୱାଇଁ(ପଂଚମ ଶ୍ରେଣୀ), ସାଇ ଶିବାନୀ ସାହୁ(ପଂଚମ ଶ୍ରେଣୀ), ସମ୍ପୂର୍ଣ୍ଣା ପାଇକରାୟ (ପଞ୍ଚମ ଶ୍ରେଣୀ), ପଦ୍ମାଳୟା ଜେନା (ପଞ୍ଚମ ଶ୍ରେଣୀ) ଓ ବିଶ୍ୱଜିତ ବରାଳ(ପଞ୍ଚମ ଶ୍ରେଣୀ)। ଏହି ଦୁର୍ଘଟଣାରେ ଅଟୋ ଚାଳକ ଦିଲୀପ ନାହାକ(୫୦) ଓ ଆମ ବସ୍ ଚାଳକ ସଦାନନ୍ଦ ବେହେରା ମଧ୍ୟ ଆହତ ହୋଇଛନ୍ତି। ତେବେ ଆହତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପଦ୍ମାଳୟା ଜେନା ଓ ଓମ୍ ପ୍ରସାଦ ସାହୁଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଖୋର୍ଦ୍ଧାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଛି। ଅନ୍ୟ ଆହତଙ୍କୁ ମଧ୍ୟ ପରବର୍ତ୍ତୀ ସମୟରେ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପ୍ରତିଦିନ ପରି ଗଙ୍ଗପଡ଼ା ଓ ପିତାପଲ୍ଲୀ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଅଟୋ ଖୋର୍ଦ୍ଧାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଆସୁଥିଲା। ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ପିତାପଲ୍ଲୀ ଛକ ନିକଟରେ ଅଟୋଟି ଖୋର୍ଦ୍ଧା ବାଇପାସ ଦେଇ ଯାଉଥିବାବେଳେ ୨୧ ନମ୍ବର ରୁଟରେ ଏକ ଆମ ବସ୍ ଏହାକୁ ଖୁବ୍ ଜୋରରେ ଧକ୍କା ଦେଇଥିଲା। ଧକ୍କାର ତୀବ୍ରତା ଏତେ ଅଧିକ ଥିଲା ଯେ ବସଟି ଅଟୋକୁ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଫଳରେ ଅଟୋରେ ଥିବା ଛାତ୍ରଛାତ୍ରୀମାନେ ରାସ୍ତାକଡ଼କୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଦୁର୍ଘଟଣାରେ କେତେକ ଛାତ୍ରଛାତ୍ରୀଙ୍କ ମୁଣ୍ଡ ଫାଟିଥିବାବେଳେ ଅନ୍ୟମାନଙ୍କ ହାତ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଖବର ପାଇ ଇଇନଫୋଭ୍ୟାଲି ଓ ଜଟଣୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଓ ଅଟୋ ଚାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଓ ଅନ୍ୟ ଗାଡ଼ି ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଉତ୍ୟକ୍ତ ସ୍ଥାନୀୟ ଲୋକେ ଆମ ବସ୍ ଚାଳକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୋଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ନେଇଥିଲା। ତେବେ ଆମ ବସ୍ ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିବା ନେଇ ସ୍ଥାନୀୟ ଲୋକେ ଗୁରୁତର ଅଭିଯୋଗ ଆଣିଛନ୍ତି। ମଦ୍ୟପାନ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ସେମାନେ ଅଭିଯୋଗ କରିବା ସହ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ତେବେ ଚାଳକ ମଦ୍ୟପାନ କରିଥିବା ନେଇ ପୋଲିସ ପକ୍ଷରୁ ଆନୁଷ୍ଠାନିକ ସ୍ପଷ୍ଟୀକରଣ ମିଳିନାହିଁ। ଆମ ବସ୍ ଦୁର୍ଘଟଣାକୁ ନେଇ ପୂର୍ବରୁ ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ଉଠୁଥିବାବେଳେ ଚାଳକଙ୍କ ଦକ୍ଷତା, ଶୃଙ୍ଖଳା ଓ ନିୟମିତ ଯାଞ୍ଚକୁ ନେଇ ପୁଣି ପ୍ରଶ୍ନ ଉଠିଛି। ଚାଳକଙ୍କ ମଦ୍ୟପାନ ଯାଞ୍ଚ, ଡ୍ୟୁଟି ପୂର୍ବରୁ ଆଲକୋହଲ ପରୀକ୍ଷା ଏବଂ ଦୁର୍ଘଟଣା ଘଟାଉଥିବା ଚାଳକଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ କ୍ଲଟ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ଇନଫୋଭ୍ୟାଲି ଥାନା ଆଇଆଇସି ଚନ୍ଦ୍ରଶେଖର ସେଠୀ କହିଛନ୍ତି ଯେ, ଆହତ ପରିବାର ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ଆମ ବସ୍ ଚାଳକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ଗିରଫ କରାଯିବ।

ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



କଣ୍ଟିଲୋ,(ନି.ପ୍ର): ନୀଳମାଧବ ମହାବିଦ୍ୟାଳୟ ପ୍ରତିଷ୍ଠାକୁ ପୁରିଛି ୫୦ ବର୍ଷ। ୧୯୭୭ରେ ସ୍ଥାପିତ ନୀଳମାଧବ ମହାବିଦ୍ୟାଳୟ ପାଳନ କରିବ ଏହାର ସୁବର୍ଣ୍ଣ ଜୟନ୍ତୀ। ମହାବିଦ୍ୟାଳୟ ସମେତ ପୁରାତନ ଶିକ୍ଷାର୍ଥୀ ତଥା ଅଞ୍ଚଳ ପାଇଁ ଏହା ଅତ୍ୟନ୍ତ ଗୌରବର ବିଷୟ। ଏନେଇ ମହାବିଦ୍ୟାଳୟ ପକ୍ଷରୁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି। କଲେଜ ଅଧ୍ୟକ୍ଷ ସୁଜଳ କୁମାର ମହାରଣାଙ୍କ ସଭାପତିତ୍ୱରେ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ବୈଠକ ପୁରାତନ ଛାତ୍ରଛାତ୍ରୀ ଓ ବୁଦ୍ଧିଜିବୀଙ୍କୁ ନେଇ ଆସନ୍ତା ୧୭ତାରିଖରେ ଅନୁଷ୍ଠିତ ହେବା ନେଇ ନିଷ୍ପତି ହୋଇଛି। ପୁରାତନ ଛାତ୍ରଛାତ୍ରୀ ଯୋଗ ଦେବାକୁ କଲେଜ ପକ୍ଷରୁ ଅନୁରୋଧ କରାଯାଇଛି। ବୈଠକରେ କଲେଜ ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀ ଯୋଗଦେଇଥିଲେ।

ଶେଷ ହେଲା ବାଲୁଙ୍କା ପୂଜା



କଣ୍ଟିଲୋ,(ନି.ପ୍ର): ଚଳିତ ବର୍ଷ ଆଦିପୀଠ ପ୍ରଭୁ ନୀଳମାଧବ ଜିଉଙ୍କ କ୍ଷେତ୍ରରେ ଚାଲିଥିବା ପବିତ୍ର ଶରଦ ରାସ ଉତ୍ସବ ପାଇଁ ଗତ ଅକ୍ଟୋବର ୧୫ ତାରିଖରୁ ମାସେ ପର୍ଯ୍ୟନ୍ତ ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ ହେବା ପାଇଁ ଶ୍ରୀରାଧା ଓ ଗୋପୀ ମାନଙ୍କର ଚାଲିଥିବା ଯମୁନା ନଦୀ କୂଳରେ ପବିତ୍ର ବାଲୁଙ୍କା ପୂଜା ଉତ୍ସବ ଆଜି ଶୁକ୍ରବାର ପୂର୍ବାହ୍ନରେ ଶେଷ ହୋଇଛି। ଆସନ୍ତାକାଲି ଶନିବାର ୧୪ରେ ଏହି ରାସର ବସ୍ତ୍ର ହରଣ ପର୍ବ ଅନୁଷ୍ଠିତ ହେବ। ତେଣୁ ଶତାଧିକ ମହିଳା ଓ ପୁରୁଷଭକ୍ତମାନେ କଣ୍ଟିଲୋ ହାଟ ମୁଣ୍ଡ ପାଟଣା ନିକଟସ୍ଥ ଗଙ୍ଗା ଦେବୀ କୂଳରେ ଶ୍ରୀ ରାଧା ଓ ଗୋପୀମାନଙ୍କର ଏହି ପବିତ୍ର ବାଲୁଙ୍କା ପୂଜା ଦର୍ଶନ କରିବାକୁ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଦେଖିବାକୁ ମିଳିଛି।

କୁଚିଣ୍ଡାରେ ୨୩ତମ ବାଲିଯାତ୍ରା ପାଇଁ ଶୁଭସ୍ତମ୍ଭ



କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା-ସଇଡା ଭେଡେନ ନଦୀକୂଳ ବାଲିଯାତ୍ରା ପଡିଆରେ ୨୩ ତମ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ବାଲିଯାତ୍ରା ପାଇଁ ଶୁକ୍ରବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ବାଲିଯାତ୍ରା କମିଟି ସଭାପତି ବିଜୁ ସାହୁଙ୍କ ତତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତି ରେ ପୂଜାର୍ଚ୍ଚନା କରାଯାଇ ଧ୍ୱଜା ସ୍ଥାପନ କରାଯାଇଥିଲା। ସୂଚନା ଅନୁଯାୟୀ ଏହି ଉତ୍ସବ ଆଗାମୀ ନଭେମ୍ବର ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଚଳିତ ବର୍ଷ ଅନେକ ସୁନ୍ଦର ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏବର୍ଷ ଗୋଟିଏ ଦିନ ପରିବର୍ତ୍ତେ ଦୁଇଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି । ଦଳଗତ ନୃତ୍ୟ, ରଙ୍ଗୀନ କୃଷ୍ଣ ଗୁରୁ ଓ ସମ୍ବଲପୁରୀ ଫେସନ ଶୋ ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ବୋଲି କମିଟି ପକ୍ଷରୁ କୁହାଯାଇଛି । ଏହି ଶୁଭସ୍ତମ୍ଭ ସ୍ଥାପନ ଅବସରରେ ସମ୍ପାଦକ ଖଗେଶ୍ୱର ସେନାପତି,ସହ ସମ୍ପାଦକ ବିଶ୍ୱନାଥ କଣ୍ଡରା,ଶିବ ନାରାୟଣ ସାହୁ,ଉପସଭାପତି ରାଜେଶ ସାହୁ, କୋଷାଧ୍ୟକ୍ଷ ଖିରୋଦ ସା,ପୌଲସ୍ତି ପାତ୍ର, ମୁକୁନ୍ଦ ବାଘ,ସାଜନ ସା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ମହାବୀର ମହୋତ୍ସବରେ ମହିଳା କବିତା ପାଠୋତ୍ସବ

ଭବାନୀପାଟଣା,(ନି.ପ୍ର): କଳା, ସାହିତ୍ୟ, ସଂସ୍କୃତି, ଲୋକ ପରମ୍ପରା ଓ ଲୋକନାଟକ ସହିତ ମହିଳାଙ୍କ ମଧ୍ୟରେ ସାହିତ୍ୟ ସର୍ଜନା ଏବଂ ସାରସ୍ୱତ ସାଧନାକୁ ପ୍ରାଥମିକତା ଦେବା ଲକ୍ଷ୍ୟରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ମହାବୀର ମହୋତ୍ସବରେ ମହିଳାମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ। ନିଆରା ଏହି ସାରସ୍ୱତ ସମାରୋହକୁ ନେଇ କବିତାପ୍ରେମୀ ଜନସାଧାରଣଙ୍କ ମଧ୍ୟରେ ଆଜି ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। କଳାହାଣ୍ଡି ଲେଖିକା ସଂଘର ସଭାନେତ୍ରୀ ସୁଦେଷ୍ଣା ପଣ୍ଡାଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ।

ନିରାକାରପୁର ଷ୍ଟେସନରେ ଦାବିପତ୍ର ପ୍ରଦାନ ପରେ ଧାରଣା ପ୍ରତ୍ୟାହୃତ



ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳ ଷ୍ଟେସନରେ ବିଭିନ୍ନ ଦାବି ନେଇ ଆଜି ଧାରଣା ଦେବାକୁ ପୂର୍ବରୁ ସ୍ଥିର ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆଜି ସକାଳୁ ଷ୍ଟେସନ ପରିସରରେ ବ୍ୟାପକ ପ୍ରସ୍ତୁତି ଦେଖିବାକୁ ମିଳିଥିଲା। ଧାରଣା ଚେତାବନୀକୁ ଗୁରୁତ୍ୱ ଦେଇ ରେଳବାଇ ପୋଲିସ, ସ୍ଥାନୀୟ ପୋଲିସ ଏବଂ ରେଳବାଇର ବିଭିନ୍ନ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ। ତେବେ ଧାରଣା ସ୍ଥଳରେ ଆନ୍ଦୋଳନକାରୀ କିମ୍ବା ସାଧାରଣ ଜନତା ଭିଡ଼ ଜମାଇ ନଥିବା ବେଳେ, କିଛି ଡେଲି ପାସେଞ୍ଜର ବା ଦୈନନ୍ଦିନ ଯାତ୍ରୀମାନେ ଆସି ସେମାନଙ୍କର ୧୦ ଦଫା ସମ୍ବଳିତ ଦାବିପତ୍ର ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରଦାନ କରିଥିଲେ। ଯାତ୍ରୀମାନଙ୍କ ପକ୍ଷରୁ ଦାବିପତ୍ର ଦିଆଯିବା ପରେ ପ୍ରସ୍ତାବିତ ଧାରଣା କାର୍ଯ୍ୟକ୍ରମକୁ ପ୍ରତ୍ୟାହୃତ କରାଯାଇଥିଲା।

ନାଗଲ ଚତୁର୍ଥୀ ପାଳିଲେ ଶ୍ରଦ୍ଧାଳୁ

ଜଟଣୀ,(ନିପ୍ର): ସହରରେ ବସବାସ କରୁଥିବା ତେଲୁଗୁ ସାମ୍ପ୍ରଦାୟର ଶ୍ରଦ୍ଧାଳୁ ମାନେ କାର୍ତ୍ତିକ ମାସ ଶୁକ୍ଲପକ୍ଷ ଚତୁର୍ଥୀ ତିଥିରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଏହି ପର୍ବ ପାଳନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ତେଲୁଗୁ ସମ୍ପ୍ରଦାୟ ମହିଳା ମାନେ ନିଷ୍ଠାର ସହିତ ପ୍ରତ୍ୟୁଷରୁ ବିଧିବିଧାନ ପରେ ହୁଙ୍କା ମୂଳକୁ ଯାଇ ନାଗ ଦେବତାଙ୍କୁ ପୂଜାର୍ଚ୍ଚନା କରି ନୈବେଦ୍ୟ, ଦୀପ ଧୂପ ଓ ଅଣ୍ଡା ଅର୍ପଣ କରିଥିଲେ।

ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ହେଉଛି ଗୁପଚୁପ: ମିଶୁଛି କେମିକାଲ ରଙ୍ଗ

କଟକ(ନିପ୍ର): ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ। ଚଟପଟା ଗୁପଚୁପ ନାଁରେ ପରସା ଯାଉଛି ବିଷ । କଟକ ସିଡିଏ ବସ୍ତି ଅଞ୍ଚଳରେ ଗୁପଚୁପ ପ୍ରସ୍ତୁତ ହେଉଥିବା ସ୍ଥାନକୁ ଦେଖିଲେ ଏମିତି ଅନୁମେୟ ହୁଏ । ଏଭଳି ଅସ୍ୱାସ୍ଥ୍ୟକର ସ୍ଥାନରେ ତିଆରି ଚାଲିଥିଲା ଗୁପଚୁପ । ନା ଅଛି ପରିଷ୍କାର ପରିଚ୍ଛନ୍ନତା, ନା ଅଛି କୌଣସି ଖାଦ୍ୟ ସୁରକ୍ଷାର ମାନଦଣ୍ଡ । ଅପରିଷ୍କାର ଓ ଦୁର୍ଗନ୍ଧମୟ ପରିବେଶରେ ତିଆରି ହେଉଥିଲା ହଜାର ହଜାର ଗୁପଚୁପ । ନିମ୍ନମାନର ତେଲ ସହିତ ବ୍ୟବହାର ହୋଇଥିଲା



କେମିକାଲ ନାଲି ରଙ୍ଗ। ଘଟଣାସ୍ଥଳରୁ ପ୍ରସ୍ତୁତ ଗୁପଚୁପ, ତେଲ, ରଙ୍ଗ ଜବତ କରି ନଷ୍ଟ କରିଛି ପ୍ରଶାସନ। କେଏମସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଗୁପଚୁପ୍ ବ୍ୟବସାୟୀଙ୍କ ଉପରେ ଯାଞ୍ଚ କରାଯିବା ସହ ଅପମିଶ୍ରିତ ଗୁପଚୁପ୍ ଓ ତିଆରି ସାମଗ୍ରୀକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ପୂର୍ବରୁ ତାଗିଦ କରାଯାଇଥିଲେ ମଧ୍ୟ ବ୍ୟବସାୟୀମାନେ ନିୟମ ମାନୁନଥିବା ଦେଖିବାକୁ ମିଳିଛି। ଆଗକୁ ବାଲିଯାତ୍ରା ଥିବାରୁ ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏହି ଚଢ଼ାଉ ଆହୁରି ଜୋରଦାର ହେବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ସେପଟେ ଗୁପଚୁପ ବ୍ୟବସାୟୀ କହିଛନ୍ତି, ଆମେ ଲିପା ପୋଛା କରି ଗୁପଚୁପ ତିଆରି କରୁଛୁ । ଆମେ ଗରିବ ଲୋକ ଛାତଘର କେଉଁଠୁ ପାଇବୁ । ଏହା ବାସି ଖାଇବା ନୁହେଁ ତେଣୁ କାହାର କିଛି ଦେହ ଖରାପ ହେବନାହିଁ।

ପ୍ରଦେଶ କଂଗ୍ରେସ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଶାଢ଼ି ବଣ୍ଟନ



ଆସିକା (ନିପ୍ର): ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ପିସିସି ସାଧାରଣ ସମ୍ପାଦକ ଦେବାକନ୍ତ ଶର୍ମାଙ୍କ ନେତୃତ୍ୱରେ ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ବନ୍ୟାରେ ସମ୍ପୂର୍ଣ୍ଣ କ୍ଷତି ଗ୍ରସ୍ତ ଆସିକା ବ୍ଲକ ନବରଙ୍ଗପୁର,ମଙ୍ଗଳପୁର, ଆସିକା ବସଷ୍ଟାଣ୍ଡ ଠାକୁରାଣୀ ମନ୍ଦିର ସାହି, ସମେତ କ୍ଷତିଗ୍ରସ୍ତ ବିଭିନ୍ନ ଅଞ୍ଚଳରେ ବନ୍ୟା ବିପର୍ଣ୍ଣଙ୍କୁ ଶାଢ଼ୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଇନଚାର୍ଜ ସତ୍ୟବ୍ରତ ନାୟକ, ଯୁବ ନେତା ପ୍ରିୟାଂଶୁ ପରିଡା, ଅଜିତ ମୁନି, ମାନସ ଆଚାର୍ଯ୍ୟ,ଦୀପକ ଭୂୟାଁ ,ଭବାନୀ ଭୂଷଣ ଦାସ, ବ୍ଲକ ସଭାପତି ସୁସାନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରକାଶ ଥାଉକି ଆସିକା ଅର୍ଣ୍ଣବ କ୍ଷୟ କ୍ଷତି ଅକାଳନ ପାଇଁ କଂଗ୍ରେସ ପକ୍ଷରୁ ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଦୁଇ ଦିନ ଧରି ବନ୍ୟା ଅଞ୍ଚଳ ପରିଦର୍ଶନ କରି ଆସିକା ବାସୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା, ପାଣି,ଆଲୁଅ ସାଙ୍ଗକୁ ଅଳିଆ ଆବର୍ଜନା ସଫା କରିବା ପାଇଁ ଜିଲ୍ଲାପାଳଙ୍କ ଫୋନ ଯୋଗେ ଆଲୋଚନା କରିଥିଲେ। କୋଟି କୋଟି ଟଙ୍କା ହରେଇ ସର୍ବସ୍ୱାନ୍ତ ହୋଇଯାଇଥିବା ବ୍ୟବସାୟୀମାନଙ୍କୁ ନଗଦ ଆର୍ଥିକ ସହାୟତା ସହ ସେମାନଙ୍କୁ ସରଳ କିସ୍ତିରେ ଋଣପ୍ରଦାନ କରିବା ପାଇଁ ସରକାରଙ୍କ ଠାରେ ଦାବୀ ରଖିଥିଲେ। ବନ୍ୟାର ଦୀର୍ଘ ପାଞ୍ଚ ଦିନ ଧରି ବନ୍ୟା ବିପର୍ଣ୍ଣଙ୍କୁ ବିଭିନ୍ନ ପଞ୍ଚାୟତରେ ନିୟମିତ ଦୁଇ ଓଳା ରନ୍ଧା ଖାଦ୍ୟ ସାଙ୍ଗକୁ କ୍ଷୀର,ଚୁଡ଼ା,ଗୁଡ଼,କଞ୍ଚା ପରିବା,ପାଣିବୋତଲ ବଣ୍ଟନ କରିଛି।

ପାରୁଆଭାଡି ନୋଡାଲ ହାଇସ୍କୁଲରେ ଛାତ୍ର ଓ ରାନ୍ଧୁଣିଆଙ୍କ ମଧ୍ୟରେ ଗଣ୍ଡଗୋଳ ଅଭିଯୋଗ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜ଼ିଲ୍ଲା କୁଚିଣ୍ଡା ବ୍ଲକ ଅର୍ନ୍ତଗତ ପାରୁଆଭାଡି ନୋଡାଲ ହାଇସ୍କୁଲର ହଷ୍ଟେଲରେ ଗତ ବୁଧବାର ଦିନ ଏକ ଅଭାବନୀୟ ଘଟଣା ଘଟିଯାଇଛି। କୌଣସି ଘଟଣାକୁ କେନ୍ଦ୍ର କରି ହଷ୍ଟେଲର ରାନ୍ଧୁଣିଆ ଓ ଛାତ୍ରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବା ପରେ ରାନ୍ଧୁଣିଆ ଓ ସେମାନଙ୍କ ପରିବାରର ସଦସ୍ୟମାନେ ମିଳିତ ଭାବେ ଛାତ୍ରମାନଙ୍କୁ ମାଡ଼ ମାରିଥିବା ଅଭିଯୋଗ ହେଉଛି। ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ହଷ୍ଟେଲରେ ଦିଆ ଯାଉଥିବା ଖାଦ୍ୟର ମାନକୁ ନେଇ ଛାତ୍ରମାନେ ଅନେକ ଥର ଅଭିଯୋଗ କରି ଆସୁଥିଲେ। ଏହାକୁ ନେଇ ଛାତ୍ରଙ୍କ ଉପରେ ରାଗ ରଖିଥିବା ଦୁଇ ରାନ୍ଧୁଣିଆ ଗତ ବୁଧବାର ସନ୍ଧ୍ୟାରେ ଛାତ୍ରମାନଙ୍କୁ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ। ଛାତ୍ର ମାନେ ଏହାର ପ୍ରତିବାଦ କରି ରାନ୍ଧୁଣିଆ ମାନଙ୍କୁ ଠେଲାପେଲା କରିବା ସହ ଧସ୍ତାଧସ୍ତି କରିଥିଲେ। ଛାତ୍ରଙ୍କ ସଂଖ୍ୟା ଅଧିକ ଥିବାରୁ ଦୁଇ ରାନ୍ଧୁଣିଆ ଅନ୍ୟ ଉପାୟ ନ ପାଇ ଛାତ୍ରମାନେ ସେମାନଙ୍କୁ ମାଡ଼ ମାରୁଛନ୍ତି ବୋଲି ସେମାନଙ୍କର ପରିବାର ସଦସ୍ୟମାନଙ୍କୁ ଖବର ଦେବାରୁ ସେମାନଙ୍କ ପରିବାରର ସଦସ୍ୟ ମାନେ ଆସି ରାନ୍ଧୁଣିଆଙ୍କ ସହ ମିଶି ଛାତ୍ର ମାନଙ୍କୁ ମାଡ଼ ଦେଇଥିଲେ । ଏହି ଘଟଣା ବାବଦରେ ସୂଚନା ପାଇ ଗତ ଗୁରୁବାର ଅପରାହ୍ନରେ କୁଚିଣ୍ଡା ବ୍ଲକ ଶିକ୍ଷାଧିକାରୀ ସରିତା ସରୋନିଆ ଏବଂ ସହକାରୀ ଜ଼ିଲ୍ଲା ମଙ୍ଗଳ ଅଧିକାରୀ ଅନିଭା ନାୟକ ସ୍କୁଲକୁ ଯାଇ ଘଟଣାର ଅନୁଧ୍ୟାନ କରିବା ପରେ ଘଟଣାର ଗୁରୁତ୍ୱକୁ ଅନୁଭବ କରି ଘଟଣା ବାବଦରେ କୁଚିଣ୍ଡା ଉପଜ଼ିଲ୍ଲାପାଳ ସର୍ବାନନ ସଙ୍କୁ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଲିଖିତ ଅଭିଯୋଗ ପରେ ପୋଲିସ କୁଚିଣ୍ଡା ଥାନା କେଶ ନଂ ୫୮/ ୨୬ରେ ମାମଲା ରୁଜୁ କରି ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିବା ସହ ଦୁଇ ରାନ୍ଧୁଣିଆଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସାମ୍ବାଦିକ ଗୌରାଙ୍ଗ ବେହେରାଙ୍କୁ ଶ୍ରଦ୍ଧା ସୁମନ



ବାଙ୍କୀ,(ନିପ୍ର): ବାଙ୍କୀ ଉପଖଣ୍ଡର ଦିବଂଗତ ସାମ୍ବାଦିକ ଗୌରାଙ୍ଗ ବେହେରାଙ୍କୁ ଶ୍ରଦ୍ଧା ସୁମନ। ଛାପା ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ଗୌରାଙ୍ଗ ବେହେରାଙ୍କ ଅକାଳ ବିୟୋଗ ପରେ ବାଙ୍କୀ ଗଣମାଧ୍ୟମରେ ଖେଳିଯାଇଛି ଶୋକର ବାତାବରଣ। ଆଜି ବାଙ୍କୀର ବହୁ କାର୍ଯ୍ୟରତ ସାମ୍ବାଦିକ ମା ଚର୍ଚ୍ଚିକା ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ସ୍ୱର୍ଗତ ସାମ୍ବାଦିକଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ତାଙ୍କର ଅମର ଆତ୍ମାର ସଦଗତି କାମନା କରି ଦ୍ୱୀପ ଦାନ କରିଥିଲେ। ବାଙ୍କୀ ପ୍ରେସ କ୍ଲବ ସଭାପତି ବଳଭଦ୍ର ପଣ୍ଡାଙ୍କ ସମେତ ସମରେନ୍ଦ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, କାହ୍ନୁ ବେହେରା, ବିଭୁ ପ୍ରସାଦ ସାମଲ,ଅରବିନ୍ଦ ବିରବର ହରିଚନ୍ଦନ, ପୂର୍ଣ୍ଣେନ୍ଦୁ ନାୟକ, ଶୁଶାନ୍ତ ନାୟକ, ଅନନ୍ତ ରଣା, ମନୋଜ ଦଳେଇ, ଅଶୋକ ରଣା,ମାନସ ରଞ୍ଜନ ସାହୁ, ରାଜେଶ କୁମାର ସାହୁ, ସୂର୍ଯ୍ୟମଣି ଦଳେଇ, ବର୍ଣ୍ଣି ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବୁଗୁଡ଼ାରେ ଏକୀକୃତ ପେନସନ ପରିଚାଳନା ପୋର୍ଟାଲ ଉନ୍ମୋଚିତ

୧୮୭୭ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ବୁଗୁଡ଼ା,(ନିପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବୁଗୁଡ଼ା ବ୍ଲକସ୍ତରୀୟ ଏକୀକୃତ ପେନସନ ପରିଚାଳନା ପୋର୍ଟାଲର ଶୁଭ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ପୋର୍ଟାଲର ଶୁଭ ଉନ୍ମୋଚନ କରିବା ସହ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରରେ ବୁଗୁଡ଼ା ବ୍ଲକର ୧୭୯୫ ଜଣ ଏବଂ ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ୮୨ ଜଣ, ଏହିପରି ମୋଟ ୧୮୭୭ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏଥିସହ ତିନି ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବ୍ୟାଟେରୀ ଚାଳିତ ଯାନ ପ୍ରଦାନ କରାଯାଇଥିଲା। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ପେନସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସରଳତା ଆସିବା ସହ ଯୋଗ୍ୟ ହିତାଧିକାରୀମାନେ ସୁବିଧାରେ ସରକାରୀ ସୁବିଧା ପାଇପାରିବେ ବୋଲି ଆଶା ପ୍ରକାଶ ପାଇଛି। ଏହା ଦ୍ୱାରା ପ୍ରକୃତ ଓ ଯୋଗ୍ୟ ହିତାଧିକାରୀମାନେ ବିନା କୌଣସି ଅସୁବିଧାରେ ସହଜରେ ସରକାରୀ ଜନକଲ୍ୟାଣ ସୁବିଧା ପାଇପାରିବେ ବୋଲି ଆଶା ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଏବଂ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

ବାରଙ୍ଗରେ ୧୫ଟିକିଆ ହାତୀପଲଙ୍କ ଆତଙ୍କ ଭାଙ୍ଗିଲେ ପାଚେରି, ଖାଇଗଲେ ଧାନ

କଟକ(ନିପ୍ର) : ବାରଙ୍ଗ ରାମଦାସପୁର ଶିଳ୍ପାଞ୍ଚଳରେ ହାତୀପଲଙ୍କ ଉପଦ୍ରବ। ପାଚେରି ଭାଙ୍ଗିଲେ, ନଷ୍ଟ କଲେ ଧାନ ଫସଲ। କଟକ ବାରଙ୍ଗ ବ୍ଲକ ରାମଦାସପୁର ଶିଳ୍ପାଞ୍ଚଳରେ ହଠାତ୍ ପଶିଲେ ୧୦ରୁ ୧୫ଟିକିଆ ହାତୀପଲ। ଗୋଡ଼ିସାହି ଅଞ୍ଚଳରେ ଧାନ ଫସଲ ଖାଇବା ସହ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଏପରିକି ଜଣେ ବ୍ୟକ୍ତିଙ୍କ ଘରର ପାଚେରି ମଧ୍ୟ ଭାଙ୍ଗି ଦେଇଛନ୍ତି ହାତୀପଲ। ଏନେଇ ଭୟଭୀତ ସ୍ଥାନୀୟ ଲୋକେ। ଘରୁ ବାହାରିବାକୁ ମଧ୍ୟ ଭୟ କରୁଛନ୍ତି ଅଞ୍ଚଳବାସୀ। ସୂଚନା ଅନୁସାରେ, ହାତୀପଲ ବର୍ତ୍ତମାନ ରତାଗଡ଼ ପାହାଡ଼ ଉପରେ ରହିଛନ୍ତି। ସେପଟେ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି ବନ ବିଭାଗ। ଆଖପାଖ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

ବିଚାରପତି ଅଭାବକୁ ନେଇ ହାଇକୋର୍ଟ ବାର୍ ଆସୋସିଏସନର କ୍ଷୋଭ

୫ ଦିନରେ ୨ ବିଚାରପତିଙ୍କ ଅବସର

କଟକ(ନିପ୍ର): ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ଅଭାବକୁ ନେଇ କ୍ଷୋଭ ପ୍ରକାଶ କରିଛି ହାଇକୋର୍ଟ ବାର୍ ଆସୋସିଏସନ୍। ଗତ ୧୧ ତାରିଖରେ ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଅବସର ନେଇଥିବା ବେଳେ ଆସନ୍ତା ୧୫ ତାରିଖରେ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଅବସର ନେଉଛନ୍ତି। ଏବେ ଓଡିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୩କୁ ଖସି ଆସିଛି। ବିଚାରପତିଙ୍କ ଖାଲି ପଦ ପୂରଣ ଦାବିରେ ଗତ ଅକ୍ଟୋବର ୧ ତାରିଖରେ ହାଇକୋର୍ଟର ଆଇନଜୀବୀମାନେ କୋର୍ଟ କାର୍ଯ୍ୟରୁ ବିରତ ରହିଥିଲେ। କଟକରୁ ଭୁବନେଶ୍ୱର ଅଭିମୁଖେ ବାହାରି ରାଜଭବନ ପର୍ଯ୍ୟନ୍ତ ଯାଇ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ହାଇକୋର୍ଟରେ ମୋଟ ୩୩ଟି ବିଚାରପତି ପଦ ଅନୁମୋଦିତ ଥିବାବେଳେ ବର୍ତ୍ତମାନ ମାତ୍ର ୧୩ ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି। ଫଳରେ ୨୦ ଟି ପଦ ଖାଲି ପଡ଼ିଛି। ବିଚାରପତିଙ୍କ ଅଭାବ ଯୋଗୁଁ ହାଇକୋର୍ଟରେ ମାମଲାର ଶୁଣାଣି ଓ ଫଇସଲା ପ୍ରଭାବିତ ହେଉଥିବା ନେଇ ବାର୍ ଆସୋସିଏସନ୍ ଉଦ୍‌ବେଗ ପ୍ରକାଶ କରିଛି। ବାର୍ ଆସୋସିଏସନ୍ ପକ୍ଷରୁ କୁହାଯାଇଛି, ଖାଲି ପଡ଼ିଥିବା ପଦଗୁଡ଼ିକ ଶୀଘ୍ର ପୂରଣ ନହେଲେ ବିଚାରାଧୀନ ମାମଲାର ଚାପ ବଢ଼ିବା ସହ ମାମଲାର ଶୁଣାଣି ଓ ଫଇସଲାରେ ବିଳମ୍ବ ହେବା ନେଇ ବାର୍ ଚିନ୍ତା ପ୍ରକାଶ କରିଛି। ସେପଟେ ଗତ ସେପ୍ଟେମ୍ବର ୧୮ ତାରିଖରେ ସୁପ୍ରିମକୋର୍ଟଙ୍କ କଲେଜିୟମ୍ ଓଡ଼ିଶା ହାଇକୋର୍ଟ ପାଇଁ ୪ ଜଣ ବିଚାରପତିଙ୍କ ନାମ ସୁପାରିଶ କରିଥିଲେ । ତେବେ ସେମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ ହେଉଥିବା ନେଇ ବାର୍ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି । ଏହାସହ ହାଇକୋର୍ଟ କଲେଜିୟମ୍ ପକ୍ଷରୁ ବିଚାରପତି ପଦ ପାଇଁ ସୁପାରିଶ କରାଯାଇଥିବା ଅନ୍ୟ ନାମଗୁଡ଼ିକ ଉପରେ ମଧ୍ୟ ଶୀଘ୍ର ବିଚାର କରିବାକୁ ଦାବି କରାଯାଇଛି। ବିଚାରପତିଙ୍କ ଅଭାବ ଦୂର କରି ହାଇକୋର୍ଟରେ ନ୍ୟାୟିକ ପ୍ରକ୍ରିୟାକୁ ସୁଗମ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବାର୍ ପକ୍ଷରୁ ଦାବି ହୋଇଛି ।

ବ୍ଲକସ୍ତରୀୟ ମଧୁବାବୁ ପେନସନ ଯୋଜନା ବଣ୍ଟନ କାର୍ଯ୍ୟକ୍ରମ

ତରଭା,(ନିପ୍ର): ଶୁକ୍ରବାର ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଟାଉନହଲ ଠାରେ ବ୍ଲକସ୍ତରୀୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଂସଦ ବଲାଙ୍ଗୀରଙ୍କର ଜିଲ୍ଲା ପ୍ରତିନିଧି ସାନନ୍ଦ କୁମାର ମେହେର, ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କମ୍ପ, ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ, ନଗରପାଳ ବନ୍ଦିତା ନାଏକ, ଉପ ନଗରପାଳ ଗଗନ କୁମାର ଅଗ୍ରୱାଲ, ସାଂସଦଙ୍କ ତରଭା ଏନଏ ସି ପ୍ରତିନିଧି ମାନସ କୁମାର ସାହୁ, ଆନନ୍ଦ ବାରିକ, ରାଜୁକିଶୋର ମେଣ୍ଡେଲି, ତରଭା ବି ଡି ଓ ଶିବାନନ୍ଦ କର୍ମୀ ପ୍ରମୁଖ ମଞ୍ଚାସିନ ଥିଲେ। ଭତ୍ତା ପାଇଁ ଅପେକ୍ଷାର ଯୁଗ ସରିଲା। ଏବେ ମଧୁବାବୁ ପେନସନ ଯୋଜନାରେ ଯୋଗ୍ୟ ହିତାଧିକାରୀ ଆବେଦନ କରିବାର ପର ମାସ ଠାରୁ ଭତ୍ତା ପାଇବେ । ଭତ୍ତା ପାଉଥିବା ବ୍ୟକ୍ତି ୮୦ ବର୍ଷ ହେବା ପରେ ବା ପର ମାସ ଠାରୁ ବର୍ଦ୍ଧିତ ଭତ୍ତା ପାଇବେ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ। ତରଭା ବ୍ଲକରେ ୮୩୨ଜଣ ନୂତନ ଭାବେ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଥିବା ବେଳେ ଅତିଥି ମାନେ ୩୧୦ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ବଣ୍ଟନ କରିଥିଲେ। ଅନ୍ୟ ସମସ୍ତ ନୂତନ ହିତାଧିକାରୀ ମାନଙ୍କୁ ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କରାଯିବ। ବିଡ଼ିଓ ଶିବାନନ୍ଦ କର୍ମୀ ସଭାରେ ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ସଂଯୋଜନା କରିଥିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ତିଥି :(ପଞ୍ଚମୀ): (ପୂର୍ବାଷାଢ଼ା ଧନୁ)
ଅମୃତ ବେଳା: ଦିବା ଘ ୬।୪୬ ମଧ୍ୟେ ଘ୭ ।୩୪ ଗତେ

ଆଜିର ଅନୁଚିନ୍ତନ

ପ୍ରକୃତି ଓ ପୁରୁଷ ଦୁହିଁଙ୍କୁ ତୁମେ ଅନାଦି ବୋଲି ଜାଣ ଏବଂ ସମସ୍ତ ବିକାର ଓ ଗୁଣ ମଧ୍ୟ ପ୍ରକୃତିରୁ ଉତ୍ପନ୍ନ ବୋଲି ଜାଣ।

- ଶ୍ରୀମଦ୍ ଭଗବତ୍ ଗୀତା

ନିଶା ବଢୁଛି, ଉଦ୍‌ବେଗ ବି

ଅଧିକାଂଶ ଦିନ ଗଂଜେଇ ହେଉ କି ମଦ ଅବା ବ୍ରାଉନସୁଗାର ଆମ ରାଜ୍ୟରେ ଜବତ ହେବା ଘଟଣା ଗଣମାଧ୍ୟମକୁ ଆସୁଛି। ନାନା ନିଶା ସାମଗ୍ରୀର ଚାହିଦା ବଢୁଥିବାରୁ ଚୋରାଚାଲାଣ ତାହାକୁ ତାଳ ଦେଇ ବଢୁଛି। ନିକଟରେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଧରିଥିଲା ୩ ନିଶା ମାଫିଆଙ୍କୁ। ଜବତ ହୋଇଥିଲା ୪୧୭ କିଲୋଗ୍ରାମର ଗଂଜେଇ ଓ ଦୁଇଟି କାର୍। ଅଭିଯୁକ୍ତ ମାଫିଆଙ୍କଠାରୁ ଏନ୍‌ସିବି ଯାହା ଜାଣିବାକୁ ପାଇଥିଲା ତାହାର ସାରାଂଶ ହେଉଛି ଏହିପରି: ପ୍ରଥମେ ଅଭିଯୁକ୍ତମାନେ କନ୍ଧମାଳ ଓ ବୌଦ୍ଧରୁ ଗଂଜେଇ ସଂଗ୍ରହ କରୁଥିଲେ ପରେ ଆଣି ରଖୁଥିଲେ କଟକରେ। ଏହାପରେ ବିହାର, ମଧ୍ୟପ୍ରଦେଶ, ଦିଲ୍ଲୀ, ୟୁପି, ମୁମ୍ବାଇ ପ୍ରଭୃତିକୁ ଚାଲାଣ କରୁଥିଲେ। ଏହା ସୂଚାଇ ଦିଏ ଯେ ରୀତିମତ ଭାବରେ ଓଡ଼ିଶା ଗଂଜେଇ ବାହାରକୁ ଯାଉଛି ଏବଂ ଯାହା ଯେତେବେଳେ ଧରାପଡୁଛି ସେ ସଂପର୍କରେ ଖବର ମିଳୁଛି। ଏପରି ବି ହୋଇପାରେ ଯାଞ୍ଚକାରୀ ସଂସ୍ଥା ବା କର୍ତ୍ତୃପକ୍ଷଙ୍କ ଆଢୁଆଳରେ ଆହୁରି ଅଧିକ ଗଂଜେଇ ବାହାରକୁ ଯାଉଥାଇପାରେ। ଏହାକୁ ଅନୁଧ୍ୟାନ କଲେ ଆଉ ଦୁଇ ଦିଗ ଅପ୍ରକାଶ୍ୟ ରହିଯାଉଛି। ଅର୍ଥାତ୍ , ଯୋଗାଣକାରୀ ଓ ଗନ୍ତବ୍ୟସ୍ଥାନର ଗ୍ରାହକ ବା ଗ୍ରାହକମାନେ। ଏହା ଏକ ତ୍ରିଭୁଜ ଭଳି ହୋଇଥିବାରୁ ଗୋଟିଏ ବାହୁକୁ ଧରିଲେ ଅନ୍ୟ ଦୁଇ ବାହୁ ନିକଟରେ କୌଶଳକ୍ରମେ ପହଞ୍ଚି ଧରପଗଡ଼ କଲେ ନେଟୱର୍କର ପତ୍ତା ମିଳିପାରେ।

କେବଳ ଗଂଜେଇ କାହିଁକି ମଦ, ବ୍ରାଉନସୁଗାର, କୋଡିନଯୁକ୍ତ କଫ୍‌ସିରପ ବହୁ ସମୟରେ ଜବତ ହେଉଥିବା ଖବର ନିଶାସାମ୍ରାଜ୍ୟର ବ୍ୟାପକତାକୁ ସୂଚିତ କରେ। ଉଲ୍ଲେଖ କରାଯାଇପାରେ ଗତ ଅକ୍ଟୋବର ୧୦ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ଚଢଉ ଅଭିଯାନର ପ୍ରଥମ ୫ ଦିନ କାର୍ଯ୍ୟାନୁଷ୍ଠାନରେ ଜବତ ହୋଇଥିବା ନିଶା ସାମଗ୍ରୀ ଚକିତ କରିବା ଭଳି। ଜବତ ହୋଇଥିଲା ୫.୧୦କୋଟି ଟଙ୍କାର ନିଶାସାମଗ୍ରୀ। ତାହାସାଙ୍ଗକୁ ଗିରଫ ହୋଇଥିଲେ ୪୭୦ ଜଣ।

ଏବେ ପୁଣି ଆଉ ଏକ ନିଶା ଦ୍ରବ୍ୟ ଚୋରାବଜାରରେ ବିକ୍ରୟ ହେଉଥିବା ଖବର ଆସିଲାଣି। ଏହାର ଉତ୍ପତ୍ତି ଜାଣିଲେ ନିଶାଡ଼ି ଭୟ କରିବା କଥା, ମାତ୍ର ଆପାତତଃ ଭୟ ଜାଗ୍ରତ କରୁନାହିଁ। ଏହି ନିଶାର ନାମ ଜୋମ୍ବି। ଗୋରୁ, ଘୋଡ଼ା ଓ ଅନ୍ୟାନ୍ୟ ଗୃହପାଳିତ ପଶୁଙ୍କ ଠାରେ କୌଣସି ଦୁରାରୋଗ୍ୟ ରୋଗ ଅବା ଅସ୍ତ୍ରୋପଚାର କରାଯିବା ସମୟରେ ଏକ ପ୍ରକାର ଟ୍ରାଙ୍କୁଲାଇଜର ବା ନିଶ୍ଚେତକ ବ୍ୟବହୃତ ହୋଇଥାଏ। ପଶୁଙ୍କ ପାଇଁ ଉଦ୍ଦିଷ୍ଟ ଏହି ଟ୍ରାଙ୍କୁଲାଇଜରରୁ ପ୍ରସ୍ତୁତ ହୋଇଥାଏ ଜୋମ୍ବି। ବ୍ରାଉନସୁଗାର ସହ ଏହାର ମିଶ୍ରଣର ଚାହିଦା କୁଆଡ଼େ ଯାଜପୁର, ଖୋର୍ଦ୍ଧା, କଟକ, ଭଦ୍ରକର କିଛି ଅଞ୍ଚଳରେ ବେଶ୍ ଥିବା ଓ ଦାମ୍ କମ୍ ଥିବାରୁ ବିକ୍ରୀବଟା ଭଲ ଚାଲିଥିବା କୁହାଯାଉଛି। ଦୀର୍ଘଦିନ ଧରି ଏହି ନିଶାସେବନ କଲେ ନିଶାଡ଼ି ଗୋରୁ ବା ଘୋଡ଼ାଭଳି ତଳମୁହାଁ ହୋଇ ଚାଲିବାକୁ ଲାଗେ। ସମୟକ୍ରମେ ତା'ର ଦେହରେ ଘା ଭରେ ଓ ମାଂସ ପଚେ। ଏହି ହେଉଛି ପରିଣାମ। କେଉଁଠୁ ଆସୁଛି ଏହି ନିଶାଦ୍ରବ୍ୟ ? ଜୋରସୋରରେ ଅନୁସନ୍ଧାନ କଲେ ନିଶ୍ଚୟ ପତ୍ତା ମିଳିବ। ଜୋମ୍ବି ହେଉ କି ଅନ୍ୟାନ୍ୟ ନିଶା ହେଉ, ପରିଣାମ ନେଇ ନିଶାଡ଼ି ଯଦି ଭ୍ରୂକ୍ଷେପ କରୁଥାଆନ୍ତା ତେବେ ଏହା ସେବନ କରିବାରୁ ନିବୃତ୍ତ ହୁଅନ୍ତା। କିନ୍ତୁ ତାହା ଆପାତତଃ ଘଟୁନାହିଁ। ଜବତ ହୋଇଥିବା ନାନା ନିଶାଦ୍ରବ୍ୟର ପରିଣାମ ପ୍ରକାରାନ୍ତେ ଏକ ନିଶାଗ୍ରସ୍ତ ସମାଜର ଏକ ଅଂଶର ଦୁଃସ୍ଥ ରୂପକୁ ପ୍ରତିଫଳିତ କରେ। ଏନେଇ ମିଳିତ ଭାବରେ ଚଢାଉ ସାଙ୍ଗକୁ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କଠୋର ଭାବରେ ଗ୍ରହଣ କରାଯିବା ଲୋଡ଼ା ପଡୁଛି। ତେବେ ସବୁଠୁ ଅଧିକ ଆବଶ୍ୟକ ହେଉଛି ଜନ ସଚେତନତା। ଯେଉଁ ସଚେତନତା ନିଶା ଯୋଗୁଁ କିଭଳି ବ୍ୟକ୍ତି ଓ ପରିବାର ଦୁର୍ଦ୍ଦଶା ଭିତରକୁ ଠେଲି ହୋଇଯାଉଛି ତାହାର ଚିତ୍ର ପ୍ରତିଫଳିତ ହେବା ଆବଶ୍ୟକ ପଡୁଛି।

ଶିଶୁ ହସିଲେ ଦୁନିଆ ହସିବ

ଚିତ୍ତରଞ୍ଜନ ପୃଷ୍ଟି

ଦେଶ ନିର୍ମାଣରେ ଶିଶୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କ ଭିତରେ ଅପାର ସମ୍ଭାବନା ରହିଛି ଏବଂ ତାହାକୁ ଗଠନମୂଳକ ଢଙ୍ଗରେ ପରିଚାଳନା କରିବାର ଦାୟିତ୍ୱ ହେଉଛି ରାଷ୍ଟ୍ରର।

ସେହି କୋମଳମତି ଶିଶୁମାନଙ୍କୁ ହୃଦୟରୁ ଭଲ ପାଉଥିବା ମଣିଷ ହେଉଛନ୍ତି ପଣ୍ଡିତ ଜବାହରଲାଲ ନେହେରୁ । ସେହି ମହାନ ବ୍ୟକ୍ତିଙ୍କର ଜନ୍ମଦିନକୁ ସାରାଦେଶ ଶିଶୁ ଦିବସ ଭାବେ ପାଳନ କରୁଛି। ଶିଶୁମାନଙ୍କ ପ୍ରତି ତାଙ୍କର ସେହି ବିରଳ ଶ୍ରଦ୍ଧାକୁ ସ୍ମରଣୀୟ କରି ରଖିବା ପାଇଁ ପ୍ରତିବର୍ଷ ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଶିଶୁମାନଙ୍କ ସହ ଜଡ଼ିତ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କରେ ତାଙ୍କ ଜନ୍ମଦିନକୁ ଶିଶୁଦିବସ ଭାବେ ପାଳନ କରାଯାଇଆସୁଛି। ପଣ୍ଡିତ ନେହେରୁ ଏକଦା କହିଥିଲେ, 'ଆଜିର ଶିଶୁ ଆସନ୍ତାକାଲିର ଭାରତ ନିର୍ମାଣ କରିବେ'। ଆମେ ଯେଉଁଭଳି ଭାବେ ସେମାନଙ୍କୁ ଗଢ଼ିବୁ ତାହା ହିଁ ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରିବ। ' ଶିଶୁର ଶାରୀରିକ ଓ ମାନସିକ ବିକାଶ ହେଉଛି ଦେଶ ବିକାଶର ପ୍ରକୃତ ମାପକାଠି । ଶିଶୁମାନଙ୍କର କଲ୍ୟାଣକୁ ପ୍ରାଥମିକତା ଦେବା ତଥା ସେମାନଙ୍କ ପାଇଁ ଏକ ଉନ୍ନତ ବିଶ୍ୱ ଗଠନ ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା, ପିଲାମାନଙ୍କୁ ସ୍ନେହ ଶ୍ରଦ୍ଧା ଦେବା, ସେମାନଙ୍କ ଯତ୍ନ ନେଇ ସେମାନଙ୍କୁ ଦେଶର ଜଣେ ସୁନାଗରିକ ଭାବେ ଗଢ଼ି ତୋଳିବା ହେଉଛି ଶିଶୁ ଦିବସର ବାର୍ତ୍ତା । ପିଲାମାନେ ହେଉଛନ୍ତି ବୃକ୍ଷର କଢ ସଦୃଶ। ସେମାନଙ୍କର ସଠିକ୍ ଯତ୍ନ ଓ ଉଚିତ ଲାଳନପାଳନ କଲେ ହିଁ ଏକ ସୁନ୍ଦର ଫୁଲ ଭାବେ ଫୁଟି ଜଗତର ହିତ ସାଧନ କରିପାରିବେ ।

ଦେଶ ନିର୍ମାଣରେ ଶିଶୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି କଥାକୁ ମର୍ମେ ମର୍ମେ ହୃଦୟଙ୍ଗମ କରିଥିଲେ ନେହେରୁ । ଛୋଟ ପିଲାଙ୍କୁ ଆଦର କରୁଥିବା, ସ୍ନେହ କରୁଥିବା ମହାନ ବ୍ୟକ୍ତି ହେଉଛନ୍ତି ଚାଚା ନେହେରୁ । ଫୁଲ ଭଳି ଛୋଟ ପିଲାଙ୍କୁ ସ୍ନେହ କରୁଥିଲେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁ । ପ୍ରତି ମୁହୂର୍ତ୍ତରେ ତାଙ୍କ କଥା ଚିନ୍ତା କରୁଥିଲେ । ଦେଶର ଗୌରବ, ଦେଶ ନିର୍ମାଣରେ ତାଙ୍କ ଭୂମିକା ଓ ଅଙ୍ଗୀକାରବଦ୍ଧତାକୁ ବୁଝିଥିଲେ ସିଏ । ସେ ଦେଶର ଭବିଷ୍ୟତକୁ ଶିଶୁମାନଙ୍କ ଆଖିରେ ଦେଖୁଥିଲେ। ପଣ୍ଡିତ ଜବାହାରଲାଲ ନେହେରୁଙ୍କ ମତରେ, ଯଦି ଆମେ ଶିଶୁମାନଙ୍କ ଉପଯୁକ୍ତ ଯତ୍ନ ନେବା ତାଙ୍କୁ ଉଚିତ ମାର୍ଗରେ ନେବା, ତେବେ ଆମେ ଏକ ସୁନ୍ଦର ଭାରତ ପରିକଳ୍ପନା କରିପାରିବା । ଦେଶର ସାମଗ୍ରିକ ବିକାଶ ଶିଶୁମାନଙ୍କ ଉପରେ ହିଁ ନିର୍ଭର କରିଥାଏ । ସେଥିପାଇଁ ଶିଶୁମାନେ ସୁସ୍ଥ ଓ ନୀରୋଗ ରହିବା ଆବଶ୍ୟକ ।ଏଥିପାଇଁ ନେହେରୁ ସର୍ବଦା ଶିଶୁମାନଙ୍କ ଉନ୍ନତିର ପରିକଳ୍ପନା କରୁଥିଲେ । ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଶତଚେଷ୍ଟିତ ଥିଲେ ନେହେରୁ ।ଆମେ ପିଲାମାନଙ୍କୁ ଯେପରି ଗଢି ତୋଳିବା ସେମାନେ ସେହିପରି ଦେଶର ଭବିଷ୍ୟତ ବିଷୟରେ ଚିନ୍ତା କରିବେ।

ନେହେରୁଙ୍କ ମତରେ ପିଲାମାନେ ଆମ ସମାଜର ଆଧାର ଅଟନ୍ତି। ତେଣୁ ଏହି ଦିନର ମୂଳ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ ପିଲାମାନଙ୍କର ଅଧିକାର ବିଷୟରେ ଶିକ୍ଷା ଦେବା, ସେମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କୁ ଭଲ ଶିକ୍ଷା ଦେବା। ସମାଜର ବିକାଶ ପାଇଁ ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ଅପରିହାର୍ଯ୍ୟ। ଶିଶୁମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଏବଂ ଅସୁମାରି ସୁଯୋଗ ସୃଷ୍ଟି କରିବା ଦିଗରେ ସମସ୍ତେ ଏକହୋଇ କାମ କରିବା ।ଏହି ଦିବସରେ ଶିଶୁଙ୍କ ବିକାଶ ଲାଗି ସଂକଳ୍ପ ନେବା ସହିତ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନା,ଶୋଷଣ ,ବାଛବିଚାର ତଥା ଶିଶୁ ଶ୍ରମିକ ବିରୋଧରେ ସଚେତନତା ସୃଷ୍ଟି କରିବାରେ ପ୍ରୟାସ କରିବା । ଯେତେବେଳେ ଆମେ ଶିଶୁମାନଙ୍କୁ ମୌଳିକ ଅଧିକାର ପ୍ରଦାନ କରିବା ତାସହିତ ସେମାନଙ୍କୁ ଶିଶୁଚାଲାଣ, ଶିଶୁ ନିର୍ଯାତନା ଓ ଶିଶୁଶ୍ରମ ପରି ସାମାଜିକ କୁପ୍ରଥାରୁ ରକ୍ଷା କରିବା ସେତେବେଳେ ଆମେ ଏକ ସୁରକ୍ଷିତ ଶିଶୁ ସମାଜ ଗଠନରେ ସଫଳ ହୋଇପାରିବା ।ଆମେ ଆଜିର ଦିନରେ ସଂକଳ୍ପ ନେବା ପ୍ରତ୍ୟେକ ଶିଶୁକୁ ସୁନାଗରିକ ଭାବେ ଗଢିତୋଳିବା ଏବଂ ତା ମୁହଁରେ ହସ ଫୁଟାଇବା । ତାହାହିଁ ହେବ ଚାଚା ନେହେରୁଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।


ନିମାପଡା, ପୁରୀ
ମୋ-୯୭୭୮ ୧୭୭୫୦୧

ପ୍ରକୃତିର ସନ୍ତୁଳନ ଓ ମନୁଷ୍ୟର ହସ୍ତକ୍ଷେପ

ଡ. ଅମୂଲ୍ୟ କୁମାର ପଣ୍ଡା

"ପକ୍ଷୀମାନେ ପ୍ରକୃତିର ସନ୍ତୁଳନର ପ୍ରତୀକ; ସେମାନଙ୍କ ଡେଣା ବାୟୁରେ ଉଡ଼ିବା ସମୟରେ ଇକୋସିଷ୍ଟମକୁ ବଜାୟ ରଖନ୍ତି। ସେମାନେ ବିହନ ବିସ୍ତାର କରନ୍ତି, କୀଟପତଙ୍ଗଙ୍କୁ ସନ୍ତୁଳିତ କରନ୍ତି ଏବଂ ବର୍ଷା ଚକ୍ରରେ ଯୋଗଦାନ କରନ୍ତି। କିନ୍ତୁ ମଣିଷ ଆଗମନ ଜଙ୍ଗଲ ନଷ୍ଟ କରିଛି, ନଦୀ ପ୍ରଦୂଷିତ କରିଛି ଏବଂ ବାୟୁକୁ ବିଷାକ୍ତ କରିଛି। ଉଦାହରଣ ସ୍ୱରୂପ, ଆମାଜନ ବର୍ଷାଜଳକୁ ସୋୟା ଚାଷ ପାଇଁ ସଫା କରାଯାଉଛି, ଯାହା ପକ୍ଷୀ ପ୍ରଜାତି ବିଲୁପ୍ତ କରିଦିଏ। ଭାରତରେ, ଗଙ୍ଗା-ଯମୁନା ସମତଳ ଭୂମିରେ ଶିକ୍ଷାୟନ ପକ୍ଷୀ ଅଭୟାରଣ୍ୟକୁ ନଷ୍ଟ କରିଦେଇଛି।

ପ୍ରକୃତିର ସନ୍ତୁଳନ ଏକ ଅନନ୍ୟ କୃତି, ଯେଉଁଠାରେ ପ୍ରତ୍ୟେକ ଉପାଦାନ ତାର ନିର୍ଦ୍ଦିଷ୍ଟ ଭୂମିକାରେ ସୌନ୍ଦର୍ଯ୍ୟ ପ୍ରଦର୍ଶନ କରେ। ପକ୍ଷୀଙ୍କ ଡେଣା ସେମାନଙ୍କ ଉଡ଼ାଣର ପ୍ରତୀକ, ଆକାଶରେ ସ୍ୱାଧୀନତା ଏବଂ ସମନ୍ୱୟ ପ୍ରଦାନ କରେ। କିନ୍ତୁ ମାନବ ହସ୍ତକ୍ଷେପ ସହିତ, ଏହି ସୌନ୍ଦର୍ଯ୍ୟ ବିନାଶର ରୂପ ନେଇଥାଏ। 'ପକ୍ଷୀମାନଙ୍କ ଉପରେ କେବଳ ଡେଣା ଭଲ ଦେଖାଯାଏ... ମଣିଷ ଯିବା ମାତ୍ରେ ବିନାଶ ଆରମ୍ଭ ହୁଏ।' ଏହି ବିବୃତି ମାନବର ଲୋଭ ଏବଂ ଅଜ୍ଞତାକୁ ପ୍ରତିଫଳିତ କରେ। ଏହା ଆମକୁ ଚେତାବନୀ ଦିଏ ଯେ ପ୍ରକୃତି ସହିତ ହାତାହାତି କରୁଥିବା ମଣିଷମାନେ ନିଜର ମୂଳ କାଟି ଦିଅନ୍ତି। ଏହି ପ୍ରବନ୍ଧରେ, ଆମେ ଏହି ବିବୃତିର ବିଭିନ୍ନ ଦିଗକୁ ବିଶ୍ଳେଷଣ କରିବୁ - ପରିବେଶଗତ, ସାମାଜିକ, ଆଧାତ୍ମିକ ଏବଂ ଐତିହାସିକ। ପ୍ରଥମେ ପରିବେଶଗତ ଦୃଷ୍ଟିକୋଣରୁ, ଏହି ବିବୃତି ପରିବେଶଗତ ବିନାଶର ସତ୍ୟକୁ ପ୍ରକାଶ କରେ। ପକ୍ଷୀମାନେ ପ୍ରକୃତିର ସନ୍ତୁଳନର ପ୍ରତୀକ; ସେମାନଙ୍କ ଡେଣା ବାୟୁରେ ଉଡ଼ିବା ସମୟରେ ଇକୋସିଷ୍ଟମକୁ ବଜାୟ ରଖନ୍ତି। ସେମାନେ ବିହନ ବିସ୍ତାର କରନ୍ତି, କୀଟପତଙ୍ଗଙ୍କୁ ସନ୍ତୁଳିତ କରନ୍ତି ଏବଂ ବର୍ଷା ଚକ୍ରରେ ଯୋଗଦାନ କରନ୍ତି। କିନ୍ତୁ ମଣିଷ ଆଗମନ ଜଙ୍ଗଲ ନଷ୍ଟ କରିଛି, ନଦୀ



ପ୍ରଦୂଷିତ କରିଛି ଏବଂ ବାୟୁକୁ ବିଷାକ୍ତ କରିଛି। ଉଦାହରଣ ସ୍ୱରୂପ, ଆମାଜନ ବର୍ଷାଜଳକୁ ସୋୟା ଚାଷ ପାଇଁ ସଫା କରାଯାଉଛି, ଯାହା ପକ୍ଷୀ ପ୍ରଜାତି ବିଲୁପ୍ତ କରିଦିଏ। ଭାରତରେ, ଗଙ୍ଗା-ଯମୁନା ସମତଳ ଭୂମିରେ ଶିକ୍ଷାୟନ ପକ୍ଷୀ ଅଭୟାରଣ୍ୟକୁ ନଷ୍ଟ କରିଦେଇଛି। କେରଳର ଭେମ୍ବାନାଡ ହ୍ରଦ, ଯାହା ଥରେ ପ୍ରବାସୀ ପକ୍ଷୀଙ୍କ ପାଇଁ ସ୍ୱର୍ଗ ଥିଲା, ଏବେ ପ୍ଲାଷ୍ଟିକ୍ ଆବର୍ଜନାରେ ସ୍ତବ୍ଧ ହୋଇଯାଇଛି। ମାନବ 'ବିକାଶ' ନାମରେ, ପକ୍ଷୀ ସୌନ୍ଦର୍ଯ୍ୟ ଉଡ଼ିବା ପରିବର୍ତ୍ତେ ଭୂମିରେ ପଡ଼ିଯାଇଛି। ଜଳବାୟୁ ପରିବର୍ତ୍ତନ ଏହାର ଏକ ସ୍ପଷ୍ଟ ଉଦାହରଣ - ହିମବାହ ତରଳି ଯାଉଛି, ଘୂର୍ଣ୍ଣିବାତ୍ୟା ବଢୁଛି। ମାନବ ଲୋଭ ଏହାର ମୂଳ କାରଣ।

ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି ଯେ ଗତ ୫୦ ବର୍ଷ ମଧ୍ୟରେ ୬୮ପ୍ରତିଶତ ବନ୍ୟପ୍ରାଣୀ ଲୋଭ ଯୋଗୁଁ ଲୋପ ପାଇଛନ୍ତି। ଏହି ବକ୍ତବ୍ୟ ସାମାଜିକ ସ୍ତରରେ ମଧ୍ୟ ପ୍ରାସଙ୍ଗିକ। ପକ୍ଷୀମାନେ ସମ୍ପ୍ରଦାୟ ଏକତା ଏବଂ ସହଯୋଗର ଉଦାହରଣ ଦିଅନ୍ତି - ସେମାନେ ପରସ୍ପରକୁ ସୁରକ୍ଷା ଦେଇ ଦଳ ଦଳ ହୋଇ ଉଡ଼ନ୍ତି। କିନ୍ତୁ ମାନବ ଆଗମନ ସମାଜରେ ସ୍ୱାର୍ଥପରତା, ହିଂସା ଏବଂ ଅସମାନତାକୁ ଜନ୍ମ ଦେଇଛି।

ପ୍ରାଚୀନ କାଳରେ, ପ୍ରକୃତି ସହିତ ସମନ୍ୱୟରେ ଜଙ୍ଗଲ ଜୀବନ ସରଳ ଥିଲା। କିନ୍ତୁ ଶିଳ୍ପ ବିପ୍ଳବ ପରେ, ପୁଞ୍ଜିବାଦ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଭାରତରେ ବ୍ରିଟିଶ ଯୁଗରେ, ରେଳ ପାଇଁ ଜଙ୍ଗଲକୁ ଶୋଷଣ କରାଯାଉଥିଲା, ଆଦିବାସୀ ସଂସ୍କୃତିକୁ ନଷ୍ଟ କରାଯାଉଥିଲା। ଆଜି ମଧ୍ୟ, କର୍ପୋରେଟ୍ ଲବିଗୁଡ଼ିକ ଜମି ଅଧିଗ୍ରହଣ ନାମରେ ଗ୍ରାମଗୁଡ଼ିକୁ ନଷ୍ଟ କରୁଛନ୍ତି। କୋଭିଡ-୧୯ ମହାମାରୀ ପ୍ରମାଣ କରିଛି ଯେ ମଣିଷର କପଟ ପ୍ରକୃତିକୁ ବିପଦରେ ପକାଇଛି। ସହରୀକରଣ ପକ୍ଷୀମାନଙ୍କୁ ସେମାନଙ୍କର ପ୍ରାକୃତିକ ବାସସ୍ଥାନରୁ ଲୁଣ୍ଠନ କରିଛି, ଏବଂ କଂକ୍ରିଟ୍ ଜଙ୍ଗଲ ଚାପ, ଅବସାଦ ଏବଂ ଅପରାଧକୁ ପ୍ରୋତ୍ସାହିତ କରିଛି। ମହାତ୍ମା ଗାନ୍ଧୀ କହିଥିଲେ, 'ପୃଥିବୀ ସମସ୍ତଙ୍କର ଆବଶ୍ୟକତା ପୂରଣ କରିପାରିବ, କିନ୍ତୁ ଲୋଭ ନୁହେଁ।' ମଣିଷର ଆଗମନ ସହିତ, ସାମାଜିକ ବନ୍ଧନ ଭାଙ୍ଗିଗଲା, ଏବଂ ବିନାଶର ଏକ ଚକ୍ର ଆରମ୍ଭ ହେଲା। ଏହି ଉକ୍ତି ଆଧାତ୍ମିକ ଦୃଷ୍ଟିକୋଣରୁ ଗଭୀର। ଭାରତୀୟ ଦର୍ଶନରେ, ପକ୍ଷୀ ଆତ୍ମାର ପ୍ରତୀକ - ଉପନିଷଦରେ, ପକ୍ଷୀ ବ୍ରହ୍ମ ଆଡ଼କୁ ଉଡ଼ିବାର ଏକ ରୂପକ। ଭଗବଦ୍ ଗୀତାରେ, ଭଗବାନ କୃଷ୍ଣ କହିଛନ୍ତି ଯେ ପ୍ରକୃତି ହେଉଛି ଈଶ୍ୱରଙ୍କ ଭ୍ରମ, ଯାହାକୁ ମଣିଷ ସଂରକ୍ଷଣ କରିବା ଉଚିତ। କିନ୍ତୁ ମାନବ ଅହଂକାର ଏହାକୁ ଭୁଲି ଯାଇଛି। ଜୈନ ଧର୍ମରେ, ଅହିଂସା ପକ୍ଷୀମାନଙ୍କ ଦ୍ୱାରା ପ୍ରେରିତ, ଯେତେବେଳେ ଆଧୁନିକ ମଣିଷ ନିଷ୍ଠୁରତାର ପ୍ରତୀକ ପାଲଟିଛି।

ତିବ୍ବତୀୟ ଲାମାମାନେ କୁହନ୍ତି ଯେ ପ୍ରକୃତି ହେଉଛି ଦେବତାମାନଙ୍କର ଘର, ଏବଂ ମାନବ ହସ୍ତକ୍ଷେପ ହେଉଛି ପାପ। ବର୍ତ୍ତମାନ, ଯୋଗ ଏବଂ ଧ୍ୟାନ ନାମରେ ବାଣିଜ୍ୟକରଣ ଆଧାତ୍ମିକ ପବିତ୍ରତାକୁ ନଷ୍ଟ କରୁଛି। ସନ୍ଥ କବୀର କହିଥିଲେ, 'ପକ୍ଷୀମାନେ କେଉଁଠାରେ ରହିବେ, ଉଦ୍ୟାନ ଚାଲିଗଲା।' ମାନବ ଲୋଭ ସେମାନଙ୍କର ଆଧାତ୍ମିକ ଡେଣା କାଟି ଦେଇଛି।

ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ପ୍ରମାଣ ମିଳିଥାଏ। ପ୍ରାଚୀନ ମିଶରୀୟ ଏବଂ ମାୟାନ ସଭ୍ୟତା ପ୍ରକୃତି ସହିତ ସମନ୍ୱୟରେ ବିକଶିତ ହୋଇଥିଲା, କିନ୍ତୁ ରୋମାନ ସାମ୍ରାଜ୍ୟ ଏବଂ ଉପନିବେଶବାଦୀ ଶକ୍ତିଗୁଡ଼ିକ ଶୋଷଣ ମାଧ୍ୟମରେ ନିଜକୁ ନଷ୍ଟ କରିଥିଲେ। ଭାରତରେ, ମୋଗଲ ଯୁଗର ଉଦ୍ୟାନଗୁଡ଼ିକ ଲୋପ ପାଇଗଲା, ଏବଂ ବ୍ରିଟିଶ ଶାସନ ଜଙ୍ଗଲକୁ ନଷ୍ଟ କରିଦେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରମାଣୁ ପରୀକ୍ଷଣ ପରିବେଶକୁ ନଷ୍ଟ କରିଦେଲା। ଆଜି, ଜଳବାୟୁ ସମ୍ମିଳନୀରେ ମଧ୍ୟ ଧନୀ ଦେଶଗୁଡ଼ିକ ଗରିବମାନଙ୍କୁ ଦୋଷ ଦିଅନ୍ତି, କିନ୍ତୁ ସମସ୍ୟା ମଣିଷର ସ୍ୱାର୍ଥପରତାରେ ରହିଛି। ଶେଷରେ, ଏହି ଉକ୍ତି ଆମକୁ ଜାଗ୍ରତ କରେ। ପକ୍ଷୀଙ୍କ ଡେଣା ପ୍ରକୃତିର ଗରିମା; ମଣିଷ ସେମାନଙ୍କୁ ଆଲିଙ୍ଗନ କରିବା ଉଚିତ, ନଷ୍ଟ କରିବା ଉଚିତ ନୁହେଁ। ସ୍ଥାୟୀ ବିକାଶ, ବୃକ୍ଷରୋପଣ ଏବଂ ନୈତିକ ଜୀବନଶୈଳୀ ହେଉଛି ସମାଧାନ। ଯଦି ମଣିଷ ପ୍ରକୃତିକୁ ସମ୍ମାନ କରେ, ତେବେ ବିନାଶ ବନ୍ଦ ହୋଇପାରିବ। ନଚେତ୍, ଆମର ଡେଣା ଭାଙ୍ଗିଯିବ, ଏବଂ ଆମର ଉଡ଼ାଣ ଅସମ୍ଭବ ହୋଇଯିବ। ଆସନ୍ତୁ, ଏହି ଉକ୍ତିକୁ ହୃଦୟଙ୍ଗମ କରିବା ଏବଂ ପ୍ରକୃତି ସହିତ ସମନ୍ୱୟରେ ବଞ୍ଚିବା।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୯୯୩୮୯୦୬୦୭୦

ପରମ୍ପରାର ଡଙ୍ଗା, ଅବହେଳାର ନଦୀ

ଦୀପ୍ତିମୟୀ ନାୟକ

"ସାଧବମାନଙ୍କ ସାହସ ଓ ବାଣିଜ୍ୟିକ ପରମ୍ପରାର ପରିଚୟ ଦେଉଛୁ କିନ୍ତୁ ସେମାନଙ୍କୁ ଏକ ପରିଷ୍କାର ନଦୀ ଦେବାର ଦାୟିତ୍ୱ ମଧ୍ୟ ଆମର। କଳ୍ପନା କରନ୍ତୁ ଆଗାମୀ ଦଶ କିମ୍ବା କୋଡ଼ିଏ ବର୍ଷ ପରେ ଆମର ପିଲାମାନେ ଯେତେବେଳେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବାକୁ ଯିବେ ସେତେବେଳେ ଯଦି ନଦୀରେ ପାଣି ବଦଳରେ ଆବର୍ଜନା ଦେଖିବେ ତେବେ ସେମାନଙ୍କୁ ଆମେ କ'ଣ ଉତ୍ତର ଦେବା ?

କାର୍ତ୍ତିକ ମାସ ଆସିଲେ ଓଡ଼ିଶାର ପରିବେଶରେ ଏକ ଭିନ୍ନ ଆଧାତ୍ମିକ ଅନୁଭୂତି ସୃଷ୍ଟି ହୁଏ। ସକାଳର ଶୀତୁଆ ପବନ, ମନ୍ଦିରର ଘଣ୍ଟଧ୍ୱନି, ତୁଳସୀ ଚଉରାରେ ଜଳୁଥିବା ଦୀପ ଏବଂ ଘରେ ଘରେ ଶୁଭୁଥିବା ହରିନାମ ମଣିଷର ମନକୁ ଏକ ଅଲଗା ଶାନ୍ତିଦିଏ। ଏହି ମାସର ଶେଷ ଦିନ କାର୍ତ୍ତିକ ପୂର୍ଣ୍ଣିମା ଓଡ଼ିଆ ଜାତି ପାଇଁ କେବଳ ଏକ ପର୍ବ ନୁହେଁ ଏହା ହେଉଛି ଆମର ଇତିହାସ, ଐତିହ୍ୟ, ଆସ୍ଥା ଓ ଆତ୍ମପରିଚୟର ଏକ ଅନନ୍ୟ ପ୍ରତୀକ। ଏହି ଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ଲୋକମାନେ ନଦୀ, ପୋଖରୀ ଓ ବିଭିନ୍ନ ଜଳାଶୟକୁ ଯାଇ ଡଙ୍ଗା ଭସାନ୍ତି। କଦଳୀ ପଟୁଆ, କାଗଜ ଓ ଅନ୍ୟାନ୍ୟ ସାମଗ୍ରୀରେ ତିଆରି ଛୋଟ ଛୋଟ ଡଙ୍ଗାରେ ପାନ, ଗୁଆ, ଧୂପ, ଦୀପ ରଖି ଜଳରେ ଭସାଇ ଦିଅନ୍ତି। ସମସ୍ତଙ୍କ ମୁହଁରେ ଏକ ପରିଚିତ ଗୀତ ଶୁଭେ। 'ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର ମାସକ ଧରମ ମୋର।'

ତେବେ ଏହି ଛୋଟ ଡଙ୍ଗାଗୁଡ଼ିକ ଆମକୁ ମନେ ପକାଇଦିଏ ଏକ ବିଶାଳ ଅତୀତକୁ। ସେହି ଅତୀତ, ଯେଉଁଠି ଓଡ଼ିଆ ସାଧବମାନେ ବୋଇତ ନେଇ ଦୂରଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ। ସମୁଦ୍ରର ଉଚ୍ଚ ଢେଉ, ଅଜଣା ଦେଶର ରାସ୍ତା ଓ ବିପଦପୂର୍ଣ୍ଣ ଜଳଯାତ୍ରାକୁ ସାମ୍ନା କରି ସେମାନେ ଓଡ଼ିଶାର ବାଣିଜ୍ୟିକ ପରିଚୟକୁ ଦୂରଦୂରାନ୍ତରେ ପହଞ୍ଚାଇଥିଲେ। କିନ୍ତୁ ଆଜି ଏହି ଗୌରବମୟ ପରମ୍ପରାକୁ ସ୍ମରଣ କରିବା ସମୟରେ ମନରେ ଗୋଟିଏ ପ୍ରଶ୍ନ ଉଠେ। ଆମେ ଯେଉଁ ଜଳକୁ ସାକ୍ଷୀ ରଖି ଆମର ଐତିହ୍ୟକୁ ସମ୍ମାନ ଦେଉଛୁ ସେହି ଜଳକୁ ସୁରକ୍ଷିତ ରଖିବାରେ ଆମେ କେତେ ସଫଳ ହୋଇଛୁ। ଆମେ ଡଙ୍ଗା ଭସାଉଛୁ କିନ୍ତୁ ନଦୀକୁ ବଞ୍ଚାଇବା ପାଇଁ କ'ଣ କରୁଛୁ।ଏହି ପ୍ରଶ୍ନ ଆଜିର କାର୍ତ୍ତିକ ପୂର୍ଣ୍ଣିମାର ସବୁଠାରୁ ବଡ଼ ଆତ୍ମସମୀକ୍ଷା। ଓଡ଼ିଶାର ଇତିହାସ ଜଳପଥ ଓ ସାମୁଦ୍ରିକ ବାଣିଜ୍ୟ ସହିତ ଗଭୀର ଭାବରେ ଜଡ଼ିତ। ପ୍ରାଚୀନ କଳିଙ୍ଗର ବାଣିଜ୍ୟିକ ପରିଚୟ ଦେଶ ବିଦେଶରେ ପ୍ରସିଦ୍ଧ ଥିଲା। ଆମର ସାଧବମାନେ ବୋଇତରେ ମୂଲ୍ୟବାନ ସାମଗ୍ରୀ ନେଇ ବିଭିନ୍ନ ଦ୍ୱୀପ ଓ ବନ୍ଦରକୁ ଯାତ୍ରା କରୁଥିଲେ। ବାଲି, ଜାଭା, ସୁମାତ୍ରା ଆଦି ଅଞ୍ଚଳ ସହିତ ଓଡ଼ିଶାର ସାମୁଦ୍ରିକ ସମ୍ପର୍କର ସ୍ମୃତି ଆଜି ମଧ୍ୟ ଆମ ସଂସ୍କୃତିରେ ରହିଛି ।ସେହି ସମୟରେ ନଦୀ ଥିଲା ଜୀବନର ରାସ୍ତା। ଜଳ ଥିଲା ସମ୍ପଦ। ବୋଇତ ଥିଲା ଜୀବିକା ଓ ସ୍ୱପ୍ନର ବାହନ। ଜଳପଥକୁ ଆଧାର କରି ମଣିଷ ନିଜର ଜୀବନ ଓ ବାଣିଜ୍ୟକୁ ଆଗକୁ ବଢ଼ାଇଥିଲା। ଆଜି ଆମେ ସେହି ଇତିହାସକୁ ମନେ ପକାଇବା ପାଇଁ ଛୋଟ ଛୋଟ ଡଙ୍ଗା ଭସାଉଛୁ । କିନ୍ତୁ ଯେଉଁ ନଦୀ ଆମର ଐତିହ୍ୟର ଏକ ଅଂଶ, ସେହି ନଦୀରେ ଆଜି ଅନେକ ସ୍ଥାନରେ ଆବର୍ଜନାର ଆସ୍ତରଣ ଦେଖିବାକୁ ମିଳୁଛି। କେଉଁଠି ନଦୀର ଜଳ କଳା ପଡ଼ିଯାଉଛି, କେଉଁଠି ପ୍ଲାଷ୍ଟିକ ଓ ପଲିଥିନ ଭାସୁଛି, ଆଉ କେଉଁଠି ନର୍ଦ୍ଦମା ପାଣି ନଦୀରେ ମିଶୁଛି। ଯେଉଁ ନଦୀ ଦିନେ ଜୀବନର ସ୍ରୋତ ଥିଲା ତାହା ଆଜି ମଣିଷର ଅବହେଳାର ଶିକାର ହେଉଛି। କାର୍ତ୍ତିକ ପୂର୍ଣ୍ଣିମାରେ ନଦୀକୂଳରେ ଭକ୍ତଙ୍କ ଭିଡ଼ ଲାଗେ। ପ୍ରତ୍ୟେକ ମଣିଷ ନିଜ ଶକ୍ତି ଓ ସାମର୍ଥ୍ୟ ଅନୁସାରେ ପରମ୍ପରା ପାଳନ କରନ୍ତି । କେହି ମାଟିର ଡଙ୍ଗା ଭସାନ୍ତି,କେହି କଦଳୀ ପଟୁଆର ଡଙ୍ଗା ତିଆରି କରନ୍ତି ଆଉ କେହି ସୁନ୍ଦର ସାଜସଜ୍ଜା କରି ଡଙ୍ଗାକୁ ଆକର୍ଷଣୀୟ କରନ୍ତି। କିନ୍ତୁ ଏହି ସାଜସଜ୍ଜା ଭିତରେ ପ୍ଲାଷ୍ଟିକର ବ୍ୟବହାର ବଢ଼ିବା ଏକ ଚିନ୍ତାର ବିଷୟ। ଡଙ୍ଗା ସହିତ ପଲିଥିନ, ପ୍ଲାଷ୍ଟିକ ଫୁଲ, ଥର୍ମୋକୋଲ ଓ ଅନ୍ୟାନ୍ୟ ଅପଚନଶୀଳ ସାମଗ୍ରୀ ଜଳରେ ପଡୁଛି। ଏହାର ପରିଣାମ ନଦୀ ଓ ଜଳଜୀବଙ୍କୁ ଭୋଗିବାକୁ ପଡୁଛି। ଆମେ ଭଗବାନଙ୍କ ନାମ ନେଇ ନଦୀକୁ ପବିତ୍ର ମନେ କରୁଛୁ। କିନ୍ତୁ ନିଜ ହାତରେ ସେହି ନଦୀକୁ ଅପରିଷ୍କାର କରୁଛୁ। ତେବେ ଏଠାରେ ପ୍ରଶ୍ନ ହେଉଛି ଆମର ଭକ୍ତି କ'ଣ କେବଳ ପୂଜା ଓ ପରମ୍ପରା ପାଳନରେ ସୀମିତ। ପ୍ରକୃତିକୁ ସୁରକ୍ଷା ଦେବା ମଧ୍ୟ କ'ଣ ଆମର ଧାର୍ମିକ ଓ ସାମାଜିକ ଦାୟିତ୍ୱ ନୁହେଁ।

ଯଦି ନଦୀକୁ ମାଆ ବୋଲି ସମ୍ମାନ ଦେଉଛୁ ତେବେ ମାଆର କୋଳକୁ ଅଳିଆରେ ଭରିଦେବା କେଉଁ ପ୍ରକାରର ସମ୍ମାନ।

ହୁଏତ ପ୍ଲାଷ୍ଟିକ ଆଜି ମଣିଷର ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯାଇଛି। ବଜାରରୁ ଜିନିଷ କିଣିବା ଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ ରଖିବା ପର୍ଯ୍ୟନ୍ତ ସବୁଠି ପ୍ଲାଷ୍ଟିକର ବ୍ୟବହାର ହେଉଛି। ସୁବିଧା ଦୃଷ୍ଟିରୁ ଏହା ଆମକୁ ସହଜ ଲାଗୁଛି କିନ୍ତୁ ଏହାର ଦୀର୍ଘକାଳୀନ ପରିଣାମ ଭୟଙ୍କର ।ପ୍ଲାଷ୍ଟିକ ସହଜରେ ମାଟି କିମ୍ବା ପାଣିରେ ମିଶି ନଷ୍ଟ ହୁଏ ନାହିଁ। ଏହା ଦୀର୍ଘ ସମୟ ଧରି ପରିବେଶରେ ରହିଥାଏ। ନଦୀରେ ପଡ଼ିଥିବା ପ୍ଲାଷ୍ଟିକ ମାଛ ଓ ଅନ୍ୟ ଜଳଜୀବଙ୍କ ପାଇଁ ବିପଦ ସୃଷ୍ଟି କରେ। ଛୋଟ ଛୋଟ ପ୍ଲାଷ୍ଟିକ ଖଣ୍ଡ ଜଳରେ ମିଶି ମାଇକ୍ରୋପ୍ଲାଷ୍ଟିକ ସୃଷ୍ଟି କରେ। ଏହା ଖାଦ୍ୟଶୃଙ୍ଖଳରେ ପ୍ରବେଶ କରି ଶେଷରେ ମଣିଷ ପାଖରେ ମଧ୍ୟ ପହଞ୍ଚିପାରେ। ନଦୀରେ ପ୍ଲାଷ୍ଟିକ ଜମା ହେବା ଦ୍ୱାରା ଜଳର ସ୍ୱାଭାବିକ ପ୍ରବାହ ମଧ୍ୟ ପ୍ରଭାବିତ ହୋଇପାରେ। ନାଳ ଓ ଜଳପଥ ଅବରୋଧ ହେବାରୁ ଜଳ ନିଷ୍କାସନ ସମସ୍ୟା ଦେଖାଦିଏ ।ଆମେ ଯେଉଁ ପ୍ଲାଷ୍ଟିକ ବ୍ୟାଗକୁ କିଛି ମିନିଟ୍ ପାଇଁ ବ୍ୟବହାର କରି ଫିଙ୍ଗି ଦେଉଛୁ ତାହା ପରିବେଶରେ ବହୁ ବର୍ଷ ଧରି ସମସ୍ୟା ସୃଷ୍ଟି କରିପାରେ। ଆମର କିଛି ମିନିଟ୍‌ର ସୁବିଧା ପାଇଁ ପ୍ରକୃତିକୁ ଦୀର୍ଘକାଳୀନ କ୍ଷତି ସହିବାକୁ ପଡୁଛି।

ତେବେ ନଦୀର ମୃତ୍ୟୁ କେବଳ ଏକ ଜଳସ୍ରୋତର ମୃତ୍ୟୁ ନୁହେଁ। ଏହା ସହିତ ଜଡ଼ିତ ଅନେକ ଜୀବନ ଓ ଜୀବିକାର ମୃତ୍ୟୁ। ଏକ ମତ୍ସ୍ୟଜୀବୀ ପରିବାରର ଜୀବନ ନଦୀର ମାଛ ଉପରେ ନିର୍ଭର କରେ। ଜଣେ ଚାଷୀର ଫସଲ ପାଇଁ ନଦୀର ଜଳ ଆବଶ୍ୟକ। ନଦୀକୂଳରେ ବସବାସ କରୁଥିବା ଅନେକ ଲୋକଙ୍କ ଜୀବନ ଏହି ଜଳସମ୍ପଦ ସହିତ ଜଡ଼ିତ। ନଦୀ ପ୍ରଦୂଷିତ ହେଲେ ମାଛ ମରନ୍ତି, ଜଳଜ ଉଦ୍ଭିଦ ପ୍ରଭାବିତ ହୁଅନ୍ତି ଓ ଜଳର ଗୁଣବତ୍ତା ନଷ୍ଟ ହୁଏ। ଏହାର ପ୍ରଭାବ ମଣିଷର ସ୍ୱାସ୍ଥ୍ୟ ଓ ଅର୍ଥନୀତି ଉପରେ ମଧ୍ୟ ପଡ଼େ। ଆମେ ଉତ୍ସବ ପାଳନ କରିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛୁ । କିନ୍ତୁ ନଦୀକୁ ସଫା ରଖିବା ପାଇଁ ଆମର ଆଗ୍ରହ କେତେ। ନଦୀକୂଳରେ ଆଲୋକ ସଜ୍ଜା ହେଉଛି, ମଞ୍ଚ ତିଆରି ହେଉଛି, ମେଳା ଲାଗୁଛି । କିନ୍ତୁ ଉତ୍ସବ ଶେଷ ହେବା ପରେ ସେଠାରେ ରହିଯାଉଥିବା ଆବର୍ଜନା କିଏ ସଫା କରିବ ।ଏହି ପ୍ରଶ୍ନର ଉତ୍ତର କେବଳ ପ୍ରଶାସନକୁ ଦେବାକୁ ହେବ ନାହିଁ। ଆମକୁ ମଧ୍ୟ ନିଜ ଆଚରଣର ହିସାବ ଦେବାକୁ ପଡ଼ିବ। ପର୍ବପର୍ବାଣି ମଣିଷର ଜୀବନରେ ଆନନ୍ଦ ଓ ଏକତା ଆଣେ। କିନ୍ତୁ ଉତ୍ସବର ଆନନ୍ଦ ପରିବେଶ ପାଇଁ ବିପଦ ହେବା ଉଚିତ ନୁହେଁ। ଆମେ ଆମର ପରମ୍ପରାକୁ ରକ୍ଷା କରିବା ସହିତ ପରିବେଶକୁ ମଧ୍ୟ ସୁରକ୍ଷିତ ରଖିପାରିବା। ଏଥିପାଇଁ କିଛି ପରିବର୍ତ୍ତନ ଆବଶ୍ୟକ।

ପ୍ରଥମେ ଡଙ୍ଗା ତିଆରିରେ ପ୍ଲାଷ୍ଟିକ ଓ ଥର୍ମୋକୋଲ ପରିବର୍ତ୍ତେ କଦଳୀ ପଟୁଆ, ମାଟି, କାଗଜ ଓ ପ୍ରାକୃତିକ ସାମଗ୍ରୀକୁ ଗୁରୁତ୍ୱ ଦେବା ଉଚିତ। ଦ୍ୱିତୀୟତଃ ନଦୀରେ ପୂଜା ସାମଗ୍ରୀ ଓ ଆବର୍ଜନା ନ ପକାଇବା ପାଇଁ ସଚେତନତା ସୃଷ୍ଟି କରିବା ଦରକାର। ତୃତୀୟତଃ ନଦୀକୂଳରେ ଯଥେଷ୍ଟ ଡଷ୍ଟବିନ୍ ଓ ବର୍ଜ୍ୟବସ୍ତୁ ସଂଗ୍ରହ ବ୍ୟବସ୍ଥା ରହିବା ଆବଶ୍ୟକ। ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ନଦୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇପାରିବ। ସାମାଜିକ ସଂଗଠନ, ଯୁବକ ସଂଘ ଓ ସ୍ୱେଚ୍ଛାସେବୀମାନେ ମଧ୍ୟ ଏହି କାର୍ଯ୍ୟରେ ସାମିଲ ହୋଇପାରିବେ। ସବୁଠାରୁ ବଡ଼ କଥା ହେଉଛି ନଦୀକୁ ସଫା କରିବା ପାଇଁ କେବଳ ବର୍ଷକୁ ଗୋଟିଏ ଦିନର ଅଭିଯାନ ଯଥେଷ୍ଟ ନୁହେଁ। ଏହା ଆମର ଦୈନନ୍ଦିନ ଅଭ୍ୟାସ ହେବା ଦରକାର।

ଆଜିର ଶିଶୁମାନେ ଆସନ୍ତାକାଲିର ସମାଜ ଗଢ଼ିବେ। ଆମେ ସେମାନଙ୍କୁ କାର୍ତ୍ତିକ ପୂର୍ଣ୍ଣିମାର ମହତ୍ତ୍ୱ ବୁଝାଉଛୁ, ବୋଇତର କାହାଣୀ କହୁଛୁ, ସାଧବମାନଙ୍କ ସାହସ ଓ ବାଣିଜ୍ୟିକ ପରମ୍ପରାର ପରିଚୟ ଦେଉଛୁ କିନ୍ତୁ ସେମାନଙ୍କୁ ଏକ ପରିଷ୍କାର ନଦୀ ଦେବାର ଦାୟିତ୍ୱ ମଧ୍ୟ ଆମର। କଳ୍ପନା କରନ୍ତୁ ଆଗାମୀ ଦଶ କିମ୍ବା କୋଡ଼ିଏ ବର୍ଷ ପରେ ଆମର ପିଲାମାନେ ଯେତେବେଳେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବାକୁ ଯିବେ ସେତେବେଳେ ଯଦି ନଦୀରେ ପାଣି ବଦଳରେ ଆବର୍ଜନା ଦେଖିବେ ତେବେ ସେମାନଙ୍କୁ ଆମେ କ'ଣ ଉତ୍ତର ଦେବା ? କହିବା କି ଆମେ ତୁମକୁ ଏକ ଗୌରବମୟ ଇତିହାସ ଦେଇଛୁ। କିନ୍ତୁ ସେହି ଇତିହାସକୁ ବଞ୍ଚାଇ ରଖିବା ପାଇଁ ନଦୀକୁ ବଞ୍ଚାଇ ପାରିଲୁ ନାହିଁ। ଏହା ଏକ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ହେବ। ଐତିହ୍ୟ କେବଳ ପୁରୁଣା କାହାଣୀ, ମନ୍ଦିର, ସ୍ମାରକୀ କିମ୍ବା ପର୍ବପର୍ବାଣିରେ ସୀମିତ ନୁହେଁ। ଆମର ନଦୀ, ପାହାଡ଼, ଜଙ୍ଗଲ, ଜଳାଶୟ ଓ ପ୍ରାକୃତିକ ସମ୍ପଦ ମଧ୍ୟ ଆମର ଐତିହ୍ୟ। ଏଗୁଡ଼ିକୁ ସୁରକ୍ଷା ଦେବା ହିଁ ପ୍ରକୃତ ସଂସ୍କୃତିର ପରିଚୟ ।ତେବେ କାର୍ତ୍ତିକ ପୂର୍ଣ୍ଣିମା ଆମକୁ ଅତୀତ ସହିତ ଯୋଡ଼େ। କିନ୍ତୁ ଏହି ପର୍ବକୁ କେବଳ ଅତୀତର ସ୍ମୃତିରେ ସୀମିତ ରଖିବା ଉଚିତ ନୁହେଁ। ଏହାକୁ ବର୍ତ୍ତମାନର ଦାୟିତ୍ୱ ଓ ଭବିଷ୍ୟତର ସଂକଳ୍ପ ସହିତ ଯୋଡ଼ିବା ଆବଶ୍ୟକ ।ସାଧବମାନେ ଯେଉଁ ଜଳପଥ ଦେଇ ବାଣିଜ୍ୟ କରୁଥିଲେ ସେହି ଜଳପଥର ସ୍ମୃତିକୁ ଆମେ ଆଜି ଡଙ୍ଗା ଭସାଇ ମନେ ପକାଉଛୁ। କିନ୍ତୁ ସେମାନଙ୍କ ସମୟର ଜଳସମ୍ପଦକୁ ଆମେ ଆଜିର ପିଢ଼ି ପାଇଁ ସୁରକ୍ଷିତ ରଖିପାରୁଛୁ କି ?

ଆମେ ଯଦି ପ୍ରକୃତରେ ଏହି ପର୍ବକୁ ଭଲପାଉଛୁ ତେବେ ନଦୀକୁ ଭଲପାଇବା ଶିଖିବାକୁ ହେବ। ନଦୀକୁ ପୂଜା କରିବା ସହିତ ତାହାର ସୁରକ୍ଷା ପାଇଁ ଆଗେଇ ଆସିବାକୁ ହେବ। ଡଙ୍ଗା ଭସାଇବା ସହିତ ନିଜ ମନରେ ପରିବେଶ ସୁରକ୍ଷାର ଏକ ସଂକଳ୍ପ ମଧ୍ୟ ଭସାଇବାକୁ ହେବ। କାର୍ତ୍ତିକ ପୂର୍ଣ୍ଣିମାର ଡଙ୍ଗା କେବଳ କାଗଜ କିମ୍ବା କଦଳୀ ପଟୁଆରେ ତିଆରି ଏକ ଛୋଟ ନୌକା ନୁହେଁ। ଏହା ଆମର ଇତିହାସ, ଗୌରବ, ଆସ୍ଥା ଓ ସାମୁଦ୍ରିକ ପରମ୍ପରାର ପ୍ରତୀକ। ଏହି ଡଙ୍ଗା ଆମକୁ ଅତୀତର କଥା କହେ କିନ୍ତୁ ନଦୀର ଆଜିର ଅବସ୍ଥା ଆମକୁ ଭବିଷ୍ୟତର ଚେତାବନୀ ଦିଏ। ପର୍ବ ଆସିବ ପର୍ବ ଯିବ। ଡଙ୍ଗା ଭାସିବ, ଦୀପ ଜଳିବ, ଉତ୍ସବ ହେବ କିନ୍ତୁ ନଦୀ ଯଦି ଧୀରେ ଧୀରେ ମରିଯାଏ ତେବେ ଆମର ଉତ୍ସବର ଅର୍ଥ କ'ଣ ରହିବ ? ଆମର ଆଗାମୀ ପିଢ଼ି ଯଦି ନଦୀକୁ କେବଳ ପୁସ୍ତକର ଚିତ୍ରରେ ଦେଖିବ ତେବେ ତାହାଠାରୁ ବଡ଼ ସାଂସ୍କୃତିକ ବିପର୍ଯ୍ୟୟ ଆଉ କ'ଣ ହୋଇପାରେ।

ଆଜି ଆମକୁ ନିଷ୍ପତ୍ତି ନେବାକୁ ହେବ। ଆମେ କେବଳ ପରମ୍ପରାର ବାହକ ହୋଇ ରହିବା କି ପ୍ରକୃତିର ରକ୍ଷକ ମଧ୍ୟ ହେବା ?ଏଥର କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବା ବେଳେ ନିଜକୁ ଗୋଟିଏ ପ୍ରଶ୍ନ ପଚାରିବା ମୁଁ ଯେଉଁ ନଦୀରେ ଡଙ୍ଗା ଭସାଉଛି ସେହି ନଦୀକୁ ସଫା ରଖିବା ପାଇଁ ମୋର ଅବଦାନ କ'ଣ ? କାରଣ ନଦୀକୁ ବଞ୍ଚାଇବା ପାଇଁ କେବଳ ଭାଷଣ ନୁହେଁ ଆବଶ୍ୟକ ଆଚରଣର ପରିବର୍ତ୍ତନ। କେବଳ ସରକାରୀ ଯୋଜନା ନୁହେଁ ଆବଶ୍ୟକ ଜନସହଯୋଗ। କେବଳ ଗୋଟିଏ ଦିନର ସଫେଇ ନୁହେଁ ଆବଶ୍ୟକ ବର୍ଷସାରା ସଚେତନତା। ଡଙ୍ଗା ଭସାଇବା ଆମ ପରମ୍ପରା କିନ୍ତୁ ନଦୀ ବଞ୍ଚାଇବା ଆମ କର୍ତ୍ତବ୍ୟ। ଆମେ ଅତୀତର ବୋଇତବନ୍ଦାଣକୁ ଗର୍ବ ସହକାରେ ମନେ ରଖିବା କିନ୍ତୁ ବର୍ତ୍ତମାନର ନଦୀକୁ ଅବହେଳାରେ ହରାଇବା ନାହିଁ। କାରଣ ପ୍ଲାଷ୍ଟିକରେ ଭର୍ତ୍ତି ନଦୀରେ ଇତିହାସର ଗୌରବ ଭାସିପାରିବ ନାହିଁ ।ନଦୀ ବଞ୍ଚିଲେ ସଂସ୍କୃତି ବଞ୍ଚିବ । ଜଳ ବଞ୍ଚିଲେ ଜୀବନ ବଞ୍ଚିବ। ଏହା ହିଁ ହେଉ କାର୍ତ୍ତିକ ପୂର୍ଣ୍ଣିମାର ପ୍ରକୃତ ସଂକଳ୍ପ।

ଅନ୍ଧାରୁଆ, ଭୁବନେଶ୍ୱର
ମୋ-୯୦୯୦୬୬୧୫୮୬

ନିୟମକୁ ଅଣଦେଖା କରି ଅନୁପସ୍ଥିତ ରହିଲେ ପ୍ରଧାନଶିକ୍ଷକ !

ମାଲକାନଗିରି,(ନିପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅଧୀନରେ ଥିବା ପି ଚାଳନଗୁଡା ସ୍କୁଲରେ ଏହା ଦେଖିବାକୁ ମିଳୁଛି । ଗତ କିଛିଦିନ ତଳେ ଆସିଥିଲା ବାତ୍ୟା ମାରୁସୁ । ସେହି ସମୟରେ ପ୍ରଶାସନ ସମସ୍ତ ସ୍କୁଲ ଛୁଟି ଘୋଷଣା କରିବା ସହିତ ସ୍କୁଲରେ ଥିବା ସମସ୍ତ ଶିକ୍ଷକ ସ୍କୁଲରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ କରାଯାଇଥିଲା । ଏହାଥିଲା ଲୋକଙ୍କ ସୁରକ୍ଷା ପାଇଁ ପ୍ରଶାସନର ପଦକ୍ଷେପ। ବାତ୍ୟା ସମୟରେ ଲଗାଣ ବର୍ଷା ଯୋଗୁ ସେହି ଗ୍ରାମ ନିକଟରେ ଥିବା ଏକ ପାହାଡ଼ରୁ ଭୂସ୍ଖଳନ ହୋଇଥିଲା। ସେହି



ସମୟରେ ପ୍ରଶାସନିକ ଅଧିକାରୀମାନେ ଓ କିଛି ଗଣ ମାଧ୍ୟମ ପ୍ରତିନିଧି ସେହି ଗ୍ରାମରେ ପହଞ୍ଚି ଥିଲେ। ପରେ ସ୍ଥାନୀୟ ବାସିନ୍ଦାଙ୍କୁ ସ୍କୁଲକୁ ସ୍ଥାନାନ୍ତର କରିବାକୁ ପ୍ରଶାସନ ପ୍ରୟାସ ଜାରି କରିଥିଲେ । କିନ୍ତୁ ସେହି ସମୟରେ ସ୍କୁଲଟି ବନ୍ଦ ରହିବା ସହିତ ଶିକ୍ଷକମାନେ ମଧ୍ୟ ଅନୁପସ୍ଥିତ ଥିଲେ। ଫଳରେ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରିବାରେ ଅସୁବିଧା ସୃଷ୍ଟିହୋଇଥିଲା । ଏହାକୁ ନେଇ ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୋଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଶିକ୍ଷା ବିଭାଗ ଚୁପ୍ ବସିଛି କାହିଁକି ବୋଲି କୁହାଯାଇଛି ।

ଭତ୍ତା ବଣ୍ଟନ କଲେ ବିଧାୟକ ଓ ସାଂସଦ

ପିପିଲି,(ନିପ୍ର): ପିପିଲି ବ୍ଲକ ୨୩ ନମ୍ବର ଜିଲ୍ଲା ପରିଷଦ ଜୋନ ବରାଗଡ଼ ଉତ୍ତରେଶ୍ୱରୀ ପୀଠ ଠାରେ ଶୁକ୍ରବାର ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ଜିଲ୍ଲା ସାଂସଦ ସମ୍ବିତ ପାତ୍ରଙ୍କ ଦ୍ୱାରା ଭତ୍ତା ବଣ୍ଟନ କରାଯାଇଛି।୨୩ ନମ୍ବର ଜୋନର ଦାଣ୍ଡମକୁନ୍ଦପୁର ପଞ୍ଚାୟତର ୧୪୬ ଜଣ, ଦୁର୍ଗାଦାସପୁର ୮୯ ଜଣ, ହାଟସାହି ୧୩୪ ଜଣ, ଜଗନ୍ନାଥପୁର ୧୩୦, କୁଳଶିଖର ପାଟଣା ୧୦, ମଙ୍ଗଳପୁର ୯୩, ନୂଆଶାସନ ୧୦୫, ସହଜପୁର ୬୦ ଏବଂ ସଂପୁର ପଞ୍ଚାୟତ ୯୬



ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି । ଏହି ସମୟରେ ବିଧାୟକ ପୂର୍ବ ସରକାରଙ୍କୁ ଆକ୍ଷେପ କରି ଅଭିଭାଷଣ ପ୍ରଦାନ କରିଥିଲେ ପୂର୍ବରୁ କେଉଁ ଗ୍ରାମାଞ୍ଚଳରେ କେହି ଜଣେ ବୟସ୍କ ବୃଦ୍ଧା ମୃତ୍ୟୁ ବରଣ କଲେ ସେହି ସ୍ଥାନରେ ଆଉ ଜଣଙ୍କୁ ସାମିଲ କରାଯାଉଥିଲା ଏବେ କିନ୍ତୁ ଡବଲ ଇଂଜିନ ସରକାର । ପ୍ରତ୍ୟେକ ଯୋଗ୍ୟ ଲୋକଙ୍କୁ ୬୦ ବର୍ଷ ପୂରି ଗଲା ପରେ ସେମାନେ ଜନସେବା କେନ୍ଦ୍ରରେ ଭତ୍ତା ଆବେଦନ କରି ପିପିଲି ବିଡ଼ିଓଙ୍କୁ ରସିଦ ପଇଠ କଲେ ଯୁଦ୍ଧକାଳୀନ ଭିତରେ ଭତ୍ତା ହୋଇଯିବ ବୋଲି କହି ଥିଲେ। ପିପିଲି ବିଡ଼ିଓ, ପିପିଲି ଥାନା ଆଇଆଇସି ସମେତ କର୍ମୀମାନେ ଯୋଗ ଦେଇଥିଲେ।

ବିଜେପି ପକ୍ଷରୁ 'ସମ୍ବିଧାନ ବଞ୍ଚାଅ ଅରାଜକତା ହଟାଅ' ପଦଯାତ୍ରା

ଆଠଗଡ,(ନିପ୍ର): ଆଠଗଡ ବିଜେପି ପକ୍ଷରୁ 'ସମ୍ବିଧାନ ବଞ୍ଚାଅ ଅରାଜକତା ହଟାଅ' ପଦଯାତ୍ରା କାର୍ଯ୍ୟକ୍ରମ ଜିଲ୍ଲା ଗ୍ରାମୀଣ ସଭାପତି ରାମ ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏବଂ ଯୁବନେତା ଅଭୟ ବାରିକଙ୍କ ନେତୃତ୍ୱ ତଥା ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବିଶାଳ ପଦଯାତ୍ରା ରଥଗଡା ସ୍ଥିତ ସାପୁଆ ନଦୀ କୂଳରେ ଥିବା ବିଜେପି କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରି ମହୋତ୍ସବ ପଡିଆକୁ ଆସିଥିଲା । ପଦଯାତ୍ରାରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହେବା ସହିତ ହଜାର ହଜାର ଦଳୀୟ କର୍ମୀଙ୍କ ଗହଣରେ ମହୋତ୍ସବ ପଡିଆ ସଭା ସ୍ଥଳକୁ ଆସିଥିଲେ । ସାଂସଦ ଶ୍ରୀ ପ୍ରଧାନ ଦେଶର ବିକାଶକୁ ସହି ନ ପାରି ବିରୋଧୀ ଗୋଷ୍ଠୀମାନେ ମେଳି ବାନ୍ଧୁଛନ୍ତି



ଏବଂ କଂଗ୍ରେସ ବାରମ୍ବାର ବିଭିନ୍ନ ସ୍ଥାନରେ ହାରୁଥିବା ଫଳରେ ଦେବାଳିଆ ହେବା ସହ ସେମାନଙ୍କର ମତିଭ୍ରମ ହେବାରେ ଲାଗିଛି। ଗଣତନ୍ତ୍ର ବଳରେ ଜଣେ ଚା' ବିକାଳି ପୁଅ ପ୍ରଧାନମନ୍ତ୍ରୀ ଏବଂ ଜଣେ ଅନୁସୂଚିତ ଜାତି ମହିଳା ରାଷ୍ଟ୍ରପତି ହୋଇଛନ୍ତି ଏହାଠାରୁ ସୁସ୍ଥ ଗଣତନ୍ତ୍ରର କଣ ଉଦାହରଣ ହୋଇପାରେ ବୋଲି ପ୍ରକାଶ କରିଥିଲେ । ସଭାର ପ୍ରାରମ୍ଭରେ ଯୁବନେତା ଶ୍ରୀ ବାରିକ କହିଥିଲେ ରାଜ୍ୟରେ ସଫଳତାର ସହିତ ଶେଷ ହୋଇଥିବା ଏସଆଇଆରକୁ ନେଇ କଂଗ୍ରେସ ଏବଂ ସ୍ଥାନୀୟ ବିଧାୟକ ଯେଉଁ ଚୋରି କଥା କହୁଛନ୍ତି ଆଠଗଡ ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକାରୁ ନା କଟିଯାଇଥିବା ନେଇ କୌଣସି ଅଭିଯୋଗ ପତ୍ର ଉପଜିଲ୍ଲାପାଳ ଅଥବା କୌଣସି ଅଧିକାରୀମାନଙ୍କ ପାଖରେ ପହଞ୍ଚିନାହିଁ ।

ଡାବୁଗାଁରେ ରାସ୍ତା ଜବରଦଖଲ

ଅଟକୁଛି ଟ୍ରାଫିକ୍, ବଢୁଛି ଦୁର୍ଘଟଣା ଆଶଙ୍କା, ନିରବ ପ୍ରଶାସନ !

ଡାବୁଗାଁ,(ନିପ୍ର): ନବରଙ୍ଗପୁର ଜିଲ୍ଲାର ଡାବୁଗାଁ ବଜାରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଅସହ୍ୟ ହୋଇ ପଡ଼ିଛି। ଏହାର ମୁଖ୍ୟ କାରଣ ହେଉଛି ରାସ୍ତା କଡ଼ରେ ବେଆଇନ୍ ଜବରଦଖଲ। କିଛି ବ୍ୟବସାୟୀ ରାସ୍ତା ପାର୍ଶ୍ୱରେ ଲୁହା ଭାଡି ପକାଇ ଛୋଟ ଦୋକାନ ଖୋଲିଥିଲେ। ପ୍ରଶାସନ ଚୁପ୍ ରହିବାରୁ ସେମାନେ ଦିନକୁ ଦିନ ଦୋକାନର ଆକାର ବଢ଼ାଇ ଚାଲିଛନ୍ତି। ଦୋକାନର ସମସ୍ତ ଜିନିଷପତ୍ର ରାସ୍ତାକୁ ଲାଗି ରଖିବା ଫଳରେ ରାସ୍ତା ସଂକୁଚିତ ହୋଇ ଯାଇଛି। ଏମିତିକି କିଛି ଦୋକାନୀ ସିଧା ରାସ୍ତା ଉପରେ ଜିନିଷ ରଖୁଛନ୍ତି।



ଖାସ୍ କରି ସରକାରୀ ଏମ ସ୍କୁଲ ଏବଂ ଷ୍ଟେଟ ବ୍ୟାଙ୍କ ନିକଟରେ ସବୁଠାରୁ ବେଶି ଅସୁବିଧା ଏହି ଦୁଇଟି ରାସ୍ତାରେ ସରକାରୀ ମେଡିକାଲ୍ ଠାରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଚାରିଛକ ଠାରୁ ଡାବୁଗାଁ ସରକାରୀ ହାଇସ୍କୁଲ୍ ପର୍ଯ୍ୟନ୍ତ। ମେଡିକାଲ୍‌କୁ ଯାଉଥିବା ରୋଗୀ, ସ୍କୁଲ୍ ଯାଉଥିବା ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକେ ପ୍ରତିଦିନ ହନ୍ତସନ୍ତ ହେଉଛନ୍ତି। ଆମ୍ବୁଲାନ୍ସ ଯିବା ବି କଷ୍ଟକର ହୋଇ ପଡ଼ିଛି। ଯେକୌଣସି ମୁହୂର୍ତ୍ତରେ ବଡ଼ ଦୁର୍ଘଟଣା ଘଟିପାରେ ବୋଲି ଲୋକେ ଆଶଙ୍କା କରୁଛନ୍ତି। ଜବରଦଖଲ ଉଚ୍ଛେଦ ପାଇଁ ସ୍ଥାନୀୟ ତହସିଲ ଏବଂ ପୋଲିସ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ରାସ୍ତା କଡ଼ରୁ ସମସ୍ତ ଜବରଦଖଲ ହଟିଲେ ହିଁ ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ପ୍ରଶାସନ ଆଉ କେତେ ଦିନ ଚୁପ୍ ରହିବ? ଦୁର୍ଘଟଣା ଘଟିବା ପରେ ଚେତିବ କି? ଏପରି ମର୍ମରେ ସ୍ଥାନୀୟ ବିଭିନ୍ନ ମହଲ ପ୍ରଶ୍ନ କରିଛନ୍ତି।

ଠଣାପଲ୍ଲୀ କୃଷକ ସଙ୍ଘର ବାର୍ଷିକ ଉତ୍ସବ

ଉନ୍ନତି ଓ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ

ବାଙ୍କୀ,(ନିପ୍ର): କୃଷକଙ୍କ ଉନ୍ନତି ହିଁ ଦେଶର ପ୍ରଗତିର ମୂଳମନ୍ତ୍ର। କୃଷିର ବିକାଶ ସହ କୃଷକଙ୍କୁ ଆତ୍ମନିର୍ଭରଶୀଳ କରିବାର ଲକ୍ଷ୍ୟ ନେଇ ଧଳାପଥର ପଂଚାୟତ ଠଣାପଲ୍ଲୀ ଗ୍ରାମରେ ଅନୁଷ୍ଠିତ ହୋଇଛି ଗାନ୍ଧୀ କୃଷକ ସଂଘର ପ୍ରଥମ ବାର୍ଷିକ ଉତ୍ସବ। ଏହି ଅବସରରେ କୃଷକଙ୍କ ସ୍ୱାବଲମ୍ବନ, କୃଷିର ଆଧୁନିକୀକରଣ ଓ ଗ୍ରାମୀଣ ଅର୍ଥନୀତିର ବିକାଶ ଉପରେ ଦିଆଯାଇଛି ଗୁରୁତ୍ୱ। ଠଣାପଲ୍ଲୀ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ଡେପୁଟି କଲେକ୍ଟର ନିହାର ରଞ୍ଜନ ସାମଲ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ 'କୁଟି ଖାଅ, କାଟି ପିନ୍ଧ' ଆଦର୍ଶକୁ ମନେ ପକାଇବା ସହ କୃଷକମାନେ ନିଜ ଉଦ୍ୟମରେ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ସମାଜସେବୀ ଭାଗିରଥି ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ କୃଷକ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବେ ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି ଯୋଗଦେଇ ଦୁନିଆରେ କୃଷକମାନେ ସବୁଠାରୁ ଭଲ ମଣିଷ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ କୃଷି ବୈଜ୍ଞାନିକ ଅଜୟ କୁମାର ଦାସ,କୃଷି ଅଧିକାରୀ ଖୋର୍ଦ୍ଧାଙ୍କ ସମେତେ ଧଳାପଥର ଫାଣ୍ଡି ଅଧିକାରୀ ଅନିଲ କୁମାର ନାୟକ ଏବଂ କଳାପଥର ଆଞ୍ଚଳିକ ରଜ ମହୋତ୍ସବର ସଭାପତି ନରେଶ କୁମାର ସାହୁ ପ୍ରମୁଖ ଯୋଗଦେଇ କୃଷକ ଓ କୃଷିର ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ସହଯୋଗ ଓ ସମନ୍ୱୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥି ମାନେ ଚାଷୀ ଏବଂ ସାମ୍ବାଦିକ ମାନସ ରଞ୍ଜନ ସାହୁଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ଉତ୍ତରୀୟ ସହ ଫୁଲ ତୋଡ଼ା ପ୍ରଦାନ କରିଥିଲେ।



ଶିକ୍ଷା ଭିତ୍ତିଭୂମି ଉନ୍ନତି କ୍ଷେତ୍ରରେ ନବରଙ୍ଗପୁର ଜିଲ୍ଲା ପ୍ରଥମ



ଡାବୁଗାଁ,(ନିପ୍ର): ଶିକ୍ଷାର ଭିତ୍ତିଭୂମି ଉନ୍ନତି କ୍ଷେତ୍ରରେ ନବରଙ୍ଗପୁର ଜିଲ୍ଲା ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସହ ଜିଲ୍ଲାକୁ ୩ କୋଟି ଟଙ୍କାର ପୁରସ୍କାର ରାଶି ମିଳିଛି। ଏହା ସ୍କୁଲଗୁଡ଼ିକର ଭିତ୍ତିଭୂମି ଉନ୍ନତିରେ ଖର୍ଚ୍ଚ ହେବ।

ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଶ୍ରେଷ୍ଠ ଜିଲ୍ଲା ବର୍ଗରେ କଟକ ଦ୍ୱିତୀୟ ଓ କଳାହାଣ୍ଡି ତୃତୀୟ ହୋଇଛନ୍ତି। ଶ୍ରେଷ୍ଠ ଜିଲ୍ଲା ଶିକ୍ଷା ଅଧିକାରୀ ବର୍ଗରେ ମଧ ଛତ୍ରପତି ସାହୁ ରାଜ୍ୟରେ ପ୍ରଥମ ହୋଇଛନ୍ତି। ଏଥିସହ ଜିଲ୍ଲାର ୯ ଜଣ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

ଏହା ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗ ଓ ଶିକ୍ଷକମାନଙ୍କ ମିଳିତ ପ୍ରୟାସର ଫଳ ବୋଲି କୁହାଯାଇଛି।

ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ସଚେତନତା

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଡେଙ୍ଗୁ ଓ ମ୍ୟାଲେରିଆ ରୋଗର ନିରାକରଣ ଏବଂ ପ୍ରତିରୋଧ ପାଇଁ ଜନସ୍ୱାସ୍ଥ୍ୟ ସଚେତନତା ଅଭିଯାନ ଚାଲୁ ରହିଛି। ପାରଳାଖେମୁଣ୍ଡି ପୌର ପରିଷଦର ସମସ୍ତ ୱାର୍ଡର ପ୍ରତ୍ୟେକ ସାହିରେ ଏହି ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଡେଙ୍ଗୁ ରୋଗ ଏଡିସ୍ ମଶା କାମୁଡ଼ିବା ଦ୍ୱାରା ସଂକ୍ରମିତ ହୋଇଥାଏ। ଏହି ମଶା ସାଧାରଣତଃ ଦିନବେଳେ କାମୁଡ଼ିଥାଏ। ଡେଙ୍ଗୁର ମୁଖ୍ୟ ଲକ୍ଷଣ ହେଉଛି ଜ୍ୱର, ହାଡ଼ ଓ ଗଣ୍ଠି ବିନ୍ଧା ଏବଂ ଶରୀରରେ ଲାଲ ଦାଗ ଦେଖାଯିବା। ଏପରି ଲକ୍ଷଣ ଦେଖାଗଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ପରାମର୍ଶ ନେବାକୁ ସଚେତନ କରାଯାଉଛି ।ସେହିପରି ମ୍ୟାଲେରିଆ ରୋଗର ଲକ୍ଷଣ ଭାବେ ଥଣ୍ଡା ଓ କମ୍ପ ସହିତ ଜ୍ୱର, ମୁଣ୍ଡବିନ୍ଧା ଏବଂ ବାନ୍ତି ହେବା ଦେଖାଯାଇଥାଏ। ଜ୍ୱର ହେଲେ ତୁରନ୍ତ ରକ୍ତ ପରୀକ୍ଷା କରାଇବା, ମ୍ୟାଲେରିଆ ଚିହ୍ନଟ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧର ସମ୍ପୂର୍ଣ୍ଣ ମାତ୍ରା ଖାଇବା, ପ୍ରତିଦିନ ମଶାରି ବ୍ୟବହାର କରିବା ଆଦି ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ଲୋକଙ୍କୁ ବୁଝାଯାଉଛି ।ଏଥିସହ ଘର ଓ ଆଖପାଖରେ ପାଣି ଜମିବାକୁ ନ ଦେବା, ପାଣି ରହୁଥିବା ପାତ୍ର ଓ ସ୍ଥାନଗୁଡ଼ିକୁ ନିୟମିତ ସଫା କରିବା, ମଶାର ପ୍ରଜନନ ସ୍ଥାନ ନଷ୍ଟ କରିବା ଏବଂ ମଶା କାମୁଡ଼ାରୁ ନିଜକୁ ସୁରକ୍ଷିତ ରଖିବା ନେଇ ମଧ ଜନସାଧାରଣଙ୍କୁ ସଚେତନ କରାଯାଉଛି ।ଏହି ଜନସ୍ୱାସ୍ଥ୍ୟ ସଚେତନତା ଅଭିଯାନରେ ସମାଜସେବୀ ଜସ୍ମିନ୍ ସେଖ ସକ୍ରିୟ ଭାବେ ସହଯୋଗ କରିଥିଲେ। ସେ ସ୍ୱାସ୍ଥ୍ୟକର୍ମୀ ଓ ଆଶା ଦିଦିମାନଙ୍କ ସହ ମିଶି ପାରଳାଖେମୁଣ୍ଡି ସହରର ବିଭିନ୍ନ ଅଞ୍ଚଳ, ସାହି ଓ ୱାର୍ଡ ବୁଲି ଲୋକଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆ ରୋଗର କାରଣ, ଲକ୍ଷଣ, ପ୍ରତିରୋଧ ଏବଂ ସୁରକ୍ଷା ଉପାୟ ବିଷୟରେ ବୁଝାଇଥିଲେ। ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ସହ ଏହି ଦୁଇଟି ମଶାବାହିତ ରୋଗର ପ୍ରସାରକୁ ରୋକିବା ହେଉଛି ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ସମସ୍ତଙ୍କ ସହଯୋଗ ଓ ସଚେତନତା ଦ୍ୱାରା ଏକ ସୁସ୍ଥ, ସୁରକ୍ଷିତ ଓ ମଶାମୁକ୍ତ ପାରଳାଖେମୁଣ୍ଡି ଗଠନ କରିବା ସମ୍ଭବ ହୋଇ ପାରିବ ବୋଲି ଅଭିଯାନ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି।



ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା -୨୦୨୬

ଭାପୁର,(ନିପ୍ର): ଭାପୁର ବ୍ଲକ ମହୋତ୍ସବ ପଡିଆରେ ଶୁକ୍ରବାର ବ୍ଲକସ୍ତରୀୟ ମସ୍ତ ଓ ପ୍ରାଣୀସମ୍ପଦ ମେଳା ୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ର ପ୍ରାରମ୍ଭ ରେ ସଫଳ ଚାଷୀଙ୍କ ନାଁ ପଞ୍ଜୀକରଣ ହେବା ସହିତ ସେମାନେ ରଖିଥିବା ନିଜର ପ୍ରାଣୀ ସମ୍ପଦର ଉପାଦେୟତା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଭାପୁର ବ୍ଲକର ୨୦ ଗୋଟି ପଞ୍ଚାୟତରୁ ଶତାଧିକ ସଫଳ ଗୋପାଳକ ଯୋଗଦେଇ କିପରି ସ୍ୱାବଲମ୍ବୀ ହୋଇପାରିଛନ୍ତି ସେ ସମ୍ପର୍କରେ ନିଜର ମତ ରଖିବା ସହିତ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ପ୍ରଥମେ ଗୋ ପୂଜନ କରାଯିବା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇ ମେଳାକୁ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା,ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ ସାହୁ,ବିଜୟ କୁମାର ସାମନ୍ତରାୟ,ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ବିଦ୍ୟୁତ କୁମାର ମିଶ୍ର, କୃଷି ବୈଜ୍ଞାନିକ ଅନିଲ କୁମାର ସ୍ୱାଇଁ,ଜିଲ୍ଲା ମସ୍ୟଅଧିକାରୀ ଏସ.ପଲ୍ଲବୀ ପ୍ରମୁଖ ଯୋଗଦେଇ ନିଜର ଅଭିଭାଷଣ ଦେଇଥିଲେ। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ବିଭୂପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମସ ଓ ପ୍ରାଣୀସମ୍ପଦ ମେଳା -୨୬ ରେ ସଫଳ ହାସଲ କରିଥିବା କୁକୁଡ଼ା ପାଳକ,ମାଛ ଚାଷୀ,ଛେଳି ଚାଷୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।କାର୍ଯ୍ୟକ୍ରମର ଚେୟାରମ୍ୟାନ ତଥା ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ଯୋଗଦେଇ ଚାଷୀମାନଙ୍କୁ ଗୋ ସୁଗମ ପୋର୍ଟାଲ ମାଧ୍ୟମରେ ସରକାରୀ ଯୋଜନାରେ ଆବେଦନ କରିବା ପାଇଁ ଅନୁରୋଧ କରିଥିଲେ। ଭାପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରର ସମସ୍ତ କର୍ମଚାରୀମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ସରସ ଓ ସୁନ୍ଦର ହୋଇପାରିଥିଲା।



ପୁରୀ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ

ପୁରୀ,(ନିପ୍ର): ଜିଲ୍ଲା ପ୍ରଶାସନ କ୍ରୀଡା ବିଭାଗ ପକ୍ଷରୁ ଆୟୋଜିତ ପୁରୀ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଜିଲ୍ଲା ସଂସ୍କୃତି ଭବନ ଠାରେ ଉଦ୍‌ଘାଟିତ ହୋଇଥିଲା। ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବବର୍ଗଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ଉନ୍ମେଷ ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ।ନିଜର ପ୍ରତିଭାର ପ୍ରଦର୍ଶନ କରି, ସାଧନା ଓ ନିଷ୍ଠା ବଳରେ ନିଜର ଲକ୍ଷ୍ୟ ହାସଲ ପାଇଁ ସେ ଆହ୍ୱାନ ଦେଇଥିଲେ ।ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ମାଇଁ ଭାରତ ପୁରୀ ଜିଲ୍ଲା ଯୁବ ଅଧିକାରୀ ସଂଗୀତା ମହାପାତ୍ର ପ୍ରମୁଖ ଯୋଗ ଦେଇ ଯୁବବର୍ଗଙ୍କ ଉତ୍ଥାନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ନୁକ୍କଡ ନାଟକ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ନିମାପଡାର ନୟା ସବେରା ଅନୁଷ୍ଠାନ,ଦ୍ୱିତୀୟ ସତ୍ୟବାଦୀ ଓଡ଼ିଆ ବିଶ୍ୱ ବିଦ୍ୟାଳୟ ଓ ତୃତୀୟ ପୁରୀ ମହାନଗର ନିଗମର ଯୁବ କଳାକାରମାନଙ୍କୁ, ଚିତ୍ରାଙ୍କନରେ କାକଟପୁର ବ୍ଲକର ଅର୍ଜୁନ କୁମାର କାଣ୍ତି, ପୁରୀ ମହାନଗର ନିଗମର ସ୍ୱସ୍ତିକ ରଞ୍ଜନ ସାହୁ ଓ ଡେଲାଙ୍ଗର ଅମ୍ଳାନ ସ୍ୱାଇଁଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଅତିଥିମାନେ ପ୍ରଦାନ କରିଥିଲେ। ସେହିପରି ବିଚାରକ ଥିବା ସର୍ବଶ୍ରୀ ଗୋବିନ୍ଦ ପାଳ,ବଦ୍ରି ମିଶ୍ର, ଡ ଦୂର୍ଗା ମାଧବ କର,ନୃସିଂହ ନାଥ ନାୟକ, କେଶବ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଶୀତ ରାତିରେ ବାଲି ପରିବହନ ବିପଦପୂର୍ଣ୍ଣ, ଦିନରେ ଅନୁମତି ପାଇଁ ଦାବି

ରାୟଗଡ଼ା,(ନିପ୍ର): ଋତୁକାଳୀନ ବିପଦ, ସହରରେ ଯାତାୟାତ ସମସ୍ୟା ଏବଂ ମହିଳା ଶ୍ରମିକଙ୍କ କାର୍ଯ୍ୟସ୍ଥଳୀ ସୁରକ୍ଷାକୁ ନେଇ ରାୟଗଡ଼ା ଜିଲ୍ଲାର ଗୁଣପୁରସ୍ଥିତ ବଂଶଧାରା ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଦାବି ଉଠାଯାଇଛି।

ସଂଘ ପକ୍ଷରୁ ଦାଖଲ ହୋଇଥିବା ସ୍ମାରକପତ୍ରରେ ବାଲି ଉଠାଣ ଓ ପରିବହନକୁ କେବଳ ରାତି ସମୟରେ ସୀମିତ ରଖାଯାଇଥିବା ନିୟମ ଶୀତରତୁରେ ଅବ୍ୟବହାରିକ ହୋଇପଡ଼ିଥିବା ଦର୍ଶାଯାଇଥିବା ବେଳେ ଏହା ଅଧିକ ବିପଦୋନ୍ମୁଖି ହୋଇପଡିଛି।

ବଂଶଧାରା ନଦୀ ଅବବାହିକାରେ ସକାଳ ଓ ରାତି ସମୟରେ ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନତା ହ୍ରାସ ପାଉଛି। ଫଳରେ ରାତିରେ ଟ୍ରାକ୍ଟର ଚଳାଚଳ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି ଏବଂ ସଡ଼କ ଦୁର୍ଘଟଣାର ଆଶଙ୍କା ବଢ଼ୁଛି। ଏଥିସହ ନଦୀକୂଳରେ ପ୍ରବଳ ଶୀତ ଯୋଗୁଁ ଦୈନିକ ମଜୁରିରେ କାମ କରୁଥିବା ଶ୍ରମିକମାନେ ବାଲି ବୋଝେଇ କାର୍ଯ୍ୟ କରିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ, ରାତି ସମୟରେ ଗୁଣପୁର ସହରର ଆବାସିକ ଅଞ୍ଚଳ ଓ ସଂକୀର୍ଣ୍ଣ ରାସ୍ତା ଦେଇ ବାଲି ବୋଝେଇ ଟ୍ରାକ୍ଟର ଯାତାୟାତ କରିବା ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ସହ ବାରମ୍ବାର ବିବାଦ ସୃଷ୍ଟି ହେଉଛି। ଟ୍ରାକ୍ଟରର ଇଞ୍ଜିନ ଧ୍ୱନି ଯୋଗୁଁ ରାତିରେ ଲୋକଙ୍କ ନିଦ୍ରାରେ ବାଧା ସୃଷ୍ଟି ହେଉଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା, ଗାଡ଼ି ଚାଳକ ଓ ମାଲିକଙ୍କ ମଧ୍ୟରେ ଅନେକ ସମୟରେ ଉତ୍ତେଜନା ଦେଖାଦେଉଛି।

ଦିନ ସମୟରେ ରାସ୍ତାରେ ଯାତାୟାତ ନିୟନ୍ତ୍ରଣ କରିବା ସହଜ ହୋଇଥିବା ବେଳେ ରାତିରେ ଆବାସିକ ଅଞ୍ଚଳର ରାସ୍ତାକଡ଼ରେ ଅବ୍ୟବସ୍ଥିତ ଭାବେ ଦୁଇଚକିଆ ଯାନ ପାର୍କିଂ କରାଯାଉଛି। ଫଳରେ ବାଲି ବୋଝେଇ ଟ୍ରାକ୍ଟରଗୁଡ଼ିକ ଯାତାୟାତ କରିବା ସମୟରେ ଅସୁବିଧା ହେବା ସହ ଅନ୍ୟ ଗାଡ଼ି ଓ ସମ୍ପତ୍ତି କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହୁଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସଂଘ ପକ୍ଷରୁ ମହିଳା ଶ୍ରମିକଙ୍କ ସୁରକ୍ଷା ପ୍ରସଙ୍ଗ ମଧ ଉଠାଯାଇ କୁହାଯାଇଛି ଯେ, ରାତ୍ରୀରେ ମହିଳା ଶ୍ରମିକ ମାନେ ନିଜ ପେଟପାଟଣା ପାଇଁ ପରିଶ୍ରମ କରିଥାନ୍ତି କିନ୍ତୁ ସେମାନେ ନିଜକୁ ସୁରକ୍ଷିତମଣୁ ନାହାନ୍ତି। ବାଲି ବୋଝେଇ କାର୍ଯ୍ୟରେ ବହୁ ସଂଖ୍ୟାରେ ମହିଳା ଶ୍ରମିକ ନିୟୋଜିତ ଥିବାବେଳେ ରାତିରେ ନିଛାଟିଆ ନଦୀପଠା ଓ ଆଲୋକ ବ୍ୟବସ୍ଥା ନଥିବା ରାସ୍ତାରେ କାମ କରିବାକୁ ସେମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

ଏଭଳି ସ୍ଥିତିରେ ଗୁଣପୁର ଉପଜିଲ୍ଲାପାଳଙ୍କ ପ୍ରଶାସନ ପାଇଁ ନିୟମ ପାଳନ ଓ ଜନସାଧାରଣଙ୍କ ସୁରକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏକ ଆହ୍ୱାନ ହୋଇଛି। ବେଆଇନ ବାଲି ଖନନ ରୋକିବା, ଦିନବେଳା ଯାତାୟାତ ଓ ସ୍କୁଲ ସମୟରେ ରାସ୍ତାରେ ଭିଡ଼ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ରାତିରେ ବାଲି ପରିବହନ ନିୟମ ଲାଗୁ କରାଯାଇଥାଏ। ତେବେ ଶୀତରତୁରେ ଏହି ନିୟମର କଠୋର ପାଳନ ଯୋଗୁଁ ଜନଅସନ୍ତୋଷ, ଯାତାୟାତ ସମସ୍ୟା ଏବଂ ମହିଳା ଶ୍ରମିକଙ୍କ କାର୍ଯ୍ୟସ୍ଥଳୀ ସୁରକ୍ଷା ଭଳି ଅନେକ ସମସ୍ୟା ସୃଷ୍ଟି ହେଉଥିବା ସଂଘ ଦର୍ଶାଇଛି। ତେଣୁ ଚଳିତ ଶୀତରତୁରେ ଗୁଣପୁରରେ ବାଲି ପରିବହନ ପାଇଁ ନିୟନ୍ତ୍ରିତ ଦିବାକାଳୀନ ସମୟ ନିର୍ଦ୍ଧାରଣ କରାଯିବ କି ନାହିଁ, ତାହା ଏବେ ଉପଜିଲ୍ଲାପାଳଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି ସଂଘ ସଭାପତି କହିଛନ୍ତି।

ଅସହାୟଙ୍କୁ ବସ୍ତ୍ରଦାନ କରି ମାନବିକତାର ପରିଚୟ ଦେଲେ ଏସ୍‌ପି

ମାଲକାନଗିରି,(ନିପ୍ର): ମାନବ ସେବା ହିଁ ମାଧବ ସେବା। ଏହି ମହତ୍ ଉଦ୍ଦେଶ୍ୟକୁ ସାର୍ଥକ କରି ଅସହାୟ ଓ ଗରିବ ଲୋକଙ୍କୁ ବସ୍ତ୍ରଦାନ କରି ମାନବିକତାର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛନ୍ତି ମାଲକାନଗିରି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ। ପୋଲିସର ମୁଖ୍ୟ ଦାୟିତ୍ୱ ଆଇନଶୃଙ୍ଖଳା ରକ୍ଷା ହୋଇଥିଲେ ମଧ୍ୟ ସମାଜର ଅସହାୟ ଓ ଆବଶ୍ୟକତା ଥିବା ଲୋକଙ୍କ ପ୍ରତି ତାଙ୍କର ଏହି ସହାନୁଭୂତିମୂଳକ ପଦକ୍ଷେପ ମାନବିକତାର ବାର୍ତ୍ତା ପ୍ରଦାନ କରିଛି। ଏହି ମହତ୍ କାର୍ଯ୍ୟ ମାଧ୍ୟମରେ ସେ ପ୍ରମାଣ କରିଛନ୍ତି ଯେ, ୟୁନିଫର୍ମ ପଛରେ ମଧ୍ୟ ରହିଛି ଏକ ସମ୍ବେଦନଶୀଳ ହୃଦୟ।



ଆକର୍ଷଣ ସାଜିଲା ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ, ଲୋକନୃତ୍ୟରେ ଦୁଲୁକିଲା ମହାବୀର ମଞ୍ଚ

ଭବାନୀପାଟଣା,(ନି.ପ୍ର): ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ମହାବୀର ମହୋତ୍ସବ-୨୦୨୬ ଆଜି ପଞ୍ଚମ ଦିନରେ ପହଞ୍ଚିଛି। ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉଦଘାଟନ କରିବା ସହିତ ପୁରସ୍କାର ବିତରଣ ଓ ରଙ୍ଗୀନ କ୍ୟାଟଲଗ ଉନ୍ମୋଚନ କରିଥିଲେ। କଳାହାଣ୍ଡି ଆର୍ଟ ଫାଉଣ୍ଡେସନ ସହାୟତାରେ ଆୟୋଜିତ ଶିଶୁ ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପ୍ରବୀର କୁମାର ଦଲେଇ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ବରିଷ୍ଠ ଚିତ୍ରଶିଳ୍ପୀ ଦିଲ୍ଲୀପ କୁମାର ସିଂଦେଓ ଯୋଗ ଦେଇଥିଲେ। ପିଏମଶ୍ରୀ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଇଲାରାଣୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଦର୍ଶନୀରେ ହଜାର ହଜାର ଶିଶୁ ଚିତ୍ରଶିଳ୍ପୀ ଭାଗ ନେଇଥିଲେ। ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ନେଇ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ଡ. ଅଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାନ୍ଧ୍ୟକାଳୀନ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରା ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସାଧାରଣ ସଂପାଦକ ସତ୍ୟନାରାୟଣ ସିଂହ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଯୁଗ୍ମ ସଂପାଦକ ସଞ୍ଜୀବ ସିଂହ ସଭା ପରିଚାଳନା ଓ ଉପସଭାପତି ସଞ୍ଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୈଦ୍ୟରାଜ ପବିତ୍ର ଶବର, ଲୋକକଳା କ୍ଷେତ୍ରରେ ଚିତ୍ରସେନ ଦାଶ, ଅରମାନ ଖାଁ ସ୍ମୃତି ଯୁବ କଳାକାର ସମ୍ମାନରେ ଅନୁଷ୍କା ସାହାଣୀ ତଥା ଅନ୍ତର୍ଜାତୀୟ ପାରା ବ୍ୟାଡ଼ମିଣ୍ଟନ ଖେଳାଳୀ ଆକାଶ ରଞ୍ଜନ ମୁଣ୍ଡ, ଖଞ୍ଜଣୀ ବାଦକ ପ୍ରେମଚାନ୍ଦ ପ୍ରଗଣିଆଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ପରେ ସର୍ବସାଧାରଣରେ ଲୋକଗୀତ ପ୍ରତିଯୋଗିତା ଓ ଲୋକନୃତ୍ୟ ପରିବେଷଣରେ ମହାବୀର ମଞ୍ଚ ଦୁଲୁକି ଉଠିଥିଲା। ବୈଜ୍ଞାନିକ ପ୍ରଗତି ଆମକୁ ଗତି ଦେଇଛି ସତ, କିନ୍ତୁ ପ୍ରଗତିର ଏହି ଯାନ୍ତ୍ରିକ ଦୌଡ଼ରେ ଆମେ କେଉଁଠି ନା କେଉଁଠି ନିଜ ମଣିଷପଣିଆ ଏବଂ ପରିବାର ମଧ୍ୟରେ ଆତ୍ମୀୟତା ହଜାଇ ବସିଛୁ। ଯେଉଁ ଇଣ୍ଟରନେଟ ଦୂରରେ ଥିବା ମଣିଷକୁ ପାଖକୁ ଆଣିବାର ଦାବି କରୁଥିଲା, ତାହା ଆଜି ଗୋଟିଏ ଛାତ ତଳେ ବସିଥିବା ଆପଣାର ମଣିଷମାନଙ୍କୁ ପରସ୍ପରଠାରୁ ମାଇଲ ମାଇଲ ଦୂରକୁ ଠେଲି ଦେଇଛି। ଇଣ୍ଟରନେଟ ବ୍ୟବହାର କରିବା ଭୁଲ ନୁହେଁ କିନ୍ତୁ ଅତ୍ୟଧିକ ମାତ୍ରାରେ ବ୍ୟବହାର କରି ତାର ଗୋଲାମ ହେବା କଦାପି ଶୁଭଙ୍କର ନୁହେଁ।ଏହାହିଁ ପରିବେଷିତ ନାଟକ 'ମକରା ଜାଲ' ର କଥାବସ୍ତୁ।



Affidavit

By virtue of an affidavit Sworn before the Executive Magistrate ,Champua , affidavit no 3496 dated 13/11/2026,I Towsif Sarwar S /o- Md Khalil of Village /Po- Champua ,Ps- Champua ,Dist -Keonjhar, 758041,Odisha, hereby changed the name of my daughter from Tfsara Tausif (Old name) to Apsara Tausif (New Name) Henceforth, She shall be known as Apsara Tausif for all purposes.

S/D- Towsif Sarwar

୭୪ ଦେଶରେ ମାଇକ୍ରୋସଫ୍ଟ ସେବାରେ ବିଭ୍ରାଟ

ନୂଆଦିଲ୍ଲୀ,୧୩।୧୧: ବିଶ୍ୱର ୭୪ଟି ଦେଶରେ ମାଇକ୍ରୋସଫ୍ଟର ବିଭିନ୍ନ ଡିଜିଟାଲ୍ ସେବାରେ ଦେଖାଦେଇଥିବା ବିଭ୍ରାଟ ଦ୍ୱିତୀୟ ଦିନରେ ମଧ୍ୟ ଜାରି ରହିଛି। ଏହାଦ୍ୱାରା ହଜାର ହଜାର ବ୍ୟବହାରକାରୀ ଅସୁବିଧାରେ ସାମନା କରୁଛନ୍ତି। ମାଇକ୍ରୋସଫ୍ଟ ୩୬୫, ଆଉଟଲୁକ୍, ଟିମ୍ସ ଓ କୋପାଇଲଟ୍ ଭଳି ସେବା ବ୍ୟବହାର କରିବାରେ ସମସ୍ୟା ହେଉଛି। ଗୁରୁବାର ନଭେମ୍ବର ୧୨ରୁ ଏହି ସମସ୍ୟା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ସୁଦ୍ଧା ଏହାର ସମ୍ପୂର୍ଣ୍ଣ ସମାଧାନ ହୋଇପାରିନାହିଁ।ଏହି ବିଭ୍ରାଟ ଯୋଗୁଁ ଅନେକ ଉପଭୋକ୍ତା ନିଜ ଇ-ମେଲ୍ ଖୋଲିବା, ଇ-ମେଲ୍ ପଠାଇବା ଓ ଗ୍ରହଣ କରିବାରେ ସମସ୍ୟା କରୁଛନ୍ତି। ୱାର୍ଡ, ଏକ୍ସେଲ୍, ପାୱାରପଏଣ୍ଟ, ସେୟାରପଏଣ୍ଟ ଓ ୱାନ୍‌ଡ୍ରାଇଭ୍ ଭଳି ସେବା ମଧ୍ୟ ପ୍ରଭାବିତ ହୋଇଛି। ଟିମ୍ସରେ ଅନଲାଇନ୍ ବୈଠକ ଓ ମେସେଜ୍ ପଠାଇବା ଭଳି ମୁଖ୍ୟ ସୁବିଧା ଅଧିକାଂଶ କ୍ଷେତ୍ରରେ କାମ କରୁଥିଲେ ମଧ୍ୟ ବୈଠକର ସମୟ ନିର୍ଦ୍ଧାରଣ ଓ କ୍ୟାଲେଣ୍ଡର ବ୍ୟବହାରରେ ସମସ୍ୟା ହେଉଛି। ଓପନ୍‌ଏଆଇ ଓ ଆନ୍ଥ୍ରୋପିକର ଏଆଇ ସେବା ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛି। ଚାଟ୍‌ଜିପିଟି ଓ କ୍ଲଡ୍ ଭଳି ଏଆଇ ଟୁଲର କେତେକ ସୁବିଧା ଠିକ୍ ଭାବେ କାମ କରୁନାହିଁ। ଭାରତରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଇଣ୍ଡିଗୋ ବିମାନ କମ୍ପାନିର ଇମେଲ୍ ଗ୍ରାହକ ସେବା ମଧ୍ୟ ପ୍ରଭାବିତ ହୋଇଥିବା ଜଣାଇଛି।

ଭାରତ ସମ୍ମିଳନୀକୁ ୧୧୫ ବିଦେଶୀ ବକ୍ତାଙ୍କୁ ମନା, କେନ୍ଦ୍ରକୁ ଶଶୀ ଥରୁରଙ୍କ ନିଶାଣ



ହାଇଦ୍ରାବାଦ,୧୩।୧୧: ହାଇଦ୍ରାବାଦରେ ଆୟୋଜିତ ଭାରତ ସମ୍ମିଳନୀରେ ଯୋଗଦେବାକୁ ଆସିବାକୁ ଥିବା ୧୧୫ ଜଣ ବିଦେଶୀ ବକ୍ତାଙ୍କୁ ଭାରତରେ ପ୍ରବେଶ ଅନୁମତି ମିଳିନାହିଁ କିମ୍ବା ସେମାନଙ୍କ ଭିସା ବାତିଲ୍ କରାଯାଇଛି ବୋଲି କଂଗ୍ରେସ ସାଂସଦ ଶଶୀ ଥରୁର ଅଭିଯୋଗ କରିଛନ୍ତି। ବୈଦେଶିକ ମନ୍ତ୍ରାଳୟ ଅନୁମତି ଦେଇଥିବା ୩୧୫ ଜଣ ବକ୍ତାଙ୍କ ମଧ୍ୟରୁ ଏତେ ସଂଖ୍ୟକ ଲୋକଙ୍କୁ ଅଟକାଯିବା ପଛରେ କେନ୍ଦ୍ର ଗୃହ ମନ୍ତ୍ରାଳୟର ନିର୍ଦ୍ଦେଶ ଥିବା ସେ ଦାବି କରିଛନ୍ତି। ଏହି ନିଷ୍ପତ୍ତିର ଆଇନଗତ ଆଧାର କ'ଣ ବୋଲି ପ୍ରଶ୍ନ ଉଠାଇବା ସହ ଏହାକୁ ଗଣତନ୍ତ୍ର ପାଇଁ ଦୁର୍ଭାଗ୍ୟଜନକ ବୋଲି ଥରୁର କହିଛନ୍ତି। ଶୁକ୍ରବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ଥରୁର ଏହି ଅଭିଯୋଗ ଆଣିଛନ୍ତି। ସମ୍ମିଳନୀରେ ଯୋଗଦେବା ପାଇଁ ହାଇଦ୍ରାବାଦ ପହଞ୍ଚିବା ପରେ ସେ ଏ ସମ୍ପର୍କରେ ଜାଣିବାକୁ ପାଇଥିବା ଉଲ୍ଲେଖ କରିଛନ୍ତି। ସମ୍ମିଳନୀ ଶନିବାର ଶେଷ ହେବାକୁ ଥିବାରୁ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବା ମଧ୍ୟ ସମ୍ଭବ ନୁହେଁ ବୋଲି ସେ ମତ ଦେଇଛନ୍ତି। ଏହି ଘଟଣାରେ ନରୱେର ସାମ୍ବାଦିକ ହେଲେ ଲିଙ୍ଗ ସ୍ୱେନଡସେନ୍‌ଙ୍କ ଭିସା ବାତିଲ୍ ହେବା ପ୍ରସଙ୍ଗ ମଧ୍ୟ ସାମ୍ନାକୁ ଆସିଛି। ସେ ଅଭିଯୋଗ କରିଥିଲେ ଯେ, ହାଇଦ୍ରାବାଦ ଯାତ୍ରା ପାଇଁ ବାହାରିବାର ମାତ୍ର ୧୦ ମିନିଟ୍ ପୂର୍ବରୁ ତାଙ୍କୁ ଭାରତୀୟ ଦୂତାବାସ ପକ୍ଷରୁ ଯାତ୍ରା ନ କରିବାକୁ କୁହାଯାଇଥିଲା। ତାଙ୍କ ପାଖରେ ଭିସା ଓ ରାଜନୈତିକ ଅନୁମତି ଥିବା ସତ୍ତ୍ୱେ ଗୃହ ମନ୍ତ୍ରାଳୟର ନିର୍ଦ୍ଦେଶରେ ଭିସା ବାତିଲ୍ ହୋଇଥିବା ସେ ଦାବି କରିଥିଲେ। ସମ୍ମିଳନୀରେ ଗଣମାଧ୍ୟମର ଭବିଷ୍ୟତ ଓ ପ୍ରେସ୍ ସ୍ୱାଧୀନତା ଉପରେ ତାଙ୍କର ଆଲୋଚନା କରିବାର କାର୍ଯ୍ୟକ୍ରମ ଥିଲା।

ମୈଥିଳୀ ଠାକୁରଙ୍କ ବାପାଙ୍କ ବିରୋଧରେ ଜମି ଜବରଦଖଲ ଅଭିଯୋଗ

ପାଟନା,୧୩।୧୧: ବିହାରର ଦରଭଙ୍ଗା ଜିଲ୍ଲାରେ ବିଜେପି ବିଧାୟିକା ତଥା ଲୋକପ୍ରିୟ ଗାୟିକା ମୈଥିଳୀ ଠାକୁରଙ୍କ ବାପା ରମେଶ ଠାକୁରଙ୍କ ବିରୋଧରେ ସରକାରୀ ରାସ୍ତା ଓ ଘରୋଇ ଜମି ଜବରଦଖଲ ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନିକଟରେ କିଣାଯାଇଥିବା ଏକ ଜମିରେ ପାଚେରି ନିର୍ମାଣ ସମୟରେ ସରକାରୀ ରାସ୍ତା ସହ ୮୦୦ ବର୍ଗଫୁଟରୁ ଅଧିକ ଘରୋଇ ଜମି ମଧ୍ୟ ଜବରଦଖଲ କରାଯାଇଛି। ଏହାକୁ ବିରୋଧ କରିବାରୁ ଗ୍ରାମବାସୀଙ୍କୁ ମିଥ୍ୟା ଆପରାଧିକ ମାମଲାରେ ଫସାଇବାକୁ ଧମକ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ପୋଖରଭିଣ୍ଡା ପଞ୍ଚାୟତର ବାସିନ୍ଦା ଗଗନ କୁମାର ମିଶ୍ରଙ୍କ ଲିଖିତ ଅଭିଯୋଗ ପରେ ଶୁକ୍ରବାର ତାରଡିହ ସର୍କଲ୍ କାର୍ଯ୍ୟାଳୟର ଅଧିକାରୀମାନେ ବିବାଦୀୟ ଜମିର ମାପଚୁପ କରିଥିଲେ। ଏହି ସମୟରେ ଦରଭଙ୍ଗାର ଡେପୁଟି ଲାଣ୍ଡ ରିଫର୍ମସ ଅଫିସର୍ (ଡିସିଏଲ୍‌ଆର) ଅଜୟ କୁମାର ମଧ୍ୟ ଉପସ୍ଥିତ ଥିଲେ। ମାପଚୁପ ପରେ ସରକାରୀ ରାସ୍ତାର କିଛି ଅଂଶ ଜବରଦଖଲ ହୋଇଥିବା ଜଣାପଡ଼ିଥିଲା। ଏହାକୁ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ତେବେ ଘରୋଇ ଜମି ସମ୍ପର୍କିତ ବିବାଦର ସମାଧାନ ହୋଇପାରି ନାହିଁ।

ସିଆରପିଏଫ୍ ପୋଷ୍ଟ ଉପରେ ଆକ୍ରମଣ ମାମଲା : ଅନେକ ସନ୍ଦିଗ୍ଧଙ୍କୁ ଅଟକ ରଖି ଜେରା

ଶ୍ରୀନଗର,୧୩।୧୧: ଜାମ୍ମୁ-କାଶ୍ମୀରର କୁଲଗାମ ଜିଲ୍ଲାରେ ଥିବା ଏକ ସିଆରପିଏଫ୍ ପୋଷ୍ଟ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ପୁଲିସ ଅନେକ ସନ୍ଦିଗ୍ଧଙ୍କୁ ଅଟକ ରଖି ଜେରା କରୁଛି। ନଭେମ୍ବର ୧୧ ତାରିଖ ବୁଧବାର କୁଲଗାମର ମୀର ବଜାର ନିକଟସ୍ଥ ଅଖରାନ୍ ଅଞ୍ଚଳରେ ଥିବା ସିଆରପିଏଫ୍ ପୋଷ୍ଟ ଉପରେ ଆତଙ୍କବାଦୀମାନେ ଗୁଳିଚାଳନା କରିଥିଲେ। ଏଥିରେ ତିନିଜଣ ଯବାନ ଆହତ ହୋଇଥିଲେ। ଆକ୍ରମଣ ପରେ ସୁରକ୍ଷା ବାହିନୀ ପକ୍ଷରୁ ବ୍ୟାପକ ଘେରାବନ୍ଦୀ ଓ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଶୁକ୍ରବାର ସୁଦ୍ଧା ଏହି ଅଭିଯାନ ଲଗାତାର ତୃତୀୟ ଦିନରେ ପହଞ୍ଚିଛି। ଅଞ୍ଚଳରେ ସଶସ୍ତ୍ର ଯାନ ମୁତୟନ କରାଯାଇଛି। ଆକ୍ରମଣକାରୀଙ୍କ ପରିଚୟ ଓ ଗତିବିଧି ସମ୍ପର୍କରେ ସୂଚନା ପାଇବାକୁ ସୁରକ୍ଷା ଏଜେନ୍ସିଗୁଡ଼ିକ ମାନବୀୟ ଓ ବୈଷୟିକ ଗୁଇନ୍ଦା ସୂଚନାର ସହାୟତା ନେଉଛନ୍ତି। ଶ୍ରୀନଗର ସମେତ କାଶ୍ମୀରର ବିଭିନ୍ନ ଜିଲ୍ଲାରେ ଯାନବାହନ ଯାଞ୍ଚ ଓ ତଲାସି ଅଭିଯାନକୁ ମଧ୍ୟ ଜୋରଦାର କରାଯାଇଛି। ତଦନ୍ତକାରୀମାନେ ଏହି ଆକ୍ରମଣରେ ଲସ୍କର-ଏ-ତୋଇବା ଆତଙ୍କବାଦୀ ମହମ୍ମଦ ଲତିଫ ଭଟଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରୁଛନ୍ତି।

ବେଙ୍ଗାଲୁରୁ ମେଟ୍ରୋର ପିଙ୍କ୍ ଲାଇନର ଶୁଭାରମ୍ଭ କଲେ ମୋଦି



ବେଙ୍ଗାଲୁରୁ,୧୩।୧୧: ବେଙ୍ଗାଲୁରୁବାସୀଙ୍କ ପାଇଁ ମେଟ୍ରୋ ରେଳ ସେବାର ଆଉ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବେଙ୍ଗାଲୁରୁ ମେଟ୍ରୋର ପିଙ୍କ୍ ଲାଇନ୍ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି କେ ଶିବକୁମାରଙ୍କ ସହ ପ୍ରଧାନମନ୍ତ୍ରୀ ମେଟ୍ରୋ ଟ୍ରେନରେ ଯାତ୍ରା ମଧ୍ୟ କରିଛନ୍ତି। ଉଭୟ ନେତା ଟିକେଟ୍ କାଉଣ୍ଟରରୁ ଟିକେଟ୍ କିଣିବା ପରେ ଟ୍ରେନରେ ଯାତ୍ରା କରିଥିଲେ। ନିଜେ ଡିକେ ଶିବକୁମାର ଏନେଇ ଏକ୍ସରେ ଏକ ପୋଷ୍ଟ କରିଛନ୍ତି। ଯାତ୍ରାରେ କର୍ଣ୍ଣାଟକ ରାଜ୍ୟପାଳ ସୁଧା ଯାଦବ, ସାଂସଦ ତେଜସ୍ୱୀ ସୂର୍ଯ୍ୟ ଏବଂ ମନ୍ତ୍ରୀ କେ.ବି. ଗୌଡ଼ା ମଧ୍ୟ ସାମିଲ ହୋଇଥିଲେ ବୋଲି ସେ କହିଛନ୍ତି। ନଭେମ୍ବର ୧୪ ତାରିଖ ସକାଳ ୬ଟାରୁ ନମ୍ମା ମେଟ୍ରୋର ନୂତନ ରେଳପଥ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। ଏହି ନୂତନ ଲାଇନ୍ ଆରମ୍ଭ ହେବା ପରେ ବେଙ୍ଗାଲୁରୁରେ ଚାଲିଥିବା ମେଟ୍ରୋ ନେଟୱର୍କ ୧୦୩.୬ କିଲୋମିଟରରେ ପହଞ୍ଚିବ। ଏଥିସହ ଦିଲ୍ଲୀ ପରେ ବେଙ୍ଗାଲୁରୁ ଭାରତର ଦ୍ୱିତୀୟ ବୃହତ୍ତମ ମେଟ୍ରୋ ନେଟୱର୍କ ଥିବା ସହରର ମାନ୍ୟତା ହାସଲ କରିବ। ବେଙ୍ଗାଲୁରୁ ମେଟ୍ରୋର ଏହି ନୂତନ ପିଙ୍କ୍ ଲାଇନର ଉଦଘାଟିତ ଅଂଶର ଲମ୍ବ ୭.୫ କିଲୋମିଟର। ୭.୫ କିଲୋମିଟର ଦୀର୍ଘ ଏହି ଏଲିଭେଟେଡ୍ ମେଟ୍ରୋ ରେଳପଥ କାଲେନା ଅଗ୍ରହାରାରୁ ତାଭାରେକେରେ ପର୍ଯ୍ୟନ୍ତ ଚାଲିବ। ଏହା ସଦ୍ଦାଗୁଣ୍ଟେପାଲ୍ୟା ଦେଇ ଯାତାୟାତ କରିବ। ଜୟଦେବ ମେଟ୍ରୋ ଷ୍ଟେସନରେ ଏହି ଲାଇନ୍ ଇଲେକ୍ଟ୍ରୋନିକ୍ ସିଟି ମେଟ୍ରୋ କରିଡର ସହ ସଂଯୋଗ ହେବାର ଆଶା ରହିଛି। ଜୟଦେବ ମେଟ୍ରୋ ଷ୍ଟେସନରେ ଏହି ଇଣ୍ଟରଚେଞ୍ଜ୍ ସୁବିଧା ଯୋଗୁ ନୂତନ ମେଟ୍ରୋ ଲାଇନର ଉପଯୋଗିତା ଆହୁରି ବୃଦ୍ଧି ପାଇବ। ଯାତ୍ରୀମାନେ ଏଠାରେ ଟ୍ରେନ୍ ପରିବର୍ତ୍ତନ କରି ଇଲେକ୍ଟ୍ରୋନିକ୍ ସିଟି କରିଡର ଦେଇ ଏଚ୍‌ଆରଏସ୍ ଲେଆଉଟ୍, ଜୟନଗର ଏବଂ ହ୍ୱାଇଟଫିଲ୍ଡ ଭଳି ଅଞ୍ଚଳକୁ ସହଜରେ ଯାତ୍ରା କରିପାରିବେ। ନୂଆ ଲାଇନରେ ୫ଟି ଟ୍ରେନ୍ ଚାଲିବ। ଏଥି ମଧ୍ୟରୁ ୪ଟି ପ୍ରତିଦିନ ଚାଲିବ ଏବଂ ଅନ୍ୟଟିକୁ ଜରୁରୀ ସ୍ଥିତି ପାଇଁ ରଖାଯିବ।

ରାହୁଲଙ୍କ ସାଙ୍ଘାତିକ ଅଭିଯୋଗ
'ଫୋନ୍ ଟ୍ୟାପ୍ ହେଉଛି, ମୋଦି ସାମ୍ନାସାମ୍ନି ବିତର୍କ କରନ୍ତୁ'



ନୂଆଦିଲ୍ଲୀ, ୧୩।୧୧ : ମୋ ଫୋନ୍ ଟ୍ୟାପ୍ କରାଯାଉଛି । ସବୁ କଥାବାର୍ତ୍ତା ଅନ୍ୟ କେହି ଶୁଣୁଛନ୍ତି । ଏପରି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ । ତାଙ୍କ ଫୋନ୍ ଟ୍ୟାପ୍ କରାଯାଉଥିବା ନେଇ ସେ କହିଛନ୍ତି। ରାହୁଲ କହିଛନ୍ତି ଯେ, ସବୁ ଅଭିଯୋଗର ପ୍ରମାଣ ଫୋନରେ ଅଛି । ହେଲେ ଏହାକୁ ପ୍ରଧାନମନ୍ତ୍ରୀ ଟ୍ୟାପ୍ କରୁଛନ୍ତି। ମୁହାଁମୁହିଁ ବିତର୍କ ହେଲେ ଏହା ପ୍ରମାଣିତ ହୋଇଯିବ। ବିଦେଶୀ ଶକ୍ତିର ନିର୍ଦ୍ଦେଶରେ କିଏ କାମ କରୁଛି ତାହା ମଧ୍ୟ ସ୍ପଷ୍ଟ ହୋଇଯିବ। ଏହାସହ କିଏ ଦେଶବିରୋଧୀ ଗତିବିଧିରେ ସାମିଲ ଅଛି ତାହା ମଧ୍ୟ ଜଣା ପଡିବ ବୋଲି ରାହୁଲ କହିଛନ୍ତି। ରାହୁଲ ଆହୁରି କହିଛନ୍ତି ଯେ, ଫୋନରେ ଅନେକ କିଛି ତଥ୍ୟ ରହିଛି। ଯାହା ସେ ଜାଣିଛନ୍ତି ଏବଂ ତାଙ୍କ ଫୋନରେ ରହିଛି। ଏହାସହ ସେ ପିଏମ୍ ନରେନ୍ଦ୍ର ମୋଦିଙ୍କୁ ବିତର୍କ ପାଇଁ ଆହ୍ୱାନ କରିଛନ୍ତି । ଯଦି ମୋଦି ତାଙ୍କ ସହ ମୁହାଁମୁହିଁ ବିତର୍କ କରନ୍ତି ତେବେ ମୋଦି ଆଉ ପ୍ରଧାନମନ୍ତ୍ରୀ ରହିବେ ନାହିଁ । ଲୋକସଭାରେ ତାଙ୍କୁ କହିବାକୁ ଦିଆଯାଉ ନାହିଁ । ତାଙ୍କର ମାଇକ୍ ବନ୍ଦ କରି ଦିଆଯାଉଛି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, କୃଷି ଆଇନ୍, ଭୋଟ୍ ଚୋରି, ଏସଆଇଆର, ଚୀନ ଜେନେରାଲ ନରୱଣେ ଏବଂ ଏପଷ୍ଟିନ୍ ଭଳି ପ୍ରସଙ୍ଗ ଲୋକସଭାରେ ଉଠାଇଥିଲେ । ହେଲେ ତାଙ୍କୁ କହିବାକୁ ଦିଆଯାଇ ନଥିଲା । ଏବେ କିନ୍ତୁ ସେ ସିଧା ସଳଖ ଆଲୋଚନା କରିବାକୁ ଚାହୁଁଛନ୍ତି। ସେ ଗୋଟିଏ ଆସନରେ ଏବଂ ମୋଦି ଅନ୍ୟ ଆସନରେ ବସି ମୁହାଁମୁହିଁ ବିତର୍କ କଲେ ଭଲ ହେବ। ଫଳରେ ପରସ୍ପରକୁ ସିଧା ପ୍ରଶ୍ନ ପଚାରିପାରିବେ । ଯଦି ଗୌତମ ଆଦାନୀ କିମ୍ବା ମୋହନ ଭାଗବତଙ୍କୁ ବିଚରପତି କରାଯାଏ ତାହାଲେ କିଛି ଆପତ୍ତି ନାହିଁ । ପୂର୍ବରୁ ସେ ଅନେକ ଥର ମୋଦିଙ୍କୁ ଏପରି ଆହ୍ୱାନ କରିଛନ୍ତି । ବିଜେପି ନେତା ବିତର୍କକୁ ଡରୁଥିବା ରାହୁଲ ପ୍ରକାଶ କରିଛନ୍ତି ।

ଜାକିର ନାଏକଙ୍କ ଇସ୍‌ଲାମିକ୍ ରିସର୍ଚ୍ଚ ଫାଉଣ୍ଡେସନ୍ ଉପରେ କଟକଣା
ଆଉ ୫ ବର୍ଷ ବଢ଼ାଇଲେ କେନ୍ଦ୍ର ସରକାର



ନୂଆଦିଲ୍ଲୀ,୧୩।୧୧: ବିବାଦୀୟ ଇସ୍‌ଲାମୀୟ ଧର୍ମପ୍ରଚାରକ ଜାକିର ଅବଦୁଲ କରିମ୍ ନାଏକଙ୍କ ଦ୍ୱାରା ପ୍ରତିଷ୍ଠିତ ଇସ୍‌ଲାମିକ୍ ରିସର୍ଚ୍ଚ ଫାଉଣ୍ଡେସନ୍ (ଆଇଆରଏଫ୍) ଉପରେ ଲାଗୁ ହୋଇଥିବା କଟକଣାକୁ କେନ୍ଦ୍ର ସରକାର ଆଉ ପାଞ୍ଚ ବର୍ଷ ପାଇଁ ବଢ଼ାଇଛନ୍ତି। ଶୁକ୍ରବାର କେନ୍ଦ୍ର ଗୃହ ମନ୍ତ୍ରାଳୟ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି କରିଛି। ବେଆଇନ କାର୍ଯ୍ୟକଳାପ (ନିରାକରଣ) ଆଇନ, ୧୯୬୭ ବା ୟୁଏପିଏ ଅନୁଯାୟୀ ସଂଗଠନକୁ ପୁଣିଥରେ ବେଆଇନ ଘୋଷଣା କରାଯାଇଛି। ଏହି କଟକଣା ତୁରନ୍ତ ଲାଗୁ ହୋଇଛି ଏବଂ ଆଗାମୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ଆଇଆରଏଫ୍ ଉପରେ ପ୍ରଥମେ ୨୦୧୬ ନଭେମ୍ବର ୧୭ରେ କେନ୍ଦ୍ର ସରକାର କଟକଣା ଲଗାଇଥିଲେ। ୨୦୨୧ ନଭେମ୍ବର ୧୫ରେ ଏହାକୁ ଆଉ ପାଞ୍ଚ ବର୍ଷ ପାଇଁ ବଢ଼ାଯାଇଥିଲା। ଚଳିତ ନଭେମ୍ବର ୧୪ରେ ପୂର୍ବ କଟକଣାର ଅବଧି ଶେଷ ହେବାକୁ ଥିବାରୁ ତାହାର ଠିକ୍ ଗୋଟିଏ ଦିନ ପୂର୍ବରୁ ସରକାର ନୂଆ ବିଜ୍ଞପ୍ତି ଜାରି କରିଛନ୍ତି। ଏହା ସଂଗଠନ ବିରୋଧରେ ତୃତୀୟ ଥର ପାଇଁ ଲଗାତାର ପାଞ୍ଚ ବର୍ଷିଆ କଟକଣା।ଗୃହ ମନ୍ତ୍ରାଳୟର ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ସଂଗଠନ ଓ ଏହାର ସଦସ୍ୟମାନେ, ବିଶେଷକରି ଏହାର ପ୍ରତିଷ୍ଠାତା ତଥା ସଭାପତି ଜାକିର ନାଏକ, ବିଭିନ୍ନ ଧର୍ମୀୟ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା, ଘୃଣା ଓ ଅସଦ୍ଭାବନା ସୃଷ୍ଟି କରିବାକୁ ଉସୁକାଉଛନ୍ତି। ନାଏକଙ୍କ ଭାଷଣ ଓ ବକ୍ତବ୍ୟ ଆପତ୍ତିଜନକ ଏବଂ ବିଦ୍ରୋହାତ୍ମକ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଏହାଦ୍ୱାରା ଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଘୃଣାଭାବ ବଢ଼ିବା ସହ ଭାରତ ଓ ବିଦେଶର କେତେକ ଯୁବକ ଆତଙ୍କବାଦୀ କାର୍ଯ୍ୟ ପାଇଁ ପ୍ରେରିତ ହୋଇଥିବା ସରକାର ଦାବି କରିଛନ୍ତି।

ହର୍ମୁଜ୍ ପ୍ରଣାଳୀ ନିକଟରେ ଆମେରିକାର ଏମକ୍ୟୁ-୧ ଡ୍ରୋନ୍ ଖସାଇଥିବା ଇରାନର ଦାବି

ତେହେରାନ,୧୩।୧୧: ଆମେରିକା ଓ ଇରାନ ମଧ୍ୟରେ ସାମରିକ ଉତ୍ତେଜନା ପୁଣି ବଢ଼ିଛି। ହର୍ମୁଜ୍ ପ୍ରଣାଳୀ ନିକଟରେ ଆମେରିକାର ଏକ ଏମକ୍ୟୁ-୧ ଡ୍ରୋନକୁ ନିଜର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଦ୍ୱାରା ଖସାଇ ଦେଇଥିବା ଇରାନ ଦାବି କରିଛି। ଅନ୍ୟପକ୍ଷରେ, ଆମେରିକାର ଏକ ଟେଲିକମ୍ ଟାୱାର୍ ଉପରେ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ବାହାରିନରେ ଥିବା ଆମେରିକୀୟ ରାଡାର୍ କେନ୍ଦ୍ରକୁ ଟାର୍ଗେଟ୍ କରିଥିବା ଇରାନୀ ସେନା କହିଛି। ତେବେ ରାଡାର୍ ଧ୍ୱଂସ ହୋଇଥିବା ଆମେରିକା ଅସ୍ୱୀକାର କରିଛି। ଇରାନର ସେନା, ନୌସେନା ଏବଂ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଏଥିରେ ହର୍ମୁଜ୍ ପ୍ରଣାଳୀ ନିକଟସ୍ଥ ସିରିକ୍ ଉପକୂଳ ଏବଂ କୁହେସ୍ତାକ୍ ଓ କେଶମ୍ ଦ୍ୱୀପ ଅଞ୍ଚଳରେ ଏକ ଆମେରିକୀୟ ଏମକ୍ୟୁ-୧ ଡ୍ରୋନକୁ ଚିହ୍ନଟ କରି ଖସାଇ ଦିଆଯାଇଥିବା ଦାବି କରାଯାଇଛି। ଇରାନର କହିବା ଅନୁଯାୟୀ, ଏହି ଡ୍ରୋନକୁ ଦେଶର ସମନ୍ୱିତ ବାୟୁ ପ୍ରତିରକ୍ଷା ନେଟୱର୍କ ଅଧୀନରେ କାର୍ଯ୍ୟ କରୁଥିବା ଏକ ନୂତନ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଜରିଆରେ ଟ୍ରାକ୍ କରାଯାଇ ନଷ୍ଟ କରାଯାଇଛି। ଏହି ବ୍ୟବସ୍ଥା ଇରାନୀ ନୌସେନା ଦ୍ୱାରା ପରିଚାଳିତ ହେଉଥିବା ବିବୃତିରେ ଉଲ୍ଲେଖ ରହିଛି। ଦେଶର ଭୌଗୋଳିକ ଅଖଣ୍ଡତା, ସାମୁଦ୍ରିକ ସୀମା ଏବଂ ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ଇରାନ କୌଣସି ପରିସ୍ଥିତିରେ ପଛକୁ ହଟିବ ନାହିଁ ବୋଲି ମଧ୍ୟ ଏହି ବିବୃତିରେ କୁହାଯାଇଛି। ଏହି ଘଟଣା ପୂର୍ବରୁ ଇରାନର ହର୍ମୁଜ୍ ପ୍ରଣାଳୀ ନିକଟସ୍ଥ ହର୍ମୋଜଗାନ୍ ପ୍ରଦେଶର ସିରିକ୍ ଅଞ୍ଚଳରେ ଥିବା ଏକ ଟେଲିକମ୍ୟୁନିକେସନ୍ ଟାୱାର୍କୁ ଆମେରିକୀୟ ସେନା ଟାର୍ଗେଟ୍ କରିଥିବା ଇରାନ ଅଭିଯୋଗ କରିଥିଲା। ଏହାର ପ୍ରତିଶୋଧ ସ୍ୱରୂପ ବାହାରିନରେ ଥିବା ଆମେରିକାର ଏକ ସାମରିକ ରାଡାର୍ କେନ୍ଦ୍ର ଉପରେ ଆକ୍ରମଣ କରିଥିବା ଓଜଏଉ ପକ୍ଷରୁ ଦାବି କରାଯାଇଛି।

ତେଲେଙ୍ଗାନାରେ ସେନା ଗାଡ଼ି ଦୁର୍ଘଟଣାଗ୍ରସ୍ତ: ୭ ଯବାନ ଆହତ

ନୂଆଦିଲ୍ଲୀ,୧୩।୧୧: ତେଲେଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାରେ ଏକ ସେନା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ସେନା ଗାଡ଼ିଟିକୁ ତାଲିମ ନେଉଥିବା ଜଣେ ଯବାନ ଚଳାଉଥିବା ବେଳେ ନିୟନ୍ତ୍ରଣ ହରାଇବା ପରେ ଗାଡ଼ିଟି ଦୁଇଥର ଓଲଟି ପଡ଼ିବା ପରେ ରାସ୍ତାକଡ଼ର ଏକ ଗଛ ସହିତ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ଏକାଧିକ ସେନା ଯବାନ ଆହତ ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁସାରେ, ଶୁକ୍ରବାର ଭୋର ସମୟରେ ଚେଭେଲା ଅଞ୍ଚଳର ଆଲ୍ଲାୱାଡ଼ା ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଗାଡ଼ିଟି ଗୋଲକୋଣ୍ଡା ସେନା ଶିବିରରୁ ଶାବାଦ ଅଞ୍ଚଳକୁ ଯବାନମାନଙ୍କୁ ନେଇ ତାଲିମ ପାଇଁ ଯାଉଥିଲା। ଗାଡ଼ିରେ ମୋଟ ୧୪ ଜଣ ସେନା କର୍ମଚାରୀ ଥିଲେ। ଆହତ ଯବାନମାନଙ୍କୁ ତୁରନ୍ତ ଗୋଲକୋଣ୍ଡାସ୍ଥିତ ସେନା ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଉଛି। କେତେକ ଗଣମାଧ୍ୟମ ରିପୋର୍ଟରେ ୭ ଜଣ ଆହତ ଓ ଅନ୍ୟ କେତେକରେ ୮ ଜଣ ଆହତ ହୋଇଥିବା ଦର୍ଶାଯାଇଛି।

କରାଚୀ ବନ୍ଦରରେ ୬ ଭାରତୀୟ ନାବିକ ୭ ମାସ ଧରି ଅଟକ
ସହାୟତା ପାଇଁ ପାକିସ୍ତାନକୁ ଅନୁରୋଧ କଲା ଭାରତ

ଇସଲାମାବାଦ,୧୩।୧୧: ପାକିସ୍ତାନର କରାଚୀ ବନ୍ଦରରେ ପ୍ରାୟ ୭ ମାସ ଧରି ଅଟକି ରହିଥିବା ୬ ଜଣ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବେ ଦେଶକୁ ଫେରାଇ ଆଣିବା ପାଇଁ ଭାରତ ସରକାର ପାକିସ୍ତାନର ସହଯୋଗ ଲୋଡ଼ିଛନ୍ତି। ବିଦେଶ ମନ୍ତ୍ରାଳୟ କହିଛି ଯେ, ଏହି ମାମଲା ମୁଖ୍ୟତଃ ଜାହାଜ ଚଳାଚଳ କମ୍ପାନି ଓ ବନ୍ଦର କର୍ମଚାରୀଙ୍କ ମଧ୍ୟରେ ଏକ ବାଣିଜ୍ୟିକ ବିବାଦ। ତେବେ ଅଟକିଥିବା ନାବିକମାନଙ୍କୁ ଘରକୁ ଫେରାଇ ଆଣିବା ପାଇଁ ସରକାର ସମସ୍ତ ପକ୍ଷଙ୍କ ସହ ଯୋଗାଯୋଗ ରଖିଛନ୍ତି। ବିଦେଶ ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ ସରକାର ଅଟକିଥିବା ନାବିକମାନଙ୍କ ସହିତ ସେମାନଙ୍କ ନିଯୁକ୍ତିଦାତା ଓ ଜାହାଜ କମ୍ପାନିର ଏଜେଣ୍ଟଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି । ପାକିସ୍ତାନ ସରକାରଙ୍କୁ ଏନେଇ ଭାରତ ପକ୍ଷରୁ କୂଟନୈତିକ ଅନୁରୋଧ କରାଯାଇଛି। ରଣଧୀର କହିଛନ୍ତି, ଜାହାଜର ମାଲିକ ଓ ବନ୍ଦର କର୍ମଚାରୀଙ୍କ ମଧ୍ୟରେ ଥିବା ବିବାଦର ସମାଧାନ ପାଇଁ ଆଲୋଚନା ଚାଲିଛି। ନୂତନ ନାବିକ ଦଳ ଜାହାଜରେ ଯୋଗ ନ ଦେବା ପର୍ଯ୍ୟନ୍ତ ବର୍ତ୍ତମାନର ନାବିକମାନେ ଜାହାଜ ଛାଡ଼ିପାରିବେ ନାହିଁ। ତାଙ୍କ ମତରେ, ଜାହାଜରୁ କର୍ମଚାରୀମାନଙ୍କୁ ଔପଚାରିକ ଭାବେ ମୁକ୍ତ କରିବା ପୂର୍ବରୁ ବିକଳ୍ପ ନାବିକ ଦଳର ବ୍ୟବସ୍ଥା କରିବା ଆବଶ୍ୟକ। ଉଲ୍ଲେଖଯୋଗ୍ୟ, ଏହି ୬ ନାବିକ ଇରାନଭିତ୍ତିକ କେବର ସିପିଂ କମ୍ପାନିର ମାଲବାହୀ ଜାହାଜରେ କାମ କରୁଥିଲେ।

ମାଡ୍ରାସ ହାଇକୋର୍ଟର ପୂର୍ବତନ ବିଚାରପତି ସିଏସ୍ କର୍ଣ୍ଣନଙ୍କ ପରଲୋକ

ନୂଆଦିଲ୍ଲୀ,୧୩।୧୧ : ମାଡ୍ରାସ ହାଇକୋର୍ଟର ପୂର୍ବତନ ବିଚାରପତି ସିଏସ୍ କର୍ଣ୍ଣନଙ୍କ ୭୧ ବର୍ଷ ବୟସରେ ଆଜି ଚେନ୍ନାଇରେ ପରଲୋକ ଘଟିଛି । ସେ ପ୍ରଥମ କାର୍ଯ୍ୟରତ ହାଇକୋର୍ଟ ବିଚାରପତି ଥିଲେ ଯାହାଙ୍କୁ କୋର୍ଟ ଅବମାନନା ପାଇଁ ଜେଲ ଦଣ୍ଡ ଦିଆଯାଇଥିଲା । ସୁପ୍ରିମକୋର୍ଟ ତାଙ୍କୁ ଛଅ ମାସ ଜେଲ ଦଣ୍ଡ ଦେଇଥିଲେ । ୨୦୨୦ ମସିହାରେ ଅବସର ନେବା ପରେ ତାଙ୍କୁ ଜେଲଦଣ୍ଡ ଦିଆଯାଇଥିଲା। ଚେନ୍ନାଇରେ ରହୁଥିବା ପୂର୍ବତନ ବିଚାରପତି ସିଏସ୍ କର୍ଣ୍ଣନଙ୍କୁ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ସମ୍ପ୍ରତି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ସମୟରେ ତାଙ୍କ ଅବସ୍ଥାରେ କୌଣସି ଉନ୍ନତି ହୋଇନଥିଲା, ଏବଂ ସେ ଶୁକ୍ରବାର ସକାଳେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଆସନ୍ତାକାଲି ଅର୍ଥାତ ଶନିବାର ତାଙ୍କର ଅନ୍ତିମ ସଂସ୍କାର କରାଯିବ ।

ପାକିସ୍ତାନୀ ଗୁପ୍ତଚରଙ୍କ ହନିଟ୍ରାପ୍‌ରେ ଭାରତୀୟ ବାୟୁସେନା ଅଧିକାରୀ

ଯୁଦ୍ଧ ଯୋଜନା ଓ ଲେହ ଏୟାରବେସ୍‌ର ଗୋପନୀୟ ତଥ୍ୟ ପ୍ରଘଟ !



ନୂଆଦିଲ୍ଲୀ,୧୩।୧୧: ପାକିସ୍ତାନୀ ଗୁପ୍ତଚରଙ୍କ ହନିଟ୍ରାପରେ ଫସି ଭାରତୀୟ ବାୟୁସେନାର ଜଣେ କାର୍ଯ୍ୟରତ ୱିଙ୍ଗ୍ କମାଣ୍ଡର ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସମ୍ବନ୍ଧୀୟ ଗୋପନୀୟ ତଥ୍ୟ ହସ୍ତାନ୍ତର କରିଥିବା ଅଭିଯୋଗ ହୋଇଛି। ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ପାଇବା ଲୋଭରେ ସେ ପାକିସ୍ତାନୀ ଗୁପ୍ତଚରଙ୍କୁ ଭାରତର ଯୁଦ୍ଧ ଯୋଜନା, ଲେହ ଏୟାରବେସର କାର୍ଯ୍ୟକ୍ଷମତା ଏବଂ ଡ୍ରୋନ୍ ଯୁଦ୍ଧ କ୍ଷମତା ସମ୍ପର୍କିତ ସୂଚନା ଦେଇଥିବା ଦିଲ୍ଲୀ ପୋଲିସର ଚାର୍ଜସିଟରେ ଦାବି କରାଯାଇଛି। ଟାଇମ୍ସ ଅଫ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ଦିଲ୍ଲୀ ପୋଲିସର ସ୍ପେଶାଲ୍ ସେଲ୍ ଅଧୀନସ୍ଥ କାଉଣ୍ଟର ଇଣ୍ଟେଲିଜେନ୍ସ ଏଜେନ୍ସି ପକ୍ଷରୁ ପଟିଆଲା ହାଉସ୍ କୋର୍ଟରେ ଦାଖଲ ହୋଇଥିବା ଚାର୍ଜସିଟରେ ଏହି ସାଂଘାତିକ ଅଭିଯୋଗ ଉଲ୍ଲେଖ ରହିଛି। ପୋଲିସର ଅଭିଯୋଗ ଅନୁସାରେ, ପାକିସ୍ତାନୀ ଗୁପ୍ତଚରଙ୍କ ସହ ଯୋଗାଯୋଗରେ ଥିବା ଏହି ଅଧିକାରୀ ଜାନୁଆରୀ ୧୨ରୁ ଏପ୍ରିଲ୍ ୧, ୨୦୨୬ ମଧ୍ୟରେ ମହିଳାଙ୍କ ସହ ନିୟମିତ ସମ୍ପର୍କ ରଖିଥିଲେ। ଏହି ମାମଲାରେ ତାଙ୍କୁ ମେ' ୩୦ ତାରିଖରେ ଗିରଫ କରାଯାଇଥିଲା। ଚାର୍ଜସିଟ୍ ଅନୁଯାୟୀ, ଅଭିଯୁକ୍ତ ୱିଙ୍ଗ୍ କମାଣ୍ଡରଙ୍କ ନିକଟରେ ଭାରତୀୟ ବାୟୁସେନାର ଯୁଦ୍ଧ ଯୋଜନା ସମ୍ପର୍କିତ ଅତ୍ୟନ୍ତ ସମ୍ବେଦନଶୀଳ ତଥ୍ୟ ରହିଥିଲା। ସେ ଲେହ ଏୟାରବେସରେ ବିମାନ ଚଳାଚଳ କ୍ଷମତା ଓ ସେଠାରେ କେଉଁ ପ୍ରକାରର ସାମରିକ ବିମାନ ଉଡ଼ାଣ କରିପାରିବ, ସେ ସମ୍ପର୍କରେ ମଧ୍ୟ ସୂଚନା ଦେଇଥିବା ଅଭିଯୋଗ ହୋଇଛି। ପୋଲିସର ଦାବି ଅନୁଯାୟୀ, ହ୍ୱାଟ୍ସଆପ୍ ଚାଟରେ ଅଧିକାରୀ ମହିଳାଙ୍କୁ କହିଥିଲେ ଯେ ଲେହ ଏୟାରବେସରେ ବ୍ୟବହାର ନିୟମିତ ନୁହେଁ, ବରଂ ଆବଶ୍ୟକତା ଅନୁସାରେ କରାଯାଏ। ଏହା ସହିତ ସେଠାରୁ ବିଭିନ୍ନ ପ୍ରକାରର ସାମରିକ ବିମାନ ଉଡ଼ାଣ କରିପାରିବ ବୋଲି ମଧ୍ୟ ସୂଚନା ଦେଇଥିବା ଅଭିଯୋଗ ରହିଛି। ଏହାବ୍ୟତୀତ ଭାରତର ଡ୍ରୋନ୍ ଯୁଦ୍ଧ କ୍ଷମତା ଏବଂ ଏହି ଅଭିଯାନ ସହ ଜଡ଼ିତ କର୍ମଚାରୀଙ୍କ ସମ୍ପର୍କରେ ମଧ୍ୟ ସେ ତଥ୍ୟ ଦେଇଥିବା ପୋଲିସ ଅଭିଯୋଗ କରିଛି। ଏହି ମାମଲାରେ ଆହୁରି ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ପାକିସ୍ତାନୀ ଗୁପ୍ତଚର ଅଧିକାରୀଙ୍କୁ ମାଲୱେର୍ ପଠାଇଥିବା ଅଭିଯୋଗ ହୋଇଛି। ଏହି ସଫ୍ଟୱେର୍କୁ ୱିଙ୍ଗ୍ କମାଣ୍ଡର ନିଜ ଅଧସ୍ତନ କର୍ମଚାରୀଙ୍କ ମୋବାଇଲ୍ ଫୋନ୍ ଓ ଲାପଟପ୍‌ରେ ଇନଷ୍ଟଲ୍ କରିବାକୁ କୁହାଯାଇଥିଲା ବୋଲି ପୋଲିସ ଚାର୍ଜସିଟରେ ଉଲ୍ଲେଖ କରିଛି। ଏହାଦ୍ୱାରା ଅନ୍ୟ ବାୟୁସେନା ଅଧିକାରୀଙ୍କ ଡିଭାଇସରେ ଥିବା ଗୋପନୀୟ ତଥ୍ୟ ହାସଲ କରିବାକୁ ଉଦ୍ୟମ ହୋଇଥିବା ତଦନ୍ତକାରୀ ସଂସ୍ଥା ସନ୍ଦେହ କରୁଛି। ଅର୍ଥାତ୍ କେବଳ ଜଣେ ଅଧିକାରୀଙ୍କ ନିକଟରେ ଥିବା ତଥ୍ୟ ନୁହେଁ, ବରଂ ଅନ୍ୟ ସାମରିକ କର୍ମଚାରୀଙ୍କ ତଥ୍ୟ ହାସଲ କରିବାକୁ ମଧ୍ୟ ଉଦ୍ୟମ ହୋଇଥିବା ଅଭିଯୋଗ ରହିଛି।

କୁଞ୍ଜଲତା ହତ୍ୟା ଘଟଣା: ସୁନା ତାସ୍ ଅଭିଯୁକ୍ତକୁ କରିଥିଲା ପ୍ରଲୋଭିତ !

ଭୁବନେଶ୍ୱର(ନି.ପ୍ର): ଲକ୍ଷ୍ମୀସାଗର ଥାନା ବୁଦ୍ଧନଗର କୁଞ୍ଜଲତା ନନ୍ଦଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତ କେୟାରଟେକର ବଳଭଦ୍ର ମହାରଣା ଓରଫ ବଳିଆକୁ ଜେରା କରିବା ବେଳେ ପୋଲିସକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ବଳଭଦ୍ରକୁ ସହଯୋଗ କରିଥିବା ଜଣେ ମହିଳାକୁ ଲକ୍ଷ୍ମୀସାଗର ପୋଲିସ ଗିରଫ କରିଛି । ମହିଳା ଜଣଙ୍କ ହେଉଛନ୍ତି ପୁରୀ ଜିଲ୍ଲା ବ୍ରହ୍ମଗିରିର ସବିତା ସେଠୀ (୪୦) । ହତ୍ୟାକାଣ୍ଡ ଘଟାଇ ଚୋରି ସୁନା-ରୁପା ଅଳଙ୍କାର ସମେତ ଅନ୍ୟାନ୍ୟ ସାମଗ୍ରୀ ଓ ସ୍କୁଟି ଦେଇ ରାଜ୍ୟ ବାହାରକୁ ଫେରାର ହୋଇଯାଇଥିଲା । ସେ ତାଙ୍କୁ ଫେରାର ହେବାରେ ସହଯୋଗ



ସିନ୍ ରିକ୍ରିଏସନ କରାଇଛି ପୋଲିସ

କରିଥିଲା । ଗିରଫ ସବିତାଠାରୁ ୫ ଲକ୍ଷରୁ ଅଧିକ ଟଙ୍କାର ବିଭିନ୍ନ ସୁନା ଓ ରୁପା ଅଳଙ୍କାର, ରୁପା ଚାଙ୍ଗୁଡ଼ି, ଚାମଚ, ଥାଳି, ରୁପା ମୂର୍ତ୍ତି ଓ ସୁନା ପ୍ଲେଟିଂ ହୋଇଥିବା ତାସ୍ ପତାର ୪ଟି ପ୍ୟାକେଟ ଆଦି ଜବତ ହୋଇଛି । ଡିସିପି ସର୍ବଣା ବିବେକ୍ ଏମ୍. କହିଛନ୍ତି, ସବିତା ଓ ବଳଭଦ୍ର, ପୂର୍ବରୁ ପରିଚିତ ଥିଲେ । ବଳଭଦ୍ରର ପୁଅକୁ ସବିତା ଧରମ ପୁଅ କରିଥିଲା । ବଳଭଦ୍ରକୁ ଫେରାର କରାଇବାରେ ସବିତା ସହଯୋଗ କରିଥିଲା । ନିୟମିତ ବଳଭଦ୍ର ସହ ମୋବାଇଲରେ କଥା ହେଉଥିଲା । ସବିତା ଜାଣିଶୁଣି ଚୋରି ସାମଗ୍ରୀ ରଖିଥିଲା । ଅଭିଯୁକ୍ତକୁ ଫେରାର କରାଇବାରେ ସହଯୋଗ ଓ ଚୋରି ସାମଗ୍ରୀ ରଖିବା ଦଫାରେ ସବିତାକୁ ଗିରଫ କରାଯାଇଛି । ତଦନ୍ତରୁ ଜଣାପଡ଼ିଛି ଯେ, ହତ୍ୟାକାଣ୍ଡ ଘଟାଇ ବଳଭଦ୍ର ନିଜ ଘରକୁ ଯାଇଥିଲା । ସେଠାରେ ସେ ପୋଷାକ ବଦଳାଇଥିଲା । ଆଉ ଏକ କାମ ଅଛି ବୋଲି ଘର ଲୋକଙ୍କୁ ମିଛ କହି ସେ ବ୍ରହ୍ମଗିରି ଚାଲି ଯାଇଥିଲା । ସେଠାରେ ସବିତାକୁ ସବୁ ଚୋରି ସାମଗ୍ରୀ ଦେଇଥିଲା । ସବିତା ଚୋରି ଓ ହତ୍ୟା ନେଇ ଜାଣିବା ପରେ ମଧ୍ୟ ସମସ୍ତ ସାମଗ୍ରୀ ଲୁଚାଇ ରଖିଥିଲା । ସ୍କୁଟି ମଧ୍ୟ ସବିତା ପାଖରେ ବଳଭଦ୍ର ରଖିଥିଲା ବୋଲି ଡିସିପି କହିଛନ୍ତି । ଅନ୍ୟପକ୍ଷରେ ୧୬ ତାରିଖ ଯାଏଁ ବଳଭଦ୍ରର ଟ୍ରାଞ୍ଜିଟ ରିମାଣ୍ଡ ଅବଧି ଥିବାବେଳେ ଏହାରି ଭିତରେ ତା'ଠାରୁ ହତ୍ୟା ଓ ଲୁଟ୍ ସମ୍ବନ୍ଧିତ ଆହୁରି କିଛି ପ୍ରମାଣ ହାସଲ କରିବାକୁ ପୋଲିସ ପ୍ରୟାସ ଚଳାଇଛି ।

ବନବିଭାଗର ଚଢ଼ାଉ

ବାଘଛାଲ ଜବତ, ୪ ଗିରଫ



ଗୁଣୁପୁର(ନିପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର-ଗୁଡାରି ବନଖଣ୍ଡ ଅନ୍ତର୍ଗତ ନାଇରା ସେକ୍ସନର କର୍ଣ୍ଣପାଢୁ ନିକଟରୁ ଏକ କଲରାପତରିଆ ବାଘର ଛାଲକୁ ବନବିଭାଗ ଜବତ କରିଛି । ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୩ଟି ବାଇକ୍, ୪ଟି ମୋବାଇଲ୍ ଫୋନ୍ ଓ ବାଘଛାଲ ଜବତ ହୋଇଥିବା ଜଣାପଡିଛି । ଡିଏଫ୍ଓଙ୍କ ନିର୍ଦ୍ଦେଶକ୍ରମେ ଦୁଇ ଏସିଏଫ୍ ସଚ୍ଚିଦାନନ୍ଦ ସେଠୀ ଓ ସତୀଶ କୁମାର ଧାରୁଆଙ୍କ ଉପସ୍ଥିତିରେ ଗୁଣୁପୁର ଓ ଗୁଡାରି ରେଞ୍ଜର ବନ କର୍ମଚାରୀମାନେ ଏହି ଚଢ଼ାଉ କରିଥିଲେ । କୌଣସି ସୂତ୍ରରୁ ଖବର ପାଇ ବନବିଭାଗ ଯୋଜନାବଦ୍ଧ ଭାବେ ଚଢ଼ାଉ କରିଥିବାବେଳେ କର୍ଣ୍ଣପାଢୁ ମନ୍ଦିରର ପୂଜକ ଗୌରୀଶଙ୍କର ରଣା ବାଘଛାଲ ଧରି ଖସିଯିବାକୁ ଉଦ୍ୟମ କରୁଥିବା ସମୟରେ ବନ କର୍ମଚାରୀଙ୍କ ହାତରେ ଧରାପଡ଼ିଥିବା କୁହାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ପଦ୍ମପୁର ବ୍ଲକ୍ ଡେରିଗାଁ ପଞ୍ଚାୟତର ଗୌରୀଶଙ୍କର ରଣା, ପଦ୍ମପୁରର ଶ୍ରୀରାମ ପାତ୍ର, ତାଙ୍କର ଗଞ୍ଜାମ ଜିଲ୍ଲା ଶେରଗଡ଼ ବୋଲି ଜଣାପଡ଼ିଛି । ଅନ୍ୟ ଦୁଇଜଣ ହେଲେ ପଦ୍ମପୁର ବ୍ଲକ୍ର ଅବସରପ୍ରାପ୍ତ ଶିକ୍ଷକ ପିଲିପ ବିଡ଼ିକା ଏବଂ କନ୍ଧମାଳ ଜିଲ୍ଲା ତାଜୁଙ୍ଗିଆ ପଦାସାହିର ମରେନ ମଲ୍ଲିକ । ବନବିଭାଗ ପକ୍ଷରୁ ଜବତ ବାଘଛାଲର ମାପ ନିଆଯାଇଥିବା ବେଳେ ଏହାର ଓସାର ୧୦୭ ସେଣ୍ଟିମିଟର ଓ ଲମ୍ବ ୨୫୦ ସେଣ୍ଟିମିଟର ରହିଥିବା ଆସିଷ୍ଟାଣ୍ଟ କନଜରଭେଟର ଅଫ୍ ଫରେଷ୍ଟ ସଚ୍ଚିଦାନନ୍ଦ ସେଠୀ ସୂଚନା ଦେଇଛନ୍ତି । ଏହି ବାଘଛାଲ କେଉଁ ଅଞ୍ଚଳର ବାଘର ଏବଂ ବାଘ ଶିକାର ପଛରେ ଆଉ କାହାର ସମ୍ପୃକ୍ତି ରହିଛି, ସେନେଇ ବନବିଭାଗ ତଦନ୍ତ ଜାରି ରଖିଛି । ଏହି ବନ୍ୟଜନ୍ତୁ ଶିକାର ଓ ଚୋରାଚାଲାଣ ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ତାହାର ତଦନ୍ତ ଚାଲିଥିବା ନେଇ ରେଞ୍ଜର ପ୍ରଦୀପ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

ନିର୍ମାଣାଧୀନ ଲିଫ୍ଟରୁ ସାମଗ୍ରୀ ଚୋରି: ୩ ବନ୍ଧା ହେଲେ

ଭୁବନେଶ୍ୱର(ନି.ପ୍ର) : ଭୁବନେଶ୍ୱରର ଖାରବେଳନଗରସ୍ଥିତ ପ୍ଲଟ୍ ନଂ-୬୫ରେ ଥିବା ଏକ ନିର୍ମାଣାଧୀନ ଲିଫ୍ଟ ପ୍ରକଳ୍ପରୁ ବିଭିନ୍ନ ଲିଫ୍ଟ ନିର୍ମାଣ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗକାରୀ ଚିନ୍ମୟ ପାଇକରାୟ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି, ଲେପର୍ସ କଲୋନୀର ସୁନୀଲ ସାହୁ ଓରଫ ସୋନୁ (୨୧), ୟୁନିଟ୍ ୩ର ଟି. ରାମୁ (୨୮) ଓ ଏନଏସି କଲୋନୀର ଆଲୋକ ଦାସ (୨୯) । ଏହି ଚୋରି ଗତ ୯ ତାରିଖରୁ ୧୦ ତାରିଖ ମଧ୍ୟରେ ହୋଇଥିଲା । ଅଧିକ ତଦନ୍ତରୁ ଜଣାପଡ଼ିଥିଲା ଯେ, ଉକ୍ତ ଚାରିଜଣ ପରସ୍ପର ବନ୍ଧୁ ଏବଂ ସେମାନେ ମିଶି ଚୋରି ଯୋଜନା କରିଥିଲେ । ଗତ ୮ ତାରିଖରେ ଆଲୋକ ଦାସ ଉକ୍ତ ନିର୍ମାଣସ୍ଥଳକୁ ଯାଇ ଅଭିଯୋଗକାରୀଙ୍କ ମାଆ ଓ ଭଉଣୀଙ୍କୁ କାଳୀପୂଜା ଚାନ୍ଦା ମାଗିଥିଲେ । ପରେ ୯ ତାରିଖ ସକାଳ ୧୦ଟାରୁ ୧୦ତାରିଖ ସକାଳ ୯ଟା ମଧ୍ୟରେ ଉକ୍ତ ଅଭିଯୁକ୍ତମାନେ ମିଶି ନିର୍ମାଣସ୍ଥଳରେ ପଶି ଗୋଟିଏ କାର୍ ଗାଇଡ୍ ରେଲ୍, ୮ଟି କାଉଣ୍ଟର ଓଜନ ଲୁହା ବ୍ଲକ୍, ୨୦ ମିଟର ୩-ଫେଜ୍ ଆର୍ମର୍ଡ କେବୁଲ୍, ୫୦ ମିଟର ଆର୍ଥିଂ କେବୁଲ୍ ଏବଂ ୫ଟି କେବୁଲ୍ କଏଲ୍ ବକ୍ସ ଚୋରି କରି ନେଇଥିଲେ । ପରେ ଏହି ସାମଗ୍ରୀଗୁଡ଼ିକୁ ବିକ୍ରି କରି ଟଙ୍କା ରୋଜଗାର କରିବାକୁ ଯୋଜନା କରିଥିଲେ । ଘଟଣାର ତଦନ୍ତ କାଳରେ ଶୁକ୍ରବାର ଏକ ବିଶ୍ୱସନୀୟ ସୂତ୍ରରୁ ଖବର ପାଇ ପୋଲିସ ମସଜିଦ୍ କଲୋନୀସ୍ଥିତ ସ୍କ୍ରାପ୍ ଦୋକାନ ନିକଟରେ ଚଢ଼ଉ କରି ସୋନୁ,ଟି. ରାମୁ ଓ ଆଲୋକ ଦାସଙ୍କୁ ଗିରଫ କରିଥିଲା ।

ରାଜଧାନୀ ଉପକଣ୍ଠରେ ସ୍ପେଶାଲ କ୍ରାଇମ ୟୁନିଟ୍ର ଚଢ଼ାଉ

ବାଲି ବ୍ୟବସାୟୀ ଗିରଫ, ଦୁଇ ବନ୍ଧୁକ ଜବତ

ଭୁବନେଶ୍ୱର(ନି.ପ୍ର) : ବେଆଇନ ବନ୍ଧୁକ କାରବାର ମାମଲାରେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ରାଜଧାନୀ ଉପକଣ୍ଠ ବାଲିପାଟଣାରେ ଚଢ଼ାଉ କରିଛି । ଚଢ଼ାଉ ବେଳେ ଦୁଇଟି ବନ୍ଧୁକ ଜବତ କରିଛି । ଏହି ଘଟଣାରେ କଟକ ଜିଲ୍ଲା ଗୋବିନ୍ଦପୁର ଅଞ୍ଚଳର ବାଲି ବ୍ୟବସାୟୀ ବିଶ୍ୱଜିତ ବେହେରା ଓରଫ କାଳିଆକୁ ପୋଲିସ ଗିରଫ କରିଛି । ତା ପାଖରୁ ଦୁଇ ସେମି ଅଟୋମେଟିକ୍ ବନ୍ଧୁକ, ୮ଟି ଜୀବନ୍ତ ଗୁଳି, ଗୋଟିଏ ଥାର ଗାଡି, ଦୁଇଟି ମୋବାଇଲ ଓ ୫୧୦ ଟଙ୍କା ଜବତ କରାଯାଇଛି । ଏନେଇ ସ୍ପେଶାଲ କ୍ରାଇମ ୟୁନିଟ୍ ପକ୍ଷରୁ ମାମଲା (ନଂ.୨୩/୨୦୨୬) ରୁଜୁ କରାଯାଇଛି । ଅଭିଯୁକ୍ତ କାଳିଆ ନାଁରେ ବିଭିନ୍ନ ଥାନାରେ ୫ଟି ବନ୍ଧୁକ କାରବାର ମାମଲା ରହିଛି ବୋଲି କ୍ରାଇମ ୟୁନିଟ୍ ଡିସିପି ଅନୁପ କାନୁନଗୋ କହିଛନ୍ତି । ଡିସିପି ଶ୍ରୀ କାନୁନଗୋ କହିଛନ୍ତି, 'ବିଶ୍ୱଜିତ ବିହାର ମୁଙ୍ଗେରରୁ ବନ୍ଧୁକ କିଣିଥିଲା । ଦୁର୍ଗା ପୂଜା ସମୟରେରେ ତା ଗାଁରେ ବନ୍ଧୁକ ଧରି ଗୁଳି ଫୁଟାଇଥିଲା । ଏହାର ଭିଡିଓ ସାମ୍ନାକୁ ଆସିବା ପରେ ବିଶ୍ୱଜିତ ଫେରାର ହୋଇଯାଇ ଥିଲା । ସ୍ପେଶାଲ୍ କ୍ରାଇମ୍ ୟୁନିଟ ତା ଉପରେ ନଜର ରଖିଥିଲା । ସେ ବାଲି ବ୍ୟବସାୟ କରୁଥିବାରୁ ବନ୍ଧୁକ ରଖିଥିଲା ବୋଲି ପୋଲିସକୁ କହିଛି । ମୁଙ୍ଗେରରୁ ବନ୍ଧୁକ ଆଣିଥିବାରୁ ଏହି ନେଟଓ୍ୱର୍କରେ ଅଧିକ ଖୋଳତାଡ଼ ଚାଲିଛି । ତେବେ ରାଜଧାନୀରେ ବାରମ୍ବାର ଚୋରା ବନ୍ଧୁକରେ ଅପରାଧ ଘଟୁଥିବାରୁ ପୋଲିସ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଯୋଜନା କରିଛି । ଭୁବନେଶ୍ୱର ଡିସିପି ସର୍ବଣା ବିବେକ୍ ଏମ୍. କହିଛନ୍ତି, 'ପୋଲିସ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ପୂର୍ବରୁ ଯେଉଁ ଯେଉଁ ମାମଲାରେ ବେଆଇନ ବନ୍ଧୁକ ଜବତ କରାଯାଇଛି, ଉକ୍ତ ମାମଲାଗୁଡ଼ିକରେ ଛାନଭିନ କରାଯିବ । ସେସବୁ ବନ୍ଧୁକ କେଉଁଠୁ ଆସିଥିଲା, ଏହା ପଛରେ କିଏ ଅଛି ଆଦି ଦିଗକୁ ନେଇ ତଦନ୍ତ କରିବାକୁ ସ୍ୱତନ୍ତ୍ର ଟିମ୍ ଲାଗିଛି । ଖୁବଶୀଘ୍ର ଆମେ ବେଆଇନ ବନ୍ଧୁକ ଚାଲାଣ ନେଟଓ୍ୱର୍କରେ ସଫଳତା ହାସଲ କରିବୁ । ଦୁଇ ବର୍ଷରେ ବହୁ ବନ୍ଧୁକ ଜବତ କରାଯାଇଛି । ଆଗକୁ ମଧ୍ୟ ବନ୍ଧୁକ କାରବାରରେ ଅଙ୍କୁଶ ଲଗାଇବାକୁ ଭଲ କାମ କରିବୁ ।

ମାଙ୍କଡ଼ ଆକ୍ରମଣରେ ଜଣେ ଗୁରୁତର

ସାଲେପୁର(ନିପ୍ର): ସାଲେପୁର ବ୍ଲକ୍ ବାରିଗୋଳ ପଞ୍ଚାୟତ ଅନ୍ତର୍ଗତ ବାରିଗୋଳ ଗ୍ରାମରେ ମାଙ୍କଡ଼ମାନଙ୍କ ଆତଙ୍କ ଦେଖାଦେଇଛି । ମାଙ୍କଡ଼ ଆକ୍ରମଣରେ ଗ୍ରାମର ବିଷ୍ଣୁପଦ କର ଗୁରୁତର ଆହତ ହୋଇଛନ୍ତି । ସେ ନିଜ ପୋଖରୀ ହୁଡ଼ାରେ ଛିଡ଼ା ହୋଇଥିବା ସମୟରେ ଏକ ମାଙ୍କଡ଼ ତାଙ୍କୁ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଥିଲା । ଅନ୍ୟପକ୍ଷରେ ଉକ୍ତ ମାଙ୍କଡ଼ଟି ଗ୍ରାମରେ ଯାହାକୁ ଦେଖୁଛି ତାକୁ ଆକ୍ରମଣ କରୁଥିବାର ଅଭିଯୋଗ ହେଉଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି । ବିଶେଷକରି ଛୋଟ ପିଲା ଓ ବୟସ୍କ ଲୋକଙ୍କ ସୁରକ୍ଷାକୁ ନେଇ ଗ୍ରାମବାସୀ ଚିନ୍ତିତ ହୋଇପଡ଼ିଛନ୍ତି । ତେଣୁ ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଥିବା ଉକ୍ତ ମାଙ୍କଡ଼କୁ ତୁରନ୍ତ ଧରିବା ସହ ଲୋକଙ୍କ ସୁରକ୍ଷା ପାଇଁ ବନ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ଦୁର୍ଘଟଣାରେ ଯୁବ ଅଧ୍ୟାପକ ଆହତ

ଭାପୁର(ନିପ୍ର): ନୟାଗଡ଼ ଜିଲ୍ଲା ବାଲୁଙ୍କେଶ୍ୱରଦେବ ଆଞ୍ଚଳିକ ଡିଗ୍ରୀ କଲେଜ ଟିଙ୍କିରିପଡାରେ କାର୍ଯ୍ୟରତ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ସତ୍ୟସୁନ୍ଦର ଦାସ ଗୁରୁବାର ରାତିରେ ନିଜେ ଚଳାଉଥିବା ବାଇକ ଓ ଅଟୋ ମୁହାଁମୁହିଁ ଧକ୍କା ହୋଇ ଗୁରୁତର ଆହତ ହୋଇଛନ୍ତି । ଭାପୁର ବ୍ଲକ କରବର ପଞ୍ଚାୟତ ମାଣିତ୍ରୀ ଗ୍ରାମର କୁଳମଣୀ ମଲ୍ଲିକଙ୍କ ବଡପୁଅ ନିକଟସ୍ଥ ଟିଙ୍କିରିପଡା ଡିଗ୍ରୀ କଲେଜରେ ଅଧ୍ୟାପକ ଅଛନ୍ତି । ମାତ୍ର ତାଙ୍କ ପରିବାର ନୟାଗଡ଼ରେ ରୁହନ୍ତି । ଗୁରୁବାର ସନ୍ଧ୍ୟା ୭ଟା ସମୟରେ ନିଜେ ବାଇକ ଚଳାଇ ନୟାଗଡ଼ ଯାଉଥିବା ସମୟରେ ବାଲୁଗାଁ ପୂର୍ବରୁ ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇ ତାଙ୍କର ଡାହାଣ ଗୋଡଟି ଭାଙ୍ଗି ଯାଇଛି । ତାଙ୍କୁ ପ୍ରଥମେ ନୟାଗଡ଼ ଓ ପରେ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାରେ ଚିକିତ୍ସିତ କରାଯାଇଥିଲେ ହେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ତାଙ୍କର ଆଶୁ ଆରୋଗ୍ୟ କାମନା କରି କଲେଜର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

ଅଟୋ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଭୁବନେଶ୍ୱର(ନି.ପ୍ର) : ଅଟୋ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟଣାରେ ସହିଦନଗର ଥାନା ପୋଲିସ ଶୁକ୍ରବାର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ମୁଣ୍ଡଳାର ସନାତନ ଜେନା (୬୫)ଙ୍କୁ ଗିରଫ କରିଛି । ଏନେଇ ମୃତ ଚନ୍ଦନ କୁମାର ମହାନ୍ତି (୩୩)ଙ୍କ ଭିଣୋଇ ପ୍ରିୟବ୍ରତ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନା ଯୋଗ୍ୟ ଯେ, ମୃତ ଚନ୍ଦନ କୁମାର ମହାନ୍ତି (୩୩) ହେଉଛନ୍ତି ଅଭିଯୋଗକାରୀଙ୍କ ଭିଣୋଇ । ଗତ ୨୭ ତାରିଖ ସକାଳ ପ୍ରାୟ ୫ଟା ସମୟରେ ଅଭିଯୋଗକାରୀଙ୍କ ଭିଣୋଇ ଚନ୍ଦନ ମହାନ୍ତି ନିଜ ଜୁପିଟର ସ୍କୁଟର ଯୋଗେ ରବୀନ୍ଦ୍ର ମଣ୍ଡପରୁ ଆଚାର୍ଯ୍ୟ ବିହାର ଅଭିମୁଖେ ଯାଉଥିବା ସମୟରେ, ରିଜିଓନାଲ ଇନଷ୍ଟିଚ୍ୟୁଟ ନିକଟରେ ଏକ ଅଟୋରିକ୍ସା ତାଙ୍କ ସ୍କୁଟରକୁ ଧକ୍କା ଦେଇଥିଲା । ଅଟୋ ଚାଳକ ଜଣକ ଅତି ଦ୍ରୁତ ଗତିରେ ତଥା ବେପରୁଆ ଭାବେ ଗାଡ଼ି ଚଳାଉଥିବାରୁ ଏହି ଦୁର୍ଘଟଣା ଘଟିଥିଲା । ଏଥିରେ ଚନ୍ଦନ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଯୁବତୀଙ୍କୁ ଦୁର୍ଷ୍କର୍ମ ସହ ଭିଡ଼ିଓ ଭାଇରାଲ: ଯୁବକ ଗିରଫ

ଭୁବନେଶ୍ୱର(ନି.ପ୍ର) : ଜଣେ ଯୁବତୀଙ୍କ ସହ ଦୁଷ୍କର୍ମ କରିବା ସହ ତାଙ୍କ ସହ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରାଇ ଦେବାର ଧମକ ଦେବା ଅଭିଯୋଗରେ ମହିଳା ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଅମିତ କୁମାର ମୁଦୁଲି ଓ ତାଙ୍କ ଘର ନୟାଗଡ଼ ଖଣ୍ଡପଡ଼ାରେ ବୋଲି ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ, ପୀଡ଼ିତା ୨୦୨୩ ମସିହାରେ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ସମୟରେ ଅଭିଯୁକ୍ତ ଅମିତ କୁମାର ମୁଦୁଲିଙ୍କ ସହ ପରିଚିତ ହୋଇଥିଲେ । ଧୀରେଧୀରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଗଢ଼ି ଉଠିଥିଲା ଏବଂ ସେହି ସମୟରେ ଅଭିଯୁକ୍ତ ପୀଡ଼ିତାଙ୍କ ସହ ଦୈହିକ ସମ୍ପର୍କ ରଖିଥିଲେ । ଏହି ସମୟରେ ପୀଡ଼ିତାଙ୍କ ଅଜାଣତରେ ଅଭିଯୁକ୍ତ ତାଙ୍କର କିଛି ଫଟୋ ଓ ଭିଡିଓ ରେକର୍ଡ କରି ନିଜ ମୋବାଇଲ ଫୋନରେ ରଖିଥିଲେ । ପରବର୍ତ୍ତୀ ସମୟରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଭାଙ୍ଗିଯାଇଥିଲା ଏବଂ ପ୍ରାୟ ଦୁଇ ବର୍ଷ ଧରି କୌଣସି ଯୋଗାଯୋଗ ନଥିଲା । ଦିନେ ସନ୍ଧ୍ୟା ସମୟରେ ଅଭିଯୁକ୍ତ ହଠାତ୍ ପୀଡ଼ିତାଙ୍କ ନିକଟରେ ପହଞ୍ଚି ତାଙ୍କୁ ଅଟକାଇଥିଲେ ଏବଂ ପୂର୍ବରୁ ରେକର୍ଡ କରିଥିବା ଫଟୋ ଓ ଭିଡିଓ ଦେଖାଇଥିଲେ । ଏହାର କିଛି ଦିନ ପରେ ଅଭିଯୁକ୍ତ ପୀଡ଼ିତାଙ୍କୁ ଜୀବନରୁ ମାରିଦେବା ଧମକ ଦେବା ସହ ତାଙ୍କ କଥା ନମାନିଲେ ଫଟୋ ଓ ଭିଡିଓ ତାଙ୍କ ପରିବାର ଲୋକ ଓ ସମ୍ପର୍କୀୟଙ୍କ ନିକଟକୁ ପଠାଇଦେବେ ବୋଲି ଧମକ ଦେଇ ବ୍ଲାକମେଲ୍ କରୁଥିଲେ । ଏହିପରି ଭାବେ ପୀଡ଼ିତାଙ୍କ ଇଚ୍ଛା ବିରୋଧରେ ଅଭିଯୁକ୍ତ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ହୋଟେଲ୍କୁ ନେଇ ଏକାଧିକ ଥର ଖରାପ ସମ୍ପର୍କ ରଖିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି ।


୨୦ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ଦୁଇ ଗିରଫ

ପୁରୀ: ପୁଣି ପୁରୀରୁ ବ୍ରାଉନ ସୁଗାର ଜବତ । ସତ୍ୟବାଦୀ ଥାନା ଅଞ୍ଚଳରୁ ଜବତ ହୋଇଛି ୨୦ଲକ୍ଷ ଟଙ୍କାର ବ୍ରାଉନ ସୁଗାର । ଅବକାରୀ ବିଭାଗର ଚଢ଼ଉରେ ଗୋଟିଏ ଦିନରେ ଦୁଇଟି ଜାଗାରୁ ୧୯୬ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି । ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ । ଅବକାରୀ ବିଭାଗର ମୋବାଇଲ୍ ୟୁନିଟ୍ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା । ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ସତ୍ୟବାଦୀ ଥାନା ବଡ଼କଞ୍ଚିଆ ଗ୍ରାମର ପ୍ରମୋଦ ଭୋଇ ଏବଂ ସୁବାଷ ନାୟକ । ଦୁଇ ଅଭିଯୁକ୍ତ ଗୋଟିଏ ଗ୍ରାମର ହୋଇଥିବାରୁ ଏହି ଅଞ୍ଚଳରେ ବ୍ରାଉନ ସୁଗର ରାକେଟ୍ ସକ୍ରିୟ ଥିବା ସନ୍ଦେହ କରାଯାଉଛି । ତେବେ ଜବତ ବ୍ରାଉନ ସୁଗର କେଉଁଠୁ ଆସିଲା, କାହାକୁ ଯୋଗାଇବାର ଥିଲା ଏବଂ ଏଥିରେ ଆଉ କିଏ ସମ୍ପୃକ୍ତ ରହିଛି ତାହାର ତଦନ୍ତ କରୁଛି ଅବକାରୀ ବିଭାଗ ।

ଆକ୍ରମଣ ଘଟଣାରେ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତ

କାଶୀନଗର(ନିପ୍ର): ଅତର୍କିତ ଭାବେ ଆକ୍ରମଣ କରି ଜୀବନରେ ମାରିଦେବା ଧମକ ଦେବା ଭଳି ଏକ ସଙ୍ଗିନ ମାମଲାର ଶୁଣାଣି କରି ଶୁକ୍ରବାର ଗଜପତି ଜିଲ୍ଲା କାଶୀନଗର ଗ୍ରାମ ନ୍ୟାୟାଧିକାରୀ ତଥା ଜେଏମ୍ଏଫସି ସତ୍ୟଜିତ ପାଣି ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩ରେ କାଶୀନଗର ଥାନା ଅନ୍ତର୍ଗତ କିଡିଗାଁର ଅଭିଯୁକ୍ତ ପଣସ ଧର୍ମା ରାଓ (୩୨ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ଚାରିମାସର ସଜା ଶୁଣାଇଛନ୍ତି । ସୂଚନାଯୋଗ୍ୟ, ତା ୩୦.୦୩.୨୦୨୨ରିଖ ସକାଳ ପ୍ରାୟ ୬:୩୦ ସମୟରେ, ଏତଲାକାରି ଲିଙ୍ଗମ ନାନାଜୀ ନିଜର ନିତ୍ୟକର୍ମ ସାରି ଗାଈ ଦୁହୁଁଥିବା ବେଳେ, ତାଙ୍କ ଘର ପାଖରେ ଥିବା ସିତାୟାଙ୍କ ଦୋକାନ ସାମ୍ନାରେ ଏକ ବଡ଼ 'ରେଞ୍ଚି' ଧରି ଠିଆ ହୋଇଥିବା ଅଭିଯୁକ୍ତ ପଣସ ଧର୍ମା ରାଓ ଅତର୍କିତ ଭାବେ ପଛପଟୁ ଆସି ତାଙ୍କ ମୁଣ୍ଡ ଉପରେ ଆକ୍ରମଣ କରି ତାଙ୍କୁ ଲହୁଲୁହାଣ କରିଦେଇଥିଲେ । ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କ ଛାତିକୁ କାମୁଡ଼ି କ୍ଷତାକ୍ତ ମଧ୍ୟ କରିଦେଇଥିଲେ । ସୂଚନାଯୋଗ୍ୟ, ଏହି ଘଟଣା ପୂର୍ବରୁ ବିନା କାରଣରେ ଅଭିଯୁକ୍ତ ଜଣକ ବାରମ୍ବାର ତାଙ୍କୁ ଆକ୍ରମଣ କରିଆସୁଥିଲେ ଏବଂ ତାଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ମଧ୍ୟ ଦେଉଥିଲେ । ତେଣୁ ଏହି ଘଟଣାରେ ନିଜ ଜୀବନ ପ୍ରତି ବିପଦ ଥିବା କଥା ଭାବି ସେହି ଦିନ ଅଭିଯୁକ୍ତଙ୍କ ନାଁରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏତଲାକାରୀ ଏକ ସଙ୍ଗିନ ମାମଲା ଦାୟର କରିଥିଲେ, ଯାହାକି ମାମଲା ନମ୍ବର ୩୭/୨୨ରେ ପଞ୍ଜିକୃତ ହୋଇଥିଲା । ଏହି ମାମଲାରେ ଏ.ଏସ.ଆଇ. ଶିବ ନାରାୟଣ ପୁରୋହିତ ତଦନ୍ତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ । ଆଜି ୧୧ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ୪ଟି ଦସ୍ତାବିଜକୁ ଆଧାର କରି ମାନ୍ୟବର ବିଚାରପତି ଅଭିଯୁକ୍ତଙ୍କୁ ଚାରିମାସର କାରାବାସ ସଜା ଶୁଣାଇଛନ୍ତି ।

ଅଟୋକୁ ଧକ୍କା ଦେଲା କାର୍: ୨ ଯାତ୍ରୀ ଆହତ



ସାଲେପୁର(ନିପ୍ର): ସାଲେପୁର-କୁଆଁପାଳ ରାସ୍ତାର ଚନ୍ଦ୍ରାଦେଇପୁର ସ୍କୁଲ ନିକଟରେ ଏକ କାର୍ ଧକ୍କାରେ ଦୁଇ ଅଟୋ ଯାତ୍ରୀ ଆହତ ହୋଇଛନ୍ତି । ଏକ କାର୍ ସାମ୍ନାପଟୁ ଆସି ଅଟୋକୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିଲା । ହଠାତ୍ ଦୁଇଟି ଗାଡ଼ି ମଧ୍ୟରେ ଧକ୍କା ହେବାରୁ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକେ ଆହତ ଦୁଇ ଯାତ୍ରୀଙ୍କୁ ଉଦ୍ଧାର କରି ସାଲେପୁର ମେଡିକାଲରେ ଭର୍ତ୍ତି କରିଥିଲେ । ଚିକିତ୍ସା ପରେ ଉଭୟ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି ।

ଭିନ୍ନକ୍ଷମ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ମାମଲା: ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

ବାରିପଦା: ଜଣେ ମୂକବଧିର ଭିନ୍ନକ୍ଷମ ନାବାଳିକାକୁ ଦୁଷ୍କର୍ମ ପାଇଁ ଉଦ୍ୟମ କରିଥିବା ଅଭିଯୋଗର ଏକ ମାମଲାକୁ ବାରିପଦା ଆଡହକ ଅତିରିକ୍ତ ଜିଲା ଓ ଦୌରାଜର୍ଜ (ପୋକ୍ସୋ ଆଇନର ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ) ସନ୍ତୋଷ କୁମାର ନାୟକ ବିଚାର କରି ଅଭିଯୁକ୍ତ ବଡସାହି ଥାନା ଅଧୀନ ଆମ୍ବଡାଳି ଗ୍ରାମର ଚନ୍ଦନ ନାଏକ (୩୦)କୁ ଦୋଷୀ ସାବ୍ୟସ୍ତ କରି ଶୁକ୍ରବାର ଦଣ୍ଡାଦେଶ ଶୁଣାଇଛନ୍ତି । ଦୋଷୀ ସାବ୍ୟସ୍ତ ଅଭିଯୁକ୍ତକୁ ଅନାଧିକାର ଭାବେ ଘରେ ପ୍ରବେଶ କରିଥିବାରୁ ବିଏନଏସର ୩୩୨(ଏ) ଦଫାରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଏବଂ ଦୁଷ୍କର୍ମ ଉଦ୍ୟମ ପାଇଁ ପୋକ୍ସୋ ଆଇନର ୬/୧୮ ଦଫାରେ ମଧ୍ୟ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଆଦେଶ ହୋଇଛି । ଉଭୟ କାରାଦଣ୍ଡକୁ କ୍ରମାଗତ ଭାବେ ଭୋଗିବା ପାଇଁ ଉଲ୍ଲେଖ କରାଯାଇଥିବା ଏବଂ ଜୋରିମାନା ମୋଟ ୪୦ ହଜାର ଟଙ୍କା ହୋଇଛି । ଜୋରିମାନା ଅନାଦେୟ ଅତିରିକ୍ତ ୧ ବର୍ଷକରି ସଶ୍ରମ କାରାଦଣ୍ଡ ଭୋଗିବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି । ପୁଲିସ ଅଭିଯୁକ୍ତକୁ ୨୦୨୫ ଅକ୍ଟୋବର ମାସ ୧୮ ତାରିଖରେ ଗିରଫ କରି ଜେଲ ହାଜତକୁ ପଠାଇବା ପରଠାରୁ ଏପର୍ଯ୍ୟନ୍ତ ସେ ଜେଲ ହାଜତରେ ବିଚାରଧୀନ କଏଦୀ ଭାବେ ରହିଆସିଥିବାରୁ ତାହା ମୋଟ ଦଣ୍ଡାଦେଶରୁ ହ୍ରାସ ପାଇବ ବୋଲି ପ୍ରକାଶ । ଯଦି ଜୋରିମାନା ଅର୍ଥ ଆଦାୟ ହୁଏ ତାହା ପୀଡିତାଙ୍କୁ ଦିଆଯିବା ସକାଶେ ମଧ୍ୟ ଉଲ୍ଲେଖ ରହିଛି । ପୀଡିତାଙ୍କୁ ପୂର୍ବରୁ ଦେଢ ଲକ୍ଷ ଟଙ୍କା ଅନ୍ତରୀଣ କ୍ଷତିପୂରଣ ବାବଦ ପ୍ରଦାନ କରାଯାଇଥିବାର ପ୍ରକାଶ ।

୧ କୋଟି ୩୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା ଆରଡବ୍ଲ୍ୟୁଡି-୨ କାର୍ଯ୍ୟାଳୟର ଆସବାବପତ୍ର ସିଲ୍

କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡବ୍ଲ୍ୟୁଡି-୨) ପାଇଁ ବଢ଼ିଛି ଆଇନଗତ ଅଡୁଆ । ଏକ କିମ୍ବା ଦୁଇ ଲକ୍ଷ ନୁହେଁ, ବରଂ ୧ କୋଟି ୩୭ ଲକ୍ଷ ୪୫ ହଜାର ୯୯୭ ଟଙ୍କା ୨ ପଇସା ଆଦାୟ ପାଇଁ କେନ୍ଦ୍ରାପଡ଼ା ସିଭିଲ୍ ଜଜ୍ ସିନିୟର ଡିଭିଜନ୍ କମର୍ସିଆଲ୍ ଅଦାଲତଙ୍କ ପକ୍ଷରୁ ଜବତି ନିର୍ଦ୍ଦେଶ ଜାରି ହୋଇଛି । ଏହି ନିର୍ଦ୍ଦେଶ ଆଧାରରେ ବିଭାଗୀୟ କାର୍ଯ୍ୟାଳୟର ଆସବାବପତ୍ର ସିଲ୍ କରାଯାଇଥିବା ଜଣାପଡ଼ିଛି । ଏହି ଘଟଣା ଜିଲ୍ଲାର ସରକାରୀ ମହଲରେ ଆଲୋଡ଼ନ ସୃଷ୍ଟି କରିଛି । ମିଳିଥିବା କୋର୍ଟ ଦଲିଲ ଅନୁଯାୟୀ, ଦୁଇଟି ପୃଥକ୍ ଏକଜିକ୍ୟୁସନ୍ ମାମଲାରେ ଏହି ଅର୍ଥ ଆଦାୟ ପାଇଁ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ରହିଛି । ପ୍ରିୟମ୍ବଦା ସାମନ୍ତରାୟଙ୍କ ପକ୍ଷରୁ ଦାଖଲ ହୋଇଥିବା ଏକଜିକ୍ୟୁସନ୍ କେସ୍ ନମ୍ବର ୩୧୯/୨୦୨୫ରେ ୬୬ ଲକ୍ଷ ୪୩ ହଜାର ୬୮୭ ଟଙ୍କା ୮୨ ପଇସା ଆଦାୟ ପାଇଁ ଉଲ୍ଲେଖ ରହିଛି । ସେହିପରି ଅନ୍ୟ ଏକଜିକ୍ୟୁସନ୍ କେସ୍ ନମ୍ବର ୫୫/୨୦୨୫ରେ ୭୧ ଲକ୍ଷ ୨ ହଜାର ୩୦୯ ଟଙ୍କା ୨୦ ପଇସା ଆଦାୟ ପାଇଁ ନିର୍ଦ୍ଦେଶ ରହିଛି । ଏହି ଦୁଇଟି ମାମଲାର ଅର୍ଥକୁ ମିଶାଇଲେ ମୋଟ ପରିମାଣ ୧ କୋଟି ୩୭ ଲକ୍ଷ ୪୫ ହଜାର ୯୯୭ ଟଙ୍କା ୨ ପଇସା ହେଉଛି । ମାମଲାରେ ପ୍ରତିପକ୍ଷ ଭାବେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ, ଆରଡବ୍ଲ୍ୟୁଡି-୨ ଏବଂ ଅନ୍ୟମାନଙ୍କ ନାମ ରହିଛି । କୋର୍ଟଙ୍କ ଆଦେଶ ଅନୁଯାୟୀ, ନିର୍ଦ୍ଧାରିତ ଅର୍ଥ ପୈଠ ନହେଲେ ପ୍ରତିପକ୍ଷଙ୍କ ଚଳନ୍ତି ସମ୍ପତ୍ତି ଜବତ କରିବାକୁ କୋର୍ଟ ବେଲିଫଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି କ୍ରମରେ ଶୁକ୍ରବାର ବିଭାଗୀୟ କାର୍ଯ୍ୟାଳୟର ଆସବାବପତ୍ର ସିଲ୍ କରାଯାଇଥିବା ସୂଚନା ମିଳିଛି ।

ସାଇବର ଠକେଇ: ମୁମ୍ବାଇରୁ ଅଭିଯୁକ୍ତ ଗିରଫ

ରାଉରକେଲା(ନିପ୍ର): ଏକ ବଡ ସାଇବର ଠକେଇକୁ ଠାବ କରିବା ସହିତ ରାଉରକେଲା ପୋଲିସ୍ ମୁମ୍ବାଇରୁ ଜଣେ ସାଇବର ଅପରାଧୀକୁ ଗିରଫ କରିଛି । ନକଲି ଟ୍ରାଫିକ୍ ଇ-ଚାଲାଣ ମାଧ୍ୟମରେ ଜଣେ ରାଉରକେଲା ବାସିନ୍ଦାଙ୍କଠାରୁ ପ୍ରାୟ ୬ ଲକ୍ଷ ଟଙ୍କା ଠକେଇ ମାମଲାରେ ରାଉରକେଲା ସାଇବର କ୍ରାଇମ ଏବଂ ଅର୍ଥନୈତିକ ଅପରାଧ ଶାଖା ଏକ 'ଇଚକ ଫାଇଲ୍' ସାଇବର ଠକେଇ ମାମଲାର ସମାଧାନ କରି ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିପାରିଛି । ରାଉରକେଲା ପୋଲିସର ସୂଚନା ଅନୁସାରେ, ୨୦୨୬ ମଇ ୩୦ ତାରିଖ ରାତି ପ୍ରାୟ ୧୦ଟା ୩୦ ସମୟରେ ଅଭିଯୋଗକାରୀ ଏକ ହ୍ୱାଟ୍ସଆପ୍ ମେସେଜ୍ ପାଇଥିଲେ ଯେ ଯାହା ଏକ ସରକାରୀ ଟ୍ରାଫିକ୍ ଇ-ଚାଲାଣ ପରିବହନ ବିଭାଗ ବିଜ୍ଞପ୍ତି ପରି ଥିଲା । ସେହି ମେସେଜରେ ତାଙ୍କୁ ପରିବହନ କାଯ୍ୟାଳୟରେ ୫୦୦ ଟଙ୍କା ଜମା କରିବାକୁ କୁହାଯାଇଥିଲା । ଅଭିଯୋଗକାରୀ ମେସେଜ୍ ଉପରେ କ୍ଲିକ୍ କଲା ପରେ, ତାଙ୍କ ଫୋନକୁ ବହୁ ସଂଖ୍ୟକ ଓଟିପି ମେସେଜ୍ ଆସିବା ଆରମ୍ଭ କରିଥିଲା । ସେ ତୁରନ୍ତ ତାଙ୍କ ବ୍ୟାଙ୍କ ବାଲାନ୍ସ ଯାଞ୍ଚ କରି ଜାଣିବାକୁ ପାଇଲେ ଯେ, ତାଙ୍କ ଆକାଉଣ୍ଟରୁ ଛଅଟି ଅନଧିକୃତ ୟୁପିଆଇ ଟ୍ରାଞ୍ଜାକ୍ସନ୍ କରାଯାଇଛି । ତାଙ୍କ ସଞ୍ଚୟ ଆକାଉଣ୍ଟରୁ ମୋଟ ୫,୯୯,୫୮୮. ୫୩ ଟଙ୍କା (ପ୍ରାୟ ୬ ଲକ୍ଷ) ଅନଧିକୃତ ଡେବିଟ୍ ହୋଇଛି । ପୋଲିସର ତଦନ୍ତ ସମୟରେ, ଟ୍ରାଞ୍ଜାକ୍ସନ୍ ଟ୍ରେଲ୍ ଯାଞ୍ଚ କରାଯାଇଥିଲା ଏବଂ ହିତାଧିକାରୀଙ୍କ ଆକାଉଣ୍ଟ ବିବରଣୀ, ଟ୍ରାଞ୍ଜାକ୍ସନ୍ ଷ୍ଟେଟମେଣ୍ଟ, କଣଉ ଡକ୍ୟୁମେଣ୍ଟ ସହିତ ଅନ୍ୟାନ୍ୟ ପ୍ରାସଙ୍ଗିକ ରେକର୍ଡ ପାଇବା ପାଇଁ ସମ୍ପୃକ୍ତ ବ୍ୟାଙ୍କ, ପେମେଣ୍ଟ ମଧ୍ୟସ୍ଥି ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକୁ ଅନୁରୋଧ କରାଯାଇଥିଲା । ଘଟଣାରେ ମୁମ୍ବାଇରୁ ଗିରଫ ଅଭିଯୁକ୍ତ ହେଲେ ମହାରାଷ୍ଟ୍ର ମୁମ୍ବାଇ କଳାଚୌକି ଥାନା ଅନ୍ତର୍ଗତ ପରେଲର ଚେତନ ଶରଦ କୁରହାଡେ (୩୫) । ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଆଇ ଫୋନ୍ ୧୫+ ଯେଉଁଥିରେ ଅଭିଯୋଗର ସିମ୍ ଅଛି । ଗୋଟିଏ ସାମସଙ୍ଗ୍ ଗାଲାକ୍ସି ଜେଡ୍ ଫୋଲ୍ଡ ମୋବାଇଲ୍, ୪ଟି କ୍ରେଡିଟ୍ କାର୍ଡ, ଗୋଟିଏ ପାନ୍ କାର୍ଡ ଜବତ କରାଯାଇଛି । ପୋଲିସ ପକ୍ଷରୁ ଘଟଣାରେ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ଏବଂ ସନ୍ଦିଗ୍ଧ ସାଇବର ଠକେଇର ପ୍ରବାହକୁ ଠାବ କରିବା ପାଇଁ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

ତନ୍ତ୍ରବିଦ୍ୟା ନାଁରେ ଠକେଇ: ଜଣେ ଗିରଫ

ବେଲଗୁଣ୍ଠା(ନିପ୍ର): ଗୁଣିଗାରେଡ଼ି, ଯାଦୁବିଦ୍ୟା ଓ ତନ୍ତ୍ରମନ୍ତ୍ର ନାଁରେ ଲୋକଙ୍କୁ ଠକେଇ କରିବା ଏବଂ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଅଭିଯୋଗରେ ଗାଙ୍ଗପୁର ପୁଲିସ ଡି. ସିଂପୁର (ରାଜା ସାହି) ଗ୍ରାମର କୃଷ୍ଣ ମୁନି (୨୪)ଙ୍କୁ ଗିରଫ କରିଛି । ଗୁରୁବାର ରାତିରେ ଗିରଫ ପରେ ଶୁକ୍ରବାର ତାଙ୍କୁ ଆସିକା ଜେଏମ୍ଏଫ୍ସି ଅଦାଲତରେ ହାଜର କରାଯାଇଛି । ପୁଲିସ ସୂଚନା ଅନୁଯାୟୀ, ଗ୍ରାମର ଶେଷ ମୁଣ୍ଡରେ ଥିବା ଏକ ଅର୍ଦ୍ଧନିର୍ମିତ ମାଆ କାଳୀ ମନ୍ଦିରରେ କୃଷ୍ଣ ଦୀର୍ଘଦିନ ଧରି ଗୁଣିଗାରେଡ଼ି, ଝଡ଼ାଫୁଙ୍କା ଓ ତାନ୍ତ୍ରିକ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା । ମନ୍ତ୍ର, କବଚ ଓ ତନ୍ତ୍ରବିଦ୍ୟା ଦ୍ୱାରା ବିଭିନ୍ନ ରୋଗ ଭଲ କରିବା ଏବଂ ସମସ୍ୟାର ସମାଧାନ କରିବାର ଦାବି କରି ସେ ଗଞ୍ଜାମ ସମେତ ଅନ୍ୟ ଜିଲ୍ଲା ଓ ରାଜ୍ୟ ବାହାରର ଲୋକଙ୍କୁ ଆକୃଷ୍ଟ କରୁଥିବା ପୁଲିସ କହିଛି । ଇନଷ୍ଟାଗ୍ରାମ୍ ମାଧ୍ୟମରେ ମଧ୍ୟ ଏହାର ପ୍ରଚାର କରାଯାଉଥିବା ଜଣାପଡ଼ିଛି । ଏପରିକି ତାନ୍ତ୍ରିକ କାର୍ଯ୍ୟକ୍ରମ ସମୟରେ କିଛି କୌଶଳ ବା ପଦାର୍ଥ ବ୍ୟବହାର କରି ଲୋକଙ୍କୁ ଅଚେତ କରାଯାଉଥିବା ଏବଂ ରୋଗ ଭଲ କରିବା ଆଳରେ ନିରୀହ ଲୋକଙ୍କଠାରୁ ଅର୍ଥ ଆଦାୟ



କରାଯାଉଥିବା ଅଭିଯୋଗ ରହିଛି । ଗତ ମାସରେ ମନ୍ଦିରରେ ଆୟୋଜିତ ହୋମଯଜ୍ଞରେ ପ୍ରାୟ ୫୦ରୁ ୧୦୦ ଜଣ ଯୋଗ ଦେଇଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି । ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ସୂଚନା ଆଧାରରେ ପୁଲିସ ଉକ୍ତ ମନ୍ଦିରରେ ଚଢ଼ାଉ କରି ମାଟି ଧୂପଦାନି, ପାଞ୍ଚଟି କଉଡ଼ି, ନାଲି ସୂତା, ବିଭିନ୍ନ ରଙ୍ଗର ମୁରୁଜ, ନାଲି ସିନ୍ଦୂର, ଷ୍ଟିଲ୍ ଛୁରୀ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଏହି ଘଟଣାରେ ତାଙ୍କ ସାନଭାଇ ଶିବରାମ ମୁନିଙ୍କ ନାମ ମଧ୍ୟ ରହିଥିବା ବେଳେ ସେ ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି । ପୁଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି । ଏନେଇ ଗାଙ୍ଗପୁର ଥାନାରେ ୫୫୫/୨୦୨୬ ନମ୍ବରରେ ମାମଲା ରୁଜୁ କରାଯାଇ ବିଏନଏସ୍ ଓ ଓଡ଼ିଶା ଡାହାଣୀ ଶିକାର ନିରୋଧ ଆଇନ ସମେତ ଅନ୍ୟାନ୍ୟ ଆଇନର ବିଭିନ୍ନ ଧାରାରେ ତଦନ୍ତ ଚାଲିଛି । ଅଭିଯୁକ୍ତଙ୍କ ପୂର୍ବରୁ ମଧ୍ୟ ଏକ ଅପରାଧିକ ମାମଲା ଥିବା ପୁଲିସ ପକ୍ଷରୁ ଦର୍ଶାଯାଇଛି । ଏନେଇ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଡ ଦୀପକ କୁମାର ମିଶ୍ର ଏହି ଭଳି ଅନ୍ଧବିଶ୍ୱାସ,ଗୁଣି ଗାରେଡ଼ି କରୁଥିବା ଲୋକ ନଜରକୁ ଆସିଲେ ଆଇନକୁ ହାତକୁ ନ ନେଇ ପୋଲିସର ନଜରକୁ ଆଣିବା ପାଇଁ ଜନ ସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । ଏହିଭଳି ଲୋକଙ୍କୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆନଯାଇ ସେମାନଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡ ଦିଆଯିବ ବୋଲି ଡ ମିଶ୍ର ପ୍ରକାଶ କରିଛନ୍ତି ।

ଶିକ୍ଷୟିତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଯୋଡା(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । କଣ୍ଟ୍ରାକ୍ଟର କଲୋନୀସ୍ଥିତ ଏକ ଭଡ଼ା ଘରୁ ଜଣେ ଶିକ୍ଷୟିତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତ ଶିକ୍ଷୟିତ୍ରୀ ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳର ୩୧ ବର୍ଷୀୟା ରୋଜାଲିକା ପାତ୍ର । ସେ ଯୋଡ଼ା ନିକଟସ୍ଥ ଲହଣ୍ଡାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଦାର୍ଥ ବିଜ୍ଞାନର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ । ସୂଚନା ଅନୁଯାୟୀ, ମୃତା ରୋଜାଲିକା ଯୋଡ଼ା ସହରର କଣ୍ଟ୍ରାକ୍ଟର କଲୋନୀରେ ଏକ ଭଡ଼ା ଘରେ ରହୁଥିଲେ । ଗୁରୁବାର ସନ୍ଧ୍ୟା ସମୟରେ କାମବାଲି ସବୁଦିନ ପରି ଘର କାମ କରିବାକୁ ଆସି ତାଙ୍କୁ ଡାକିଥିଲେ । ତେବେ ଦୀର୍ଘ ସମୟ ଧରି ରୋଜାଲିକା ଘରର କବାଟ ଖୋଲି ନଥିଲେ କିମ୍ବା ଫୋନ୍ କଲ୍ ମଧ୍ୟ ରିସିଭ୍ କରିନଥିଲେ । ଏଥିରେ ଘର ମାଲିକଙ୍କର ସନ୍ଦେହ ହେବାରୁ ସେ ତୁରନ୍ତ ଯୋଡ଼ା ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଯୋଡ଼ା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି କବାଟ ତାଡ଼ି ଭିତରକୁ ପ୍ରବେଶ କରିବା ପରେ ଘର ଭିତରେ ଫ୍ୟାନରେ ଶିକ୍ଷୟିତ୍ରୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ । ଯୋଡ଼ା ପୋଲିସ୍ ମୃତ ଶିକ୍ଷୟିତ୍ରୀଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ସୂଚନା ଦେବା ପରେ ପରିବାର ଲୋକ ଶୁକ୍ରବାର ସକାଳେ ପହଞ୍ଚିବା ପରେ ଯୋଡା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାମଲ ଓ ମାଜିଷ୍ଟ୍ରେଟ ଜନସୋନ କିଣ୍ଡୋଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରଯାଇଥିଲା । ପୋଲିସ୍ ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ମଧ୍ୟ ଜବତ କରିଥିବା ଜଣାପଡ଼ିଛି । ଏହା ଏକ ଆତ୍ମହତ୍ୟା ଜନିତ ମୃତ୍ୟୁ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ତେବେ ସୁଇସାଇଡ୍ ନୋଟ୍ ରେ କ'ଣ ଉଲ୍ଲେଖ ରହିଛି ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି ।



ମୟୂରଭଞ୍ଜଠାରେ ଆୟୋଜିତ ଜାତୀୟ ବନ୍ଦନା ପରବ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ-ଦିନଲିପି)

ଟିମ୍ ଇଣ୍ଡିଆର ଆତ୍ମସମର୍ପଣ: ୧୦୦ ରନ୍ ବି କରିପାରିଲାନି

ନୂଆଦିଲ୍ଲୀ, ୧୩/୧୧; ଓଭାଲ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଦିନିକିଆ ମ୍ୟାଚରେ ୩୩୪ ରନ୍ ଟାର୍ଗେଟ ପିଛା କରିଥିବା ଭାରତୀୟ ଦଳ ପରାସ୍ତ ହୋଇଛି । ୨୪୪ରନ୍ ବଡ଼ ରନ ବ୍ୟବଧାନରେ ହାରିଛି ଟିମ୍ ଇଣ୍ଡିଆ । କିୱି ଦ୍ରୁତ ବୋଲର ମ୍ୟାଟ୍ ହେନେରୀ ଇନିଂସର ପ୍ରଥମ ଓଭରରେ ଟିମ୍ ଇଣ୍ଡିଆର ବିପର୍ଯ୍ୟୟ ଘଟାଇଥିଲେ । ଟିମ୍ ଇଣ୍ଡିଆର ୩ଟି ବଡ଼ ୱିକେଟ୍ ଶିକାର କରିଥିଲେ ମ୍ୟାଟ୍ ହେନେରୀ । ସେ ଅଭିଜ୍ଞ ରୋହିତ ଶର୍ମା, ବିରାଟ କୋହଲି ଏବଂ ଅଧିନାୟକ ଶ୍ରେୟସ ଆୟରଙ୍କୁ ରନ୍ ଖର୍ଚ୍ଚ ନକରି ପାଭିଲିୟନକୁ ପଠାଇଥିଲେ । ୦ ରନ୍ ରେ ସ୍କୋରବୋର୍ଡରେ ପ୍ରଥମ ୩ ୱିକେଟ୍ ହରାଇବା ସହିତ ଭାରତୀୟ କ୍ରିକେଟ୍ ଇତିହାସରେ ଏକ ଖରାପ ଅଧ୍ୟାୟ ଯୋଡି ହୋଇଛି । ବଡ଼ କଥା ହେଉଛି ରୋହିତ-ବିରାଟଙ୍କ ସହ ୧୬ ବର୍ଷ ପରେ କିଛି ଏମିତି ଘଟଣା ଘଟିଛି । ମ୍ୟାଟ୍ ହେନେରୀ ଭାରତୀୟ ଟପ୍ ଅର୍ଡରକୁ ତାଙ୍କ ସୁଇଙ୍ଗ୍ ଏବଂ ସିମ୍ ବୋଲିଂ ପରିଚାଳନା କରିବାକୁ କୌଣସି



ସୁଯୋଗ ଦେଇନଥିଲେ । ଓଭରର ପ୍ରଥମ ବଲରେ ରୋହିତ ଶର୍ମା ହେନେରୀଙ୍କ ବାଉନ୍ସ ବଲ୍ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଡଜ୍ ହୋଇଥିଲେ ଏବଂ ବଲ୍ ବ୍ୟାଟ୍‌ର ଉପର ଧାରରୁ ସ୍ଲିପ୍ ରେ ଠିଆ ହୋଇଥିବା ଫିନ୍ ଆଲେନଙ୍କ ହାତକୁ ଯାଇଥିଲା । ରୋହିତଙ୍କ ପରେ କ୍ରିଜକୁ ଆସିଥିବା ବିରାଟ କୋହଲି ନିମ୍ନ ବଲ୍ ଭିତରକୁ ଆସିବା ବୁଝିପାରିନଥିଲେ ଏବଂ ବଲ୍ ତାଙ୍କ ବ୍ୟାଟ୍ ତଳୁ ବାହାରି ସିଧାସଳଖ ଷ୍ଟମ୍ପରେ ବାଜିଥିଲା ।

୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଟେଣ୍ଟ ହାଉସ୍ ମାଲିକଙ୍କ ମୃତ୍ୟୁ

ତରଭା, ୧୩/୧୧(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅନ୍ତର୍ଗତ ସିଂହାରୀ ଗ୍ରାମରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଟେଣ୍ଟ ହାଉସ୍ ମାଲିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଝାରବଡ଼ଜୋର ଗ୍ରାମର ଗଙ୍ଗାଧର ରଣା (୩୦) । ଏହି ଅଭାବନୀୟ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଗଙ୍ଗାଧର ଏକ ଗାଡ଼ିରେ ଟେଣ୍ଟ ସାମଗ୍ରୀ ନେଇ ସିଂହାରୀ ଗ୍ରାମର ତଳିପଡ଼ାକୁ ଯାଇଥିଲେ । ସେଠାରେ ଏକ ଘର ସମ୍ମୁଖରେ ସାମଗ୍ରୀ ଓହ୍ଲାଉଥିବା ସମୟରେ ଅସାବଧାନତାବଶତଃ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କ ମରଶରୀରକୁ ତରଭା ଡାକ୍ତରଖାନାକୁ ଅଣାଯାଇଥିଲା । ଏନେଇ ତରଭା ଥାନାରେ ଅପମୃତ୍ୟୁ ମାମଲା ନଂ ୯ ରୁଜୁ ହୋଇଛି ।

କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠୁ ଏସିଆ ରଗ୍‌ବୀ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍

୧୦ ଦେଶର ୧୭ ଦଳ ନେବେ ଭାଗ, ଭାରତୀୟ ଦଳରେ ୮ ଓଡ଼ିଆ କ୍ରୀଡ଼ାବିତ୍

ଭୁବନେଶ୍ୱର, ୧୩/୧୧ (ନିପ୍ର): ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଶନିବାରଠାରୁ ଦୁଇଦିନିଆ ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬ ଆରମ୍ଭ ହେବ । ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ପୂର୍ବରୁ ଶୁକ୍ରବାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଚାମ୍ପିୟନସିପ୍‌ର ଟ୍ରଫି ଉନ୍ମୋଚନ କରିଛନ୍ତି । ଏଭଳି ଏକ ଅନ୍ତର୍ଜାତୀୟସ୍ତରୀୟ ରଗ୍‌ବୀ ପ୍ରତିଯୋଗିତା ଆୟୋଜନ କରିବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମନ୍ତ୍ରୀ କହିଛନ୍ତି । ଏହି ଚାମ୍ପିଅନସିପ୍‌ରେ ଭାରତ ସମେତ ହଂକଂ ଚାଇନା, ଉଜବେକିସ୍ତାନ, ଚାଇନିଜ୍ ତାଇପେଇ, ନେପାଳ, ଶ୍ରୀଲଙ୍କା, ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଓ ଜୋର୍ଡାନର ଦଳ ଅଂଶଗ୍ରହଣ କରିବେ । ପୁରୁଷ ଓ ମହିଳା ବର୍ଗରେ ମୋଟ ୧୭ଟି ଦଳ ଭାଗ ନେବେ । ସେଥିମଧ୍ୟରୁ ୧୦ଟି ପୁରୁଷ ଓ ୭ଟି ମହିଳା ଦଳ ରହିଛନ୍ତି । ଭାରତୀୟ ପୁରୁଷ ଦଳର ଅଧିନାୟକ ଭାବେ ପୁଷ୍ପେନ୍ଦର ଏବଂ ଉପଅଧିନାୟକ ଭାବେ ରଞ୍ଜନ ରାଓ୍ୱତ ଦାୟିତ୍ୱ ତୁଲାଇବେ । ଦଳରେ ଅଜିତ୍ ନିଗମ, ଅମନ୍, ଅରୁଣ ପ୍ରଜାପତି, ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ନମନ ଯାଦବ, ରାହୁଲ ମାଝୀ, ରୋହିତ କୁମାର ଓ ସୁବାସ ହାଁସଦା ସ୍ଥାନ ପାଇଛନ୍ତି । ସେହିପରି ମହିଳା ଦଳର ଅଧିନାୟିକା ତନୁଶ୍ରୀ ଭୋଁସଲେ ଓ ଉପଅଧିନାୟିକା ମାମାଲି ସିଂଙ୍କ ସମେତ ଅକ୍ଷୟା ଏନ୍‌ଏସ୍, ଅନିତା ମୁର୍ମୁ, ଅନୁଷ୍କା ସଙ୍କପାଲ, ଦୀପାଳି ତାଠେ, ଖୁସି ଦେବୀ, କୀର୍ତ୍ତି ଯାଦବ, ଆଦିତି ସଖାରାମ ଲୋଣ୍ଢେ, ସଲୋନୀ କୁମାରୀ, ସମୃଦ୍ଧି କଦମ୍ ଓ ସୁମିତ୍ରା ମୁର୍ମୁ ଦଳରେ ରହିଛନ୍ତି । ଏହି ଦୁଇ ଦଳରେ ଓଡ଼ିଶାର ୮ ଜଣ କ୍ରୀଡ଼ାବିତ୍ ସ୍ଥାନ ପାଇଛନ୍ତି । ପୁରୁଷ ଦଳରେ ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ରାହୁଲ ମାଝୀ ଓ ସୁବାସ ହାଁସଦା ଥିବାବେଳେ ମହିଳା ଦଳରେ ମାମାଲି ସିଂ, ଅନିତା ମୁର୍ମୁ ଓ ସୁମିତ୍ରା ମୁର୍ମୁ ସ୍ଥାନ ପାଇଛନ୍ତି । ଉଲ୍ଲେଖଯୋଗ୍ୟ, ଗତ ନଭେମ୍ବର ୬ ତାରିଖରେ ଏହି ଚାମ୍ପିୟନସିପ୍‌ର ଲୋଗୋ ଉନ୍ମୋଚନ କରାଯାଇଥିଲା । ଲୋଗୋରେ ଓଡ଼ିଶାର ପାରମ୍ପରିକ କଳା ଝୋଟିଚିତାକୁ ସ୍ଥାନ ଦିଆଯାଇଛି ।



୫ ଇନଷ୍ଟ୍ରିମ୍ ଷ୍ଟୋରେଜ୍ ପ୍ରକଳ୍ପକୁ ଅନୁମୋଦନ

ପାନୀୟ ଜଳ ଉପଲବ୍ଧତା, ଭୂତଳ ଜଳସ୍ତର ବୃଦ୍ଧି ଓ ଗ୍ରାମୀଣ ଜୀବିକାକୁ ମିଳିବ ସୁଦୃଢ଼ତା

ଭୁବନେଶ୍ୱର, ୧୩/୧୧(ନିପ୍ର): ରାଜ୍ୟର ଜଳ ସୁରକ୍ଷା ଓ ଜଳସମ୍ପଦର ସଂରକ୍ଷଣକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମାତ୍ର ଏକ ମାସ ମଧ୍ୟରେ ୬୨୫.୪୭ କୋଟି ଟଙ୍କା ବ୍ୟୟ ଅଟକଳରେ ୫ଟି ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର(ଆଇଏସ୍ଏସ୍) ପ୍ରକଳ୍ପକୁ ପ୍ରଶାସନିକ ଅନୁମୋଦନ ମିଳିଛି । ରାୟଗଡ଼ା, କଳାହାଣ୍ଡି, ଗଞ୍ଜାମ, ବଲାଙ୍ଗୀର ଓ ସୋନପୁର ଜିଲ୍ଲାରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ଦ୍ୱାରା ୭୪ଟି ଗ୍ରାମର ପ୍ରାୟ ୭୨ ହଜାର ଲୋକ ଉପକୃତ ହେବେ । ଏହି ପାଞ୍ଚଟି ପ୍ରକଳ୍ପମଧ୍ୟରେ ରାୟଗଡ଼ା ଜିଲ୍ଲାର ବଂଶଧାରା ନଦୀ ଉପରେ ଧୁଆଁପଦର ଏବଂ ନାଗାବଳୀ ନଦୀ ଉପରେ ରେବତୀଗୁଡ଼ାଆଇଏସ୍ଏସ୍, ଗଞ୍ଜାମଜିଲ୍ଲାର ବାହୁଦା ନଦୀ ଉପରେ ଭୀମପୁର ଆଇଏସ୍ଏସ୍, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ନିଝରିଦରାଗ୍ରାମ ନିକଟରେ ମୁରଲୀଯୋର ଆଇଏସ୍ଏସ୍ ଏବଂ ମହାନଦୀର ପ୍ରମୁଖ ଉପନଦୀ ଅଙ୍ଗ ନଦୀ ଉପରେ ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ଲୋକଙ୍କ ପାଇଁ କୁଟାସିଂହା ବ୍ୟାରେଜ୍ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପଗୁଡ଼ିକମାଧ୍ୟମରେ ବର୍ଷା ଋତୁରେ ନଦୀ ମଧ୍ୟରେ ପ୍ରବାହିତ ଅତିରିକ୍ତ ଜଳକୁ ସଂରକ୍ଷଣ କରାଯାଇ ଗ୍ରୀଷ୍ମଋତୁ ତଥା ଅଣବର୍ଷା ସମୟରେ ଜଳର ଉପଲବ୍ଧତା ବୃଦ୍ଧି କରାଯାଇପାରିବ । ସଂରକ୍ଷିତ ଜଳ ଭୂତଳ ଜଳସ୍ତରବୃଦ୍ଧିରେ ସହାୟକ ହେବା ସହ କୂଅ ଓ ନଳକୂପର ଜଳ ଉପଲବ୍ଧତାକୁ ସୁଦୃଢ଼ କରିବ । ଏହାଦ୍ୱାରା ଜଳାଭାବପ୍ରବଣ ଅଞ୍ଚଳରେ ଜଳ ସୁରକ୍ଷା ବୃଦ୍ଧି ପାଇବ ।

କେ. ରବିଙ୍କୁ ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ

ଭୁବନେଶ୍ୱର, ୧୩/୧୧(ନିପ୍ର): ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ୧୬ ତାରିଖ ସୋମବାର 'ଜାତୀୟ ପ୍ରେସ୍ ଦିବସ-୨୦୨୬' ପାଳନ କରାଯିବ । ଏହି ଅବସରରେ ଦୈନିକ ସମ୍ବାଦପତ୍ର ଦି ଷ୍ଟେଟସ୍ ମ୍ୟାନ୍‌ର ସମ୍ପାଦକ କେ. ରବିଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୬' ପ୍ରଦାନ କରାଯିବ । ଏଥିସହିତ ରାଜ୍ୟର କେତେକ ବରିଷ୍ଠ ସାମ୍ବାଦିକଙ୍କୁ ପେନସନ ପ୍ରଦାନ କରାଯିବା ସହିତ ୯ ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯିବ । ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଅଧିନରେ ରାଜ୍ୟରେ ଥିବା ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ପ୍ରେସ୍ ଇନଫରମେସନ ବ୍ୟୁରୋ (ପିଆଇବି), ସେଂଟ୍ରାଲ ବ୍ୟୁରୋ ଅଫ କମ୍ୟୁନିକେଶନ (ସିବିସି) ଏବଂ ଏକାଡ଼େମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନଫରମେସନ ଟେକ୍ନୋଲୋଜି (ଅମିତ)ର ମିଳିତ ସହଯୋଗରେ 'ଜାତୀୟ ପ୍ରେସ୍ ଦିବସ-୨୦୨୬' ପାଳନ କରାଯିବ ।

ରାଜ୍ୟପାଳ ବ୍ରଜ ମୋହନ ରାମଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ନୌସେନା ମୁଖ୍ୟ



ଭୁବନେଶ୍ୱର, ୧୩/୧୧(ନିପ୍ର): ଭାରତୀୟ ନୌସେନାର ମୁଖ୍ୟ ଆଡମିରାଲ କୃଷ୍ଣ ସ୍ୱାମୀନାଥନ, ପିଭିଏସ୍ଏମ୍, ଏଭିଏସ୍ଏମ୍ ଏବଂ ଭିଏସ୍ଏମ୍ ଆଜି ଲୋକଭବନଠାରେ ରାଜ୍ୟପାଳ ବ୍ରଜ ମୋହନ ରାମଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ ସାମୁଦ୍ରିକ ସୁରକ୍ଷା, ଜାତୀୟ ସ୍ୱାର୍ଥର ସୁରକ୍ଷାରେ ଭାରତୀୟ ନୌସେନାର ଗୁରୁତ୍ୱପୂର୍ଣ୍ଣ ଭୂମିକା, ଅବସରପ୍ରାପ୍ତ ନୌସେନା କର୍ମଚାରୀଙ୍କ କଲ୍ୟାଣ, ଯୁବପିଢ଼ିଙ୍କୁ ନୌସେନା ପ୍ରତି ଆକର୍ଷିତ ଓ ପ୍ରେରିତ କରିବା ପାଇଁଗ୍ରହଣ କରାଯାଉଥିବା ପଦକ୍ଷେପ ଏବଂ ରାଷ୍ଟ୍ର ନିର୍ମାଣରେ ନୌସେନାର ବ୍ୟାପକ ଅବଦାନ ଭଳି ପ୍ରମୁଖ ବିଷୟ ଉପରେ ଆଲୋଚନା ହୋଇଥିଲା ।

ବେଆଇନ ବାରହା ଶିକାରକୁ ନେଇ ବଢ଼ିଲା ଅସନ୍ତୋଷ

ବନବିଭାଗ ଓ ବିଦ୍ୟୁତ୍ ବିଭାଗର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନ

ରେଢ଼ାଖୋଲ, ୧୩/୧୧ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଲୁହାପଙ୍କ ପଞ୍ଚାୟତ ଅଞ୍ଚଳରେ ବେଆଇନ ବିଦ୍ୟୁତ୍ ତାର ବିଛାଇ ଜଙ୍ଗଲୀ ବାରହା ଶିକାର ଘଟଣା ବଢ଼ିବାରେ ଲାଗିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ବନବିଭାଗ ଓ ବିଦ୍ୟୁତ୍ ବିଭାଗର ନିଷ୍କ୍ରିୟତାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏପରିକି ଶିକାରୀଙ୍କ ସହ କିଛି ଅସାଧୁ କର୍ମଚାରୀଙ୍କ ସଲାସୁତୁରା ଥିବା ନେଇ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ, ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଓ ଚାଷଜମି ଆଖପାଖରେ ଶିକାରୀମାନେ ବେଆଇନ ଭାବେ ବିଦ୍ୟୁତ୍ ତାର ବିଛାଇ ବାରହା ଶିକାର କରୁଛନ୍ତି । ଏଥିପାଇଁ ବିଦ୍ୟୁତ୍ ଲାଇନ୍‌ରୁ ବେଆଇନ ସଂଯୋଗ ନିଆଯାଉଥିବା ଅଭିଯୋଗ ହୋଇଛି । ଫଳରେ ବାରମ୍ବାର ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେବା ସହ ଲାଇନ୍ ଟ୍ରିପ୍ ହେଉଛି । ଏହାଦ୍ୱାରା ପଞ୍ଚାୟତବାସୀଙ୍କୁ ରାତି ରାତି ଅନ୍ଧାରରେ ରହିବାକୁ ପଡୁଛି । ବିଶେଷକରି ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ସାଧାରଣ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହେଉଛି । ଏଭଳି ବେଆଇନ କାର୍ଯ୍ୟକଳାପ ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ ବନବିଭାଗ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି । ବିଭାଗୀୟ କର୍ମଚାରୀଙ୍କ ଜାଣତରେ ଏସବୁ ଘଟୁଛି କି ନାହିଁ, ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ ଖୋଲା ବିଦ୍ୟୁତ୍ ତାର ଯୋଗୁଁ କେବଳ ବନ୍ୟଜନ୍ତୁ ନୁହେଁ, ସାଧାରଣ ଲୋକଙ୍କ ଜୀବନ ମଧ୍ୟ ବିପଦରେ ପଡ଼ିଛି । ଯେକୌଣସି ସମୟରେ ବଡ଼ଧରଣର ଦୁର୍ଘଟଣା ଘଟିବା ଆଶଙ୍କା ରହିଛି । ଏହି ସମସ୍ୟାର ସମାଧାନ ପାଇଁ ଲୁହାପଙ୍କ ଗ୍ରାମର କେତେକ ସ୍ୱେଚ୍ଛାସେବୀ ରେଢ଼ାଖୋଲ ବନଖଣ୍ଡ ଓ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି ।

'ଅର୍ଣ୍ଣବ' ପରେ ବି ଅଧିକାଂଶ କାର୍ଯ୍ୟାଳୟରେ ନାହାନ୍ତି ଅଧିକାରୀ !

ଆସିକା, ୧୩/୧୧ (ନିପ୍ର): ଅର୍ଣ୍ଣବ ବାତ୍ୟାଜନିତ ବନ୍ୟାରେ ଆସିକା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଏବେ ବି ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟରେ ଅଧିକାରୀଙ୍କ ଅଭାବ ସମସ୍ୟାକୁ ଜଟିଳ କରିଛି । ଗଞ୍ଜାମ ଜିଲ୍ଲାର ୧୪ଟି କ୍ଷତିଗ୍ରସ୍ତ ବ୍ଲକ ମଧ୍ୟରେ ଆସିକା ଅନ୍ୟତମ । ଏଭଳି ସ୍ଥିତିରେ ବନ୍ୟା ପୂର୍ବ ପ୍ରସ୍ତୁତିଠାରୁ ଆରମ୍ଭ କରି ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ଜନଅସନ୍ତୋଷ ବଢ଼ିଛି । ଅର୍ଣ୍ଣବ ବାତ୍ୟା ପୂର୍ବରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଆସିକା ବ୍ଲକ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ଆସିକା ବିଡିଓଙ୍କ ଅଭାବରେ ଅତିରିକ୍ତ ଦାୟିତ୍ୱରେ ଥିବା କବିସୂର୍ଯ୍ୟନଗର ବିଡିଓ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ତେବେ ତହସିଲଦାର ପଦବି ଖାଲି ରହିବା ସହ ନାମକୁ ମାତ୍ର ଅତିରିକ୍ତ ତହସିଲଦାରଙ୍କ ଦାୟିତ୍ୱ, ଥାନା ଅଧିକାରୀଙ୍କ ଦୀର୍ଘ ଛୁଟି ଏବଂ ବିଇଓ, କ୍ଷୁଦ୍ର ଜଳସେଚନ ବିଭାଗର ଜେଇ, ପୂର୍ତ୍ତ ବିଭାଗର ଜେଇ ଓ ବ୍ଲକ କୃଷି ଅଧିକାରୀଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ପଦବି ଖାଲି ଥିବାରୁ ପ୍ରସ୍ତୁତି ବୈଠକର ଫଳପ୍ରଦତା ନେଇ ପ୍ରଶ୍ନ ଉଠିଛି । ବୈଠକରେ ବିଦ୍ୟୁତ୍, ପାନୀୟ ଜଳ, ଅଗ୍ନିଶମ, ଶିଶୁ ବିକାଶ, ପୌରପାଳିକା ଓ ବ୍ଲକ ପ୍ରଶାସନର କିଛି ଅଧିକାରୀ ଯୋଗଦେଇ ନିଜ ନିଜ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ । ମାତ୍ର ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ବୈଠକରେ ଉପଯୁକ୍ତ ଗୁରୁତ୍ୱ ଦିଆଯାଇନଥିବା ଅଭିଯୋଗ ହୋଇଛି । ଅକ୍ଟୋବର ୨୯ରେ ବନ୍ୟାଜଳ ସହର ମଧ୍ୟକୁ ପ୍ରବେଶ କରିବା ସମୟରେ ଅଧିକାଂଶ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ପରିସ୍ଥିତିର ଗମ୍ଭୀରତା ଅନୁଭବ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଉନ୍ନୟନ ଅଧିକାରୀ ସମୀର ଜେନାଙ୍କୁ ଆସିକା ବନ୍ୟାର ତଦାରଖ ଦାୟିତ୍ୱ ଦିଆଯାଇଥିଲା । ତଥାପି ଲୋକଙ୍କୁ ଠିକ୍ ସମୟରେ ଉଦ୍ଧାର ଓ ରିଲିଫ୍ ସହାୟତା ମିଳିନଥିବା ଅଭିଯୋଗ ହୋଇଛି । ପ୍ରାୟ ୪୮ ଘଣ୍ଟା ପରେ ଲୋକଙ୍କୁ ସ୍ୱଳ୍ପ ପରିମାଣର ଶୁଖିଲା ଓ ରନ୍ଧା ଖାଦ୍ୟ ମିଳିଥିଲା ।

କିଟ୍‌ରେ ପୂର୍ବାଞ୍ଚଳ ଏନ୍ଏସ୍ଏସ୍ ପ୍ରାକ୍-ଗଣତନ୍ତ୍ର ଦିବସ ପରେଡ୍ ଶିବିର

୧୦ ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ଯୋଗଦାନ



ଭୁବନେଶ୍ୱର, ୧୩ ।୧୧(ନିପ୍ର): କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାଞ୍ଚଳ ଏନ୍ଏସ୍ଏସ୍ ପ୍ରାକ୍ ଗଣତନ୍ତ୍ର ଦିବସ ପରେଡ୍ ଶିବିର-୨୦୨୬ ଉଦ୍‌ଘାଟିତ ହୋଇଛି । ନଭେମ୍ବର ୧୩ରୁ ୨୨ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ଏହି ଶିବିର ଅନୁଷ୍ଠିତ ହେବ । ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍)ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶାଳୟ ଓ କିଟ୍ ଏନ୍ଏସ୍ଏସ୍ ବ୍ୟୁରୋର ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହେଉଛି । ଏଥିରେ ପୂର୍ବାଞ୍ଚଳର ୧୦ଟି ରାଜ୍ୟରୁ ପ୍ରାୟ ୨୦୦ ଜଣ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି । ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ମଣିପୁର ଓ ମେଘାଳୟ ସମେତ ବିଭିନ୍ନ ରାଜ୍ୟର ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଏନ୍ଏସ୍ଏସ୍‌ର ବହୁ ବରିଷ୍ଠ ଅଧିକାରୀ, ଅତିଥି ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ । କିଟ୍ ଏନ୍ଏସ୍ଏସ୍ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡ. ପ୍ରଭାତ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ତଥା କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି,ଉପକୁଳପତି ପ୍ରଫେସର ଦେବାଶିଷ ବାନାର୍ଜୀ ଏବଂ ଏନ୍ଏସ୍ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ କୁମାର କୁଶୱାହା ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଯୋଗଦେଇଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଅତିଥିମାନେ ଶୁଭେଚ୍ଛା ଜଣାଇବା ସହ ଏହି ଶିବିର ଯୁବପିଢ଼ିଙ୍କ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ବୋଲି କହିଥିଲେ । ଏହି ଶିବିରର ଅନୁଭୂତି ସ୍ୱେଚ୍ଛାସେବୀଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ସେମାନଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ଦକ୍ଷତାର ବିକାଶରେ ସହାୟକ ହେବ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ । ଶିବିରରେ ଓଡ଼ିଶାରୁ ୫୨ ଜଣ, ଆସାମରୁ ୩୮ ଜଣ ଏବଂ ମେଘାଳୟରୁ ୧୪ ଜଣ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି । ଏହି ୧୦ ଦିନିଆ ଶିବିରରେ ସ୍ୱେଚ୍ଛାସେବୀମାନଙ୍କୁ ଶୃଙ୍ଖଳା, ନେତୃତ୍ୱ, ଶାରୀରିକ ସୁସ୍ଥତା ଓ ଜାତୀୟ ସେବା ମନୋଭାବର ବିକାଶ ପାଇଁ କଠୋର ପ୍ରଶିକ୍ଷଣ ଦିଆଯିବ । ଆଗାମୀ ଗଣତନ୍ତ୍ର ଦିବସ ପରେଡ୍ ଚୟନ ପ୍ରକ୍ରିୟାର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ପ୍ରତିଭାବାନ ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ ଓ ପ୍ରସ୍ତୁତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ତୀବ୍ର ପ୍ରଶିକ୍ଷଣ ଅଧିବେଶନ, ମାର୍ଚ୍ଚିଂ, ପରେଡ୍ ଅଭ୍ୟାସ, ଶାରୀରିକ ବ୍ୟାୟାମ ଓ ଅନ୍ୟାନ୍ୟ ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହା ସହ ବିଭିନ୍ନ ରାଜ୍ୟରୁ ଆସିଥିବା ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ, ଭାବ ବିନିମୟ ଓ ଜାତୀୟ ଏକତା ଭାବନାକୁ ସୁଦୃଢ଼ କରିବାର ସୁଯୋଗ ସୃଷ୍ଟି ହେବ ।

ପକ୍କା ରାସ୍ତା ଓ ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ୧୦ରୁ ଊର୍ଦ୍ଧ୍ୱ ପରିବାର, ଭୋଟ ବର୍ଜନ ଚେତାବନୀ

ସାଲେପୁର, ୧୩/୧୧ (ନିପ୍ର): ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଗାଁକୁ ନାହିଁ ପକ୍କା ରାସ୍ତା, ନା ମିଳିଛି ବିଦ୍ୟୁତ୍ ସଂଯୋଗ । ବିଲ ହିଡ଼ ହିଁ ଏଠାକାର ଲୋକଙ୍କ ଯାତାୟାତର ଏକମାତ୍ର ଭରସା । ଏଭଳି ଦୁର୍ଦ୍ଦଶାର ଚିତ୍ର ଦେଖିବାକୁ ମିଳିଛି କଟକ ଜିଲ୍ଲା ସାଲେପୁର ବ୍ଲକ ବାରିଗୋଳ ପଞ୍ଚାୟତ ଅନ୍ତର୍ଗତ ବେଡେଇ ଗ୍ରାମର ସାମଲ ସାହିରେ । ଦୀର୍ଘଦିନ ଧରି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଥିବା ସାହିବାସୀ ଏବେ ଆଗାମୀ ଏନ୍ଏସି ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି । ସାମଲ ସାହିରେ ୩୦ରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତିର ପରିବାର ବସବାସ କରୁଥିବାବେଳେ ମୌଳିକ ସୁବିଧାର ଅଭାବ ଯୋଗୁଁ ଅନେକ ପରିବାର ଗାଁ ଛାଡ଼ି ଅନ୍ୟତ୍ର ରହୁଛନ୍ତି । ବର୍ତ୍ତମାନ ୧୦ରୁ ଊର୍ଦ୍ଧ୍ୱ ପରିବାର ଏଠାରେ ରହୁଛନ୍ତି । ସାହିରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରିବା ପାଇଁ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇନାହିଁ । ଫଳରେ ଲୋକେ ବିଲ ହିଡ଼ ଦେଇ ଯାତାୟାତ କରୁଛନ୍ତି । ବର୍ଷା ଦିନେ ଏହି ହିଡ଼ କାଦୁଅରେ ପରିପୂର୍ଣ୍ଣ ହୋଇଯିବାରୁ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପଡୁଛି । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ସ୍କୁଲ ଓ କଲେଜ ଯିବାଠାରୁ ଆରମ୍ଭ କରି ହାଟବଜାର ଓ ଡାକ୍ତରଖାନା ଯିବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଲୋକେ ହଇରାଣ ହେଉଛନ୍ତି । ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ସାହି ଭିତରକୁ ପହଞ୍ଚି ପାରୁନାହିଁ । ଫଳରେ ଗୁରୁତର ରୋଗୀ ଓ ପ୍ରସୂତିଙ୍କୁ ଭାରରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ନେବାକୁ ପଡୁଛି । ଅନ୍ୟପକ୍ଷରେ ବିଦ୍ୟୁତ୍ ସଂଯୋଗ ନଥିବାରୁ ରାତିରେ ଅନ୍ଧାରରେ ରହିବାକୁ ପଡୁଥିବା କୁହାଯାଇଛି ।

AFFIDAVIT

By virtue of an affidavit sworn before the Executive Magistrate, Banpur, on dated 13/11/2026, I Rama krushna Patra, S/O-Bauribandhu patra, At-Halanda, Po-Badasireipur, P. S. - Banpur, Dist- Khordha, Odisha, Pin-752031, declare that I have changed the name of my minor Son from Biswajit Bisoi to Biswajeet Patra, Henceforth, my son's name shall be known as Biswajeet Patra for all purposes.

sd- Rama krushna patra

AFFIDAVIT

By virtue of an affidavit sworn before The Executive Magistrate, Bhubaneswar dated: 31.03.2026, I, Sri Babaji Bhanja, S/o-Laxmidhar Bhanja, resident of Vill-Pari Palei, PO-Panasudha, PS-Balichandrapur, Dist-Jajpur, Odisha, PIN-754207 declare that I have changed my name from Babaji Bhanja to Prakash Chandra Bhanja. Henceforth, I shall be known as Prakash Chandra Bhanja for all purposes.

Sd/-Prakash Chandra Bhanja

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCTEECOR BBS202603, ତା.09.11.2026ରିଖ

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ଏକକ ଟେଣ୍ଡର ଆଧାରରେ OEM ମେସର୍ସ PARAS ଇଲେକ୍ଟ୍ରୋନିକ୍ସ, 5-A/5, ରୋଡ୍ ନଂ. 1, I.D.A., ନାଚାରାମ, ହାଇଦ୍ରାବାଦ-500076ର ସ୍ୱୀକୃତ ବିକ୍ରେତା ମେସର୍ସ NVJ ଇଲେକ୍ଟ୍ରୋନିକ୍ସ ଆଣ୍ଡ ସର୍ଭିସେସ୍, ହାଓଡ଼ାଙ୍କ ଜରିଆରେ ପୂର୍ବ ତଟ ରେଳପଥରେ ମୁତୟନ 17 ଗୋଟି ଡିଜିଟାଲ AT ୱେଲ୍ଡ ଟେଷ୍ଟର A-ସ୍କାନ (ମଡେଲ ନଂ. 311 D) ଏବଂ 03 ଗୋଟି ଡିଜିଟାଲ SRT B-ସ୍କାନ 9 ଚ୍ୟାନେଲ (ମଡେଲ ନଂ. 2011 B) ସହିତ PARAS (ମେସର୍ସ PARAS ଇଲେକ୍ଟ୍ରୋନିକ୍ସ, 5-A/5, ରୋଡ୍ ନଂ. 1, I.D.A., ନାଚାରାମ, ହାଇଦ୍ରାବାଦ-500076) ନିର୍ମିତ 20 ଗୋଟି USFD ମେସିନଗୁଡ଼ିକ ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 3,19,23,108/-, **EMD :** ₹ 6,38,500/-, **କାର୍ଯ୍ୟ ଶେଷ ହେବା ଅବଧି :** 24 (ଚବିଶି) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.12.2026ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ସମସ୍ତ ଟେଣ୍ଡର ନଥିପତ୍ରକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଟେଣ୍ଡର ନଥିପତ୍ର ଅନୁଯାୟୀ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ଯନ୍ତ୍ରୀ (ଟ୍ରାକ୍)/ ଭୁବନେଶ୍ୱର

PR-559/R/26-27

ନାଲ୍‌କୋର 'ମିଡିଆ କନେକ୍ଟ-୨୦୨୬' ଆୟୋଜିତ

୩୦ ହଜାର କୋଟି ନିବେଶରେ ଅନୁଗୋଳ ସ୍ମେଲଟର ସମ୍ପ୍ରସାରଣ ଯୋଜନା

ଭୁବନେଶ୍ୱର, ୧୩।୧୧: ନାଲକୋ ପକ୍ଷରୁ ଭୁବନେଶ୍ୱରରେ 'ମିଡିଆ କନେକ୍ଟ-୨୦୨୬' ଆୟୋଜିତ ହୋଇଯାଇଛି । ଏଥିରେ କମ୍ପାନୀର ଭବିଷ୍ୟତ ଅଭିବୃଦ୍ଧି, ସମ୍ପ୍ରସାରଣ ଯୋଜନା, ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଓ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ଆଲୋଚନା ହୋଇଥିଲା । ନାଲକୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ସମେତ କମ୍ପାନୀର ବିଭିନ୍ନ ନିର୍ଦ୍ଦେଶକ ଏଥିରେ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଭାବ ବିନିମୟ କରିଥିଲେ । ସିଏମ୍‌ଡି ଶ୍ରୀ ସିଂହ କହିଥିଲେ ଯେ, ଦେଶରେ ଆଲୁମିନିୟମ୍‌ର ବର୍ଦ୍ଧିତ ଚାହିଦା ପୂରଣ ପାଇଁ ନାଲକୋ ଖଣି, ବିଶୋଧନ ଓ ସ୍ମେଲଟର କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି । ଅନୁଗୋଳଠାରେ ୦.୫ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ବ୍ରାଉନଫିଲ୍ଡ ସ୍ମେଲଟର ସମ୍ପ୍ରସାରଣ ପାଇଁ ୩୦ ହଜାର କୋଟି ଟଙ୍କା ନିବେଶ ଯୋଜନା ରହିଛି । ଏହାଦ୍ୱାରା ସ୍ମେଲଟିଂ କ୍ଷମତା ୧ ଏମ୍‌ଟିପିଏକୁ ବୃଦ୍ଧି ପାଇବ । ୨୦୩୦-୩୧ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ଲକ୍ଷ୍ୟ ରହିଛି । ଏଥିସହ ୨୦୩୦ ସୁଦ୍ଧା ନବୀକରଣଯୋଗ୍ୟ ଶକ୍ତିରୁ ମୋଟ ଆବଶ୍ୟକତାର ୨୫ରୁ ୩୦ ପ୍ରତିଶତ ପୂରଣ କରିବାକୁ ନାଲକୋ ଲକ୍ଷ୍ୟ ରଖିଛି । କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ପାଇଁ ଏଆଇ ଓ ଏମ୍ଏଲ୍ ପ୍ରଯୁକ୍ତିର ବ୍ୟବହାର ସହ ଡିଜିଟାଲ ରୂପାନ୍ତର ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପୁନରୁଦ୍ଧାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଉଲ୍ଲେଖଯୋଗ୍ୟ, ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନାଲକୋ ୧୧,୧୪୩ କୋଟି ଟଙ୍କାର ସର୍ବକାଳୀନ ସର୍ବାଧିକ ମୋଟ ଆୟ ହାସଲ କରିଛି । ଏହା ପୂର୍ବବର୍ଷର ସମାନ ଅବଧି ତୁଳନାରେ ୩୩ ପ୍ରତିଶତ ଅଧିକ । ଏହି ସମୟରେ ଏବିଟା ୫୦ ପ୍ରତିଶତ ବୃଦ୍ଧି ପାଇ ୫,୫୩୯ କୋଟି ଟଙ୍କା ଏବଂ କର ପରବର୍ତ୍ତୀ ଲାଭ ୫୪ ପ୍ରତିଶତ ବୃଦ୍ଧି ପାଇ ୩,୮୩୭ କୋଟି ଟଙ୍କାରେ ପହଞ୍ଚିଛି । କମ୍ପାନୀର ଏହି ସଫଳତା ଏହାର ସୁଦୃଢ଼ ବ୍ୟବସାୟିକ ସ୍ଥିତି ଓ କାର୍ଯ୍ୟକ୍ଷମ ଦକ୍ଷତାକୁ ପ୍ରତିଫଳିତ କରୁଛି ।



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ